

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୫ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 25 MAY 2023
Vol.No. 34 ■ No. 137 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନୂଆ ସଂସଦ ଭବନରେ ସୁନା ରାଜ-ଦଣ୍ଡ 'ସେଙ୍ଗୋଲ୍' ସ୍ଥାପନା କରିବେ ପ୍ରଧାନମନ୍ତ୍ରୀ

■ସମାରୋହରେ ସାମିଲ୍ ହେବ ବିଜେଡି, ଅକାଳୀ ଦଳ, ୱାଇଏସଆର କଂଗ୍ରେସ

■ଉଦ୍‌ଘାଟନୀ ଉତ୍ସବକୁ ବୟକଟ କରିବାକୁ କଂଗ୍ରେସ ସମେତ ୧୯ଟି ଦଳର ଘୋଷଣା





ନୂଆଦିଲ୍ଲୀ,୨୪/୦୫ : ଆସନ୍ତା ରବିବାର ଦିନ ନୂଆ ସଂସଦ ଭବନ ଉଦ୍‌ଘାଟନ କରିବା ଅବସରରେ ଲୋକସଭା ବାଚସ୍ପତିଙ୍କ ଆସନ ପାର୍ଶ୍ୱରେ ପ୍ରଧାନମନ୍ତ୍ରୀ ମୋଦୀ 'ସେଙ୍ଗୋଲ୍' (ଅଳଙ୍କୃତ ରାଜ-ଦଣ୍ଡ) ସ୍ଥାପନା କରିବେ ବୋଲି ଆଜି ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରର ୯ମ ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକ ସମ୍ମିଳନୀ ଡକାଇ ସେ କହିଛନ୍ତି ଯେ, ମେ ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ମୋଦୀ ନୂତନ ସଂସଦ ଭବନ ଉଦ୍‌ଘାଟନ କରିବେ। ରେକର୍ଡ ସମୟ ମଧ୍ୟରେ ନୂଆ ସଂସଦ ଭବନ ନିର୍ମାଣ ସମ୍ପନ୍ନ ହୋଇଛି ଏବଂ ଏହାକୁ ନିର୍ମାଣ କରିଥିବା ୬୦,୦୦୦ ଶ୍ରମଜୀବୀଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ସମ୍ମାନିତ କରିବେ। ସଂସଦ ଭବନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୀର୍ଘକାଳୀନ ଦୂରଦୃଷ୍ଟି ପ୍ରତିପାଦନ କରୁଛି। ସେ ଆହୁରି ମଧ୍ୟ କହିଛନ୍ତି, ଏହି ଅବସରରେ ଗୋଟାଏ ଐତିହାସିକ ଘଟଣାର ପୁନଃରାବୃତ୍ତି ବି ହେବ। ତାହା ହେଲା, ପ୍ରଧାନମନ୍ତ୍ରୀ ମୋଦୀ ଲୋକସଭାର ବାଚସ୍ପତିଙ୍କ ଆସନ ପାର୍ଶ୍ୱରେ 'ସେଙ୍ଗୋଲ୍' (ଅଳଙ୍କୃତ ରାଜ-ଦଣ୍ଡ) ସ୍ଥାପନା କରିବେ। ଏହା ଆମ ଦେଶର ପରମ୍ପରା ଓ ଐତିହ୍ୟ ସହିତ ଜଡ଼ିତ। ଇତିହାସରେ ବି ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। କିନ୍ତୁ, ଅନେକ ବର୍ଷ ହେବ ଏହା ଆମ ଦୃଷ୍ଟିକୁ ଆସିନାହିଁ। ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଦିନ ନେହେରୁ ଏହାକୁ ବ୍ରିଟିସ୍‌ମାନଙ୍କଠାରୁ ଗ୍ରହଣ କରିଥିଲେ। ଭାରତୀୟ ସଂସ୍କୃତି, ବିଶେଷତଃ ତାମିଲ ସଂସ୍କୃତିରେ 'ସେଙ୍ଗୋଲ୍'ର ଖୁବ୍ ମହତ୍ତ୍ୱ ରହିଛି। ଚୋଳ ରାଜବଂଶ ଅମଳରୁ 'ସେଙ୍ଗୋଲ୍'ର ଗୁରୁତ୍ୱ ରହି ଆସିଛି। ଏହାକୁ ନୂଆ ସଂସଦ ଭବନରେ ରଖାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବ୍ରିଟିସ୍ ମାନଙ୍କଠାରୁ ଭାରତୀୟମାନଙ୍କ ହାତକୁ କ୍ଷମତା ହସ୍ତାନ୍ତର କରିବାର ସଙ୍କେତସ୍ୱରୂପ ଏହି ରାଜଦଣ୍ଡକୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଅର୍ପଣ କରାଯାଇଥିଲା। ପରେ ▶▶ପୃଷ୍ଠା ୭

# ପ୍ରବଳ ତାତିରେ ଡହଳ ବିକଳ ଜନଜୀବନ

## ୪୪ ଡିଗ୍ରୀ ସହ ନୂଆପଡା ସବୁଠୁ ଉତ୍ତପ୍ତ



ଭୁବନେଶ୍ୱର, ୨୪/୦୫ (ନି.ପ୍ର): ରାଜ୍ୟରେ ତାତି ଥମିବାର ନାଁ ନେଉନାହିଁ । ଗତକାଲି ଭଳି ଆଜି ମଧ୍ୟ ବିଭିନ୍ନ ସହରରେ ଗ୍ରୀଷ୍ମ ଲହରି ଜାରି ରହିଛି। ସକାଳ ୮ଟାରୁ ଖରା ସାଙ୍ଗକୁ ଗୁଳୁଗୁଳି ଅସ୍ତବ୍ୟସ୍ତ କରି ପକାଉଛି। ଅପରାହ୍ନ ୫ ଟା ପୂର୍ବରୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ବୁଧବାର ରାଜ୍ୟର ୨୫ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଯାହା ମଧ୍ୟରୁ ୯ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ଓ ୪ ଟି ସହରର ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ଏହି ତାଲିକାରେ ୪୪ ଡିଗ୍ରୀ ସହ ନୂଆପଡ଼ା ଶୀର୍ଷରେ ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ ନୂଆପଡାରେ ସର୍ବାଧିକ ୪୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ୪୩.୪ ସହିତ ଝାରସୁଗୁଡ଼ା ଦ୍ୱିତୀୟ ସର୍ବାଧିକ ଉତପ୍ତ ସହର ପାଲଟିଛି। ସେହିପରି ତାଳଚେରରେ ୪୩.୨, ଅନୁଗୁଳରେ ୪୩.୧, ସମ୍ବଲପୁରରେ ୪୨.୯, ଭୁବନେଶ୍ୱରରେ ୪୨.୮, ▶▶ପୃଷ୍ଠା ୭

# ଛାତ୍ରଙ୍କୁ ଗୁଳି କଲେ ଦୁର୍ବୃତ୍ତ: ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତି



ବାଲେଶ୍ୱର , ୨୪/୦୫ (ନି.ପ୍ର): ପୁଣି ଅଶାନ୍ତ ବାଲେଶ୍ୱର। ଜିଲ୍ଲାର ରେମୁଣା ଗୋଲେଇରେ ଗର୍ଜିଲା ବନ୍ଧୁକ। ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଗୁଳିକାଣ୍ଡର ଶୀକାର ହୋଇଥିବା ଛାତ୍ର ହେଲେ ପିଙ୍କୁ ଦାସ। ସେ ରେମୁଣା ଯୁକ୍ତ ତିନି କଲେଜ୍‌ରେ ଛାତ୍ର ଥିଲେ। ଗୁଳି କରିବା ପରେ ଦୁର୍ବୃତ୍ତ ପିଙ୍କୁଙ୍କ ହାତ ମଧ୍ୟ ହାଣିଛନ୍ତି। ଗୁରୁତର ଭାବେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି।

# ପ୍ରତି ପଂଚାୟତରେ ଗଡ଼ିବ ମୋ ବସ୍

ଭୁବନେଶ୍ୱର, ୨୪/୦୫ (ନି.ପ୍ର): ଏଣିକି ପ୍ରତି ପଂଚାୟତରେ ଗଡ଼ିବ 'ମୋ ବସ୍'। ବ୍ଲକ୍ ମୁଖ୍ୟାଳୟରୁ ପ୍ରତି ପଂଚାୟତକୁ ମୋ ବସ୍ ଚାଲିବ। ଲକ୍ଷ୍ମୀ ସ୍କିମ୍ ରେ ଗ୍ରାମାଂଚଳରେ ମୋ ବସ୍



ଚାଲିବ। ପ୍ରଥମ ପର୍ଯ୍ୟାୟରେ ପାଇଲଟ ପ୍ରୋଜେକ୍ଟରେ ୬ଟି ଜିଲ୍ଲାରେ ଚାଲିବ। ଏହି ଜିଲ୍ଲାଗୁଡିକ ହେଲା କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି ଓ ଗଜପତି । ଏନେଇ ପରିବହନ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି।

# ଆଇଏଏସ କୋଚିଂ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି: ଫଳ ଶୂନ

ଭୁବନେଶ୍ୱର, ୨୪/୦୫ (ନି.ପ୍ର): ଆଇଏଏସ କୋଚିଂ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ଫଳ ଶୂନ। ତଥ୍ୟ କହୁଛି ୨୦୧୬ରୁ ୨୦୧୮ ଯାଏଁ ରାଜ୍ୟରେ ୫୦ରୁ ଅଧିକ ଡିଗ୍ରୀ କଲେଜ ଓ ୮ଟି ବିଶ୍ୱ ବିଦ୍ୟାଳୟରେ ମାଗଣା କୋଚିଂ ସେଣ୍ଟର ଖୋଲିଥିଲେ ସରକାର। ସେଥିପାଇଁ ଖର୍ଚ୍ଚ ହୋଇଥିଲା ୧ କୋଟି ୮୨ ଲକ୍ଷ ଟଙ୍କା। ପୁଣି ୨୦୧୯ ମସିହାରେ ଧେୟ ଇନ୍‌ଷ୍ଟିଚ୍ୟୁଟ ସହ ଚୁକ୍ତି ସ୍ୱାକ୍ଷର କରି ଭୁବନେଶ୍ୱରରେ କୋଚିଂ ହବ ମଧ୍ୟ ପ୍ରତିଷ୍ଠା କରି ୯୯ ଜଣ ପିଲାଙ୍କୁ କୋଚିଂ ଦେଇଥିଲେ। ମୋଟ୍ ଉପରେ କୋଚିଂ ବାବଦକୁ ୨ କୋଟି ୪୨ ଲକ୍ଷ ଖର୍ଚ୍ଚ ହୋଇଥିବା ତଥ୍ୟ କହୁଛି। ନିକଟରେ ଇଉଛ ଆଇଏଏସ ଏକାଡେମୀ ସହ ଚୁକ୍ତି କରି ପୁଣି ଆରମ୍ଭ କରିଛନ୍ତି ଆଇଏଏସ କୋଚିଂ। ଚଳିତ ଥର ୨୦୦ ପିଲା ଆଡ୍‌ମିଶନ ନେଇଛନ୍ତି। ସେପଟେ ମଙ୍ଗଳବାର ପ୍ରକାଶ ପାଇଥିବା ସିଭିଲ ସର୍ଭିସ୍ ପରୀକ୍ଷାରେ ଓଡ଼ିଆ ପିଲାଙ୍କ ସଫଳତାକୁ ନେଇ ବଢିଛି ଚର୍ଚ୍ଚା। ହେଲେ ତା'ଠାରୁ ଅଧିକ ଆଲୋଚନା ଆଉ ସମାଲୋଚନା ସିଭିଲ ସର୍ଭିସ କୋଚିଂକୁ ନେଇ। କାହିଁକି ନା ଏଥର ୟୁପିଏସସିରେ ସଫଳ ହୋଇଥିବା ଅଧିକାଂଶ ରାଜ୍ୟ ବାହାରେ କୋଚିଂ ନେଇଛନ୍ତି। ▶▶ପୃଷ୍ଠା ୭

# ବଦଳିଲା ମାଟ୍ରିକ୍ ପରୀକ୍ଷା ଢାଂଚା

■ପୂର୍ବଭଳି ହେବ ବାର୍ଷିକ ପରୀକ୍ଷା

■ଜୁଲାଇ ୩ରୁ ମାଟ୍ରିକ୍ ସପ୍ଲିମେଂଟାରୀ



ଭୁବନେଶ୍ୱର, ୨୪/୦୫ (ନି.ପ୍ର): ମାଟ୍ରିକ୍ ପରୀକ୍ଷା ଢାଂଚାରେ ପରିବର୍ତ୍ତନ କରାଯାଇଛି। ପୂର୍ବ ପ୍ରଚଳିତ ୨ଟି ସମ୍ମେଟିଭ୍ ପରୀକ୍ଷା କରାଯିବ ନାହିଁ। କେବଳ ଦଶମ ଶ୍ରେଣୀରେ ବାର୍ଷିକ ପରୀକ୍ଷା ହେବ। ପିଲାଙ୍କ ଅଭ୍ୟାସ ପାଇଁ ପୂର୍ବରୁ ଯେଉଁଭଳି ଷାଣ୍ମାସିକ ପରୀକ୍ଷା ହେଉଥିଲା ତାହା କରାଯିବ। ଇଂଟରନାଲ ଆସେସମେଂଟ ପରୀକ୍ଷା ୪ଟି କ୍ୱାର୍ଟରରେ ହେବ। ବୋର୍ଡ ସଭାପତି ରାମାଶିଷ ହାଜରା ବୁଧବାର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେହିପରି ନବମ ଶ୍ରେଣୀ ପାଇଁ ବାର୍ଷିକ ପରୀକ୍ଷାରେ ବୋର୍ଡ ପକ୍ଷରୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ। ▶▶ପୃଷ୍ଠା ୭

# ଟୋଲ ଆଦାୟକୁ ନେଇ ମହାଭାରତ: କର୍ମଚାରୀ ଓ ପର୍ଯ୍ୟଟକ ପିଟାପିଟି

ଭୁବନେଶ୍ୱର, ୨୪/୦୫ (ନି.ପ୍ର): ଗେଟରେ ପାରି ହେବା ପାଇଁ ଅର୍ଥ ରାଶିକୁ ନେଇ ମୁଣ୍ଡଳୀ ଟୋଲ ଗେଟର କର୍ମଚାରୀ ଓ ଛତିଶଗଡ ପର୍ଯ୍ୟଟକଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ବସ୍‌ରେ ଥିବା ୧୧ଜଣ ଟୁରିଷ୍ଟ ଓ ୩ ଜଣ କର୍ମଚାରୀ ଆହତ ହୋଇଛନ୍ତି। ସମସ୍ତ ଆହତମାନଙ୍କୁ ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜଣେ ଗେଟ୍ କର୍ମଚାରୀଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଛତିଶଗଡରୁ ୨ଟି ବସ୍‌ରେ ଟୁରିଷ୍ଟମାନେ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲିବାକୁ ଆସିଥିଲେ। ଗତକାଲି ପୁରୀ ଓ ନନ୍ଦନକାନନ ବୁଲି ପର୍ଯ୍ୟଟକମାନେ ଛତିଶଗଡ଼ ଫେରୁଥିଲେ। ମୁଣ୍ଡଳି ଟୋଲ ଗେଟ୍‌ରେ କର୍ମଚାରୀମାନେ ବସ୍ ଡ୍ରାଇଭରକୁ ଗେଟରେ ପାରି ହେବା ପାଇଁ ଅର୍ଥ ରାଶି ମାଗିଥିଲେ। ଧାର୍ଯ୍ୟ ରାଶି ଠାରୁ ଟୋଲ ଗେଟ୍ କର୍ମଚାରୀ ଅଧିକ ଟଙ୍କା ମାଗିଥିବା ବସ୍ ଡ୍ରାଇଭର ▶▶ପୃଷ୍ଠା ୭

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ: ଭଙ୍ଗାହେଲା ବଡ଼ଆଖଡ଼ା ମଠ ଘର

ପୁରୀ, ୨୪/୦୫ (ନି.ପ୍ର): ବହୁଦିନର ନିରବତା ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ପାଇଁ ଆଜି ପୁଣି ଉଚ୍ଛେଦ ଆରମ୍ଭ ହୋଇଛି। ଆଜି ବଡ଼ଦାଣ୍ଡକୁ ଲାଗି ଥିବା ବଡ଼ ଆଖଡ଼ା ମଠର ପୁରୁଣା ଘରକୁ ଉଚ୍ଛେଦ କରାଯାଇଛି। ଆଜି ଜେସିବି ଲଗାଇ ଉତ୍ତର-ପୂର୍ବ ଦ୍ୱାର କୋଣରେ ଥିବା ଏହି ଦୁଇ ମହଲା ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ପୂର୍ବରୁ ବଡ଼ ଆଖଡ଼ା ମଠର ଅଧିକାଂଶ ଘର ଉଚ୍ଛେଦ ସରିଥିଲା। ବାକି ଘର ଆଜି ଉଚ୍ଛେଦ କରାଯାଇଛି। ଏ ସମ୍ପର୍କରେ ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି, ପୂର୍ବରୁ ଏହି କୋଠା ଭାଙ୍ଗିବାର ଯୋଜନା ଥିଲା। କିନ୍ତୁ ବିଭିନ୍ନ କାରଣରୁ ଭଙ୍ଗା ଯାଇନଥିଲା। ଆଜି ଏହି କୋଠାକୁ ଭଙ୍ଗାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ମଠର ନୂଆ ଘର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳ ବାହାରେ ଅର୍ଥାତ୍ ଶହେ ମିଟର ବାହାରେ ନିର୍ମାଣ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି।

# 'ଫୌଜଦାରୀ ମାମଲା ବିଚାରାଧୀନ ଥିଲେ ସରକାରୀ କର୍ମଚାରୀଙ୍କୁ ପଦୋନ୍ନତି ମନା'



ଭୁବନେଶ୍ୱର, ୨୪/୦୫ (ନି.ପ୍ର): ଭିଜିଲାନ୍ସ କିମ୍ବା ଅନ୍ୟ ଫୌଜଦାରୀ ମାମଲା ବିଚାରାଧୀନ ଥିଲେ ସରକାରୀ କର୍ମଚାରୀଙ୍କୁ ପଦୋନ୍ନତି ମିଳିବ ନାହିଁ। ଆଜି ଏଭଳି ରାୟ ଶୁଣାଇଛନ୍ତି ଓଡିଶା ହାଇକୋର୍ଟ। ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ଦାୟର କରିଥିବା ୪୬ଟି ରିଟ୍ ଅପିଲର ଏକତ୍ର ଶୁଣାଣି କରି ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ୍.ମୁରଲୀଧର ଓ ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ଏପରି ରାୟ ପ୍ରଦାନ କରିଛନ୍ତି। ତେବେ ପଦୋନ୍ନତି ପ୍ରସଙ୍ଗ ବିଚାରାଧୀନ ଫୌଜଦାରୀ ମାମଲାର ଫଳାଫଳ ଉପରେ ନିର୍ଭର କରିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଯଦି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥିବା ଫୌଜଦାରୀ ମାମଲାର ରାୟ ତାଙ୍କ ସପକ୍ଷରେ ଯାଏ ଓ ତାଙ୍କ ବିରୋଧରେ ରହିଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରୁ ସେ ଦୋଷମୁକ୍ତ ହୁଅନ୍ତି, ତେବେ ତାଙ୍କୁ ପଦୋନ୍ନତି ମିଳିପାରିବ। ଯଦି ଫୌଜଦାରୀ ମାମଲାର ରାୟ ପ୍ରକାଶ ବେଳକୁ ସଂପୃକ୍ତ କର୍ମଚାରୀ ଅବସର ଗ୍ରହଣ କରି ସାରିଥିବେ, ତାହାହେଲେ ▶▶ପୃଷ୍ଠା ୭

# ବିଶ୍ୱନାଥ ଏକାଡେମୀର ପ୍ଲାଟିନମ୍ ଜୁବୁଲି ଉଦ୍‌ଘାଟିତ

## ପ୍ରଗତି ଓ ସଫଳତା ମଧ୍ୟରେ ପ୍ରକୃତି ଉପଲବ୍ଧି ହିଁ ପୂର୍ଣ୍ଣତା : ରାଜ୍ୟପାଳ




ଜଳେଶ୍ୱର ୨୪/୫(ନି.ପ୍ର): ପ୍ରଗତି ଓ ସଫଳତା ମାନବ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣୁଥିଲେ ମଧ୍ୟ ପ୍ରକୃତି ଉପଲବ୍ଧି ଓ ଶ୍ରେଷ୍ଠତ୍ୱ, ପୂର୍ଣ୍ଣ ଆଣିଦେଇ ପାରିନାହିଁ। ତେଣୁ ଶିକ୍ଷା କ୍ଷେତ୍ରରେ ଅଭିଭାବକ ଓ ଗୁରୁମାନେ ଛାତ୍ରଛାତ୍ରୀଙ୍କ ହାତଧରୀ ବାଟ କଢେଇନେବାର ସମୟ ଉପନିତ । ଚନ୍ଦ୍ରରେ ମଣିଷ ପହଞ୍ଚିପାରିଥିଲେ ମଧ୍ୟ ସର୍ବଶ୍ରେଷ୍ଠ ପ୍ରଗତି ଓ ସଫଳତା କୁହାଯାଇନପାରେ । ପ୍ରଯୁକ୍ତି ବିଦ୍ୟାର ବିକାଶ ମଧ୍ୟରେ ଭାରତୀୟ ସଂସ୍କୃତି ଓ ତଥ୍ୟକୁ ଅଗ୍ରାଧିକାର ଦେବାକୁ ପଡିବବୋଲି ମହାମହୀମ ରାଜ୍ୟପାଳ ଏଠାରେ କହିଛନ୍ତି। ବାଲେଶ୍ୱର କିଲାର ୪ର୍ଥ ତଥା ଜଳେଶ୍ୱର ବ୍ଲକର ୨ୟ ପୁରାତନ ଉଚ୍ଚ ବିଦ୍ୟାଳୟ ବିଶ୍ୱନାଥ ଏକାଡେମୀର ପ୍ଲାଟିମ ଜୁବୁଲିକୁ ରାଜ୍ୟପାଳ ଶ୍ରୀଯୁକ୍ତ ଗଣେଶୀ ଲାଲ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ଲଟିମନ ଜୁବୁଲି ସଭାପତି ଆଇନଜିବୀ ନିତ୍ୟଗୋପାଳ ଦାସ ପୌରହିତ୍ୟ କରି ସ୍ୱାଗତ ଅଭିଭାଷଣ ତଥା ବିଦ୍ୟାଳୟର କୃତିତ୍ୱ ସଂପର୍କରେ କହିଥିଲେ । ବିକାଶ ଓ ସଫଳତା ମଧ୍ୟରେ ସେଦିନର ଅର୍ଜୁନ ଦ୍ରୁଣାଚାର୍ଯ୍ୟ ଓ ଅନ୍ୟ କେତେକ ଗୁରୁଙ୍କଠାରୁ ଜ୍ଞାନର ବିକାଶ କରିଥିଲେ ମଧ୍ୟ ତାହା ତାଙ୍କୁ ପୂର୍ଣ୍ଣତାା ଆଣିଦେଇ ପାରିନାହିଁ ବୋଲି ଶ୍ରୀ ଲାଲ କହିଥିଲେ । ସେ ପୁଣି କହିଲେ ଯେ ଉନ୍ନତି ଓ ଡିଗ୍ରୀ ହାସଲ କରିବାକୁ ପ୍ରକୃତ ସଫଳତା କୁହାଯାଇନପାରେ ବରଂ ଜଗନ୍ନାଥଙ୍କ ଚକାଡୋଳା ପରି ପ୍ରତୀୟମାନ ହେଉଥିବା ଶୂନ (ଜିରୋ) ବହୁ ତତ୍ତ୍ୱ ଓ ଜ୍ଞାନର ଭଣ୍ଡାର ବୋଲି କହିଥିଲେ । ମହାମହୀମ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଗାଁକୁ ଆସି ଧୂଳି ମାଟି ଘରେ ରାତ୍ରୀ ଯାପନ ହିଁ ପ୍ରକୃତ ଉପଲବ୍ଧ ବୋଲି ଶ୍ରୀ ଲାଲ କହିଥିଲେ । ସମ୍ମାନୀତ ଅତିଥିଭାବେ ବିଧାୟକ ତଥା ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ଜୁବୁଲି ଉତ୍ସବରେ ଅତୀରତକୁ ମନେ ପକେଇବା ଏବଂ ଶିକ୍ଷାୟତନର ବିକାଶ ଘଟାଇବା ଉତ୍ସବାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ▶▶ପୃଷ୍ଠା ୭

# ନରସିଂହଙ୍କ ସାରସମାଲ ପଂଚାୟତ ଗସ୍ତ

## ୩ଟି ହାଇମାଷ୍ଟ ଲାଇଟ ଏବଂ ୨ଟି କମ୍ୟୁନିଟି ସେଂଟର ଉଦ୍‌ଘାଟନ

ବଲାଙ୍ଗୀର, ୨୪/୦୫ (ନି.ପ୍ର): ନିଜ ନିର୍ବାଚନ ମଣ୍ଡଳିର ଦେଓଗାଁ ବ୍ଲକ ସ୍ଥିତ ସାରସମାଲ ପଂଚାୟତରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି । ସାରସମାଲ ପଂଚାୟତ ସରପଂଚ ଗୋପାଲ କୃଷ୍ଣ ବାଗ ଙ୍କ ଉପସ୍ଥିତିରେ ଚୋରମରା ଠାରେ ୫ଲକ୍ଷ ଏବଂ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁଇଟି କମ୍ୟୁନିଟି ସେଣ୍ଟର ଯାହାକି ବିଧାୟକ ଶ୍ରୀ ମିଶ୍ର ନିଜ ବିଧାୟକ ପାଣ୍ଠିରୁ ଅନୁଦାନ ପ୍ରଦାନ କରିଥିଲେ । ତାହା ଆଜି ଉଦ୍ ?ଘାଟନ ହୋଇଯାଇଛି । ଉଦ୍‌ଘାଟନ ପରବର୍ତି ସଭାରେ ବିଧାୟକ ଶ୍ରୀ ମିଶ୍ର ଚୋରମରା ର ସାଧାରଣ ଲୋକଙ୍କ ଠାରୁ ବିଭିନ୍ନ ଅଭିଯୋଗ ଆପତି ଶୁଣିଥିଲେ । ମୁଖ୍ୟତଃ ରାସ୍ତା, ଇନ୍ଦିରାଆବାସ, ବାର୍ଦ୍ଧକ୍ୟଭତା ଓ କଳାକାର ଭତା ଲୋକେ ନିଜର ଅଭିଯୋଗ ଶୁଣାଇଥିଲେ । ଗାଁ ଭିତରେ ହୋଇଥିବା ବୈଠକରେ ଗାଁ ପିଲାମାନଙ୍କ ପାଇଁ ଏକ ଖେଳ ପଡିଆର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା । ଏହାକୁ ନେଇ ବିଧାୟକ ଶ୍ରୀ ମିଶ୍ର ଜମି ଚିହ୍ନଟ ଦିଗରେ ଗାଁ ବାସୀମାନେ ତହସିଲ କର୍ମଚାରୀଙ୍କ ସାହାଯ୍ୟ ନିଅନ୍ତୁ, ଉପଯୁକ୍ତ ଜମି ଥିଲେ ଖେଳ ପଡିଆ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ନିଜ ବକ୍ତବ୍ୟରେ ଶ୍ରୀ ମିଶ୍ର କେନ୍ଦ୍ର ସରକାରଙ୍କ ଦିଆଯାଇଥିବା ମିଥ୍ୟ ପ୍ରତିଶୃତି ଏବଂ ରାଜ୍ୟ ସରକାର ବିଜେଡି ଦଳର ନେତାମାନଙ୍କର ନାରୀ ନିର୍ଯାତନାକୁ ନେଇ ଏମାନଙ୍କ ବିରୁଦ୍ଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଂଚା ଦେଉଥିବାରୁ ସେଭଳିଆ ନେତାମାନେ ଆଗାମୀ ଦିନରେ ଏ ଅଂଚଳକୁ ଆସିଲେ ଗ୍ରାମବାସୀ ସେମାନଙ୍କୁ ନିର୍ଶ୍ଚିତ ଭାବରେ ଉଚିତ ଜବାବ ଦେବେ ବୋଲି ଉପସ୍ଥିତ ମା ଭଉଣୀମାନଙ୍କୁ ବିଧାୟକ ଶ୍ରୀ ମିଶ୍ର ସଚେତନ କରିଥିଲେ । ପରେ ପରେ ଅଫାମରା ଓ ସାରସମାଲ ଯାଇ ସେଠାରେ ନିଜ ବିଧାୟକ ପାଣ୍ଠିରୁ ପ୍ରଦାନ କରାଯାଇଥିବା ଅନୁଦାନରେ ନିର୍ମିତ ତିନୋଟି ହାଇମାଷ୍ଟ ଲାଇଟର ସୁଇଚ ଟିପି ତାହାର ଲୋକାର୍ପଣ କରିଥିଲେ । ସାରସମାଲ ଠାରେ ନିର୍ମାଣଧିନ ଥିବା ସିଲେଟକାନି ସାରସମାଲ ରାସ୍ତାରେ ସେତୁ ନିର୍ମାଣର ମନ୍ଥରତାକୁ ନେଇ ପ୍ରଶ୍ନ କରିଥିଲେ । ସାରସମାଲ ଏକ ପଂଚାୟତ ହେଡକ୍ୱାଟର ହୋଇଥିବା ସତ୍ୱେ ସେଠାରେ ଏଏନ୍‌ଏମ୍ ସେଂଟର ନ ଥିବାରୁ ଏ ଅଂଚଳର ମା'ମାନେ ଅନ୍ୟ ପଂଚାୟତ ଉପରେ ନିର୍ଭର କରୁଥିବାରୁ ଅସୁବିଧାକୁ ବିଧାୟକ ଶ୍ରୀ ମିଶ୍ରଙ୍କୁ କହିଥିଲେ । ଯାହାକି ବିଧାୟକ ଶ୍ରୀ ମିଶ୍ର ଏହା ଉପରେ ସକରାତ୍ମକ ପଦକ୍ଷେପ ନିଆଯିବାର ପ୍ରତିଶୃତି ଦେଇଥିଲେ । ପରେ ପରେ ଅଫାମରା ଗାଁ ରେ ମଧ୍ୟ ସ୍ଥାନୀୟ ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ ସାରସମାଲ ସରପଂଚ ଗୋପାଳ କୃଷ୍ଣ ବାଗ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, କଂଗ୍ରେସ ନେତା କାନ୍ତେଶ୍ୱର ପ୍ରଧାନ, ଦିଲିପ ସୁନା, କିଶୋର କ୍ଷେତୀ, ଗଦାଧର ପ୍ରଧାନ, ଭାଗବତ ମିଶ୍ର, ହେମନ୍ତ ଖମାରୀ, ପ୍ରଦୀପ ପ୍ରଧାନ, ମଦନ ସାହୁ, ଛାୟାକାନ୍ତ ଭୋଇ, ଚହଲୁ ପୋଡ, ଗୌତମ ନାଏକ, ଲାଲ ବଗର୍ତି, ଜଗୁ ମେହେରଙ୍କ ସହ ଅନେକ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

# ରାଜ୍ୟପାଳଙ୍କ ଦ୍ୱାରା ମା' ଉଗ୍ରତାରା ମନ୍ଦିର ଉଦଘାଟିତ

ପୁରୀ, ୨୪/୦୫ (ନି.ପ୍ର): ଇଶ୍ୱରଙ୍କ ନିକଟରେ ଆମେ ସବୁ ଶିଶୁ । ଇଶ୍ୱର ହିଁ ଆମ ଅଭିଭାବକ ବୋଲି କହିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ । ଆଜି ପୂର୍ବାହ୍ନରେ ପୁରୀ ସଦର ବ୍ଲକ ବରନ ନିକଟ ରାଇଗୋରଡ ଗ୍ରାମରେ ମା ଉଗ୍ରତାରାଙ୍କ ମନ୍ଦିର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଧାତ୍ମିକତା ଓ ସେବା ଆମ ଅନ୍ତର ମଧ୍ୟରେ ରହିଛି । ଆମର ଜାତି ମଣିଷ, ଆମର ଧର୍ମ ମାନବିକତା ଓ ଆମର ଶାସକ ସ୍ୱୟଂ ଜଗନ୍ନାଥ ବୋଲି କହିଥିଲେ । ଆଦି ଶକ୍ତିଙ୍କ ସନ୍ତାନ ଭାବେ ଆମେ ଦିବ୍ୟତ୍ୱକୁ ଅନୁସରଣ କରୁଛୁ । ଆଦି ଶକ୍ତି ରକ୍ତବୀର୍ଯ୍ୟକୁ ସମାପ୍ତ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ସେ ଧରିଥିବା ପାତ୍ରରେ ଆତଙ୍କବାଦୀଙ୍କ ରକ୍ତ ପାନ କରି ସେମାନଙ୍କୁ ଶେଷ କରିଦେବେ ବୋଲି କହିବା ସହ ରାଇଗୋରଡ ଗ୍ରାମରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ପାଇଁ ୧୦ ଲକ୍ଷ ଟଙ୍କା ଓ ଉଦଘାଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସଂଗୀତ ପରିବେଷଣକାରୀ ଓ ଅନ୍ୟାନ୍ୟ ସହଯୋଗକାରୀଙ୍କୁ ଉପହାର ଦେବା ପାଇଁ ଗ୍ରାମ୍ୟ କମିଟିକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ରାଜ୍ୟପାଳ ସୂଚନା ଦେଇଥିଲେ ।

ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମନ୍ଦିର ପ୍ରତିଷ୍ଠା ଦ୍ୱାରା ସଦଭାବନା ଓ ଭାଇଚାରାର ଉଦ୍ରେକ ହେବା ସହ ସମାଜରେ ସଂସ୍କାର ବୃଦ୍ଧି ପାଇବ ବୋଲି କହିଥିଲେ । ଆଇଟିଡିସିର ଅଧ୍ୟକ୍ଷ ସମ୍ବିତ ପାତ୍ର ମା ଉଗ୍ରତାରାଙ୍କ ମନ୍ଦିର ପ୍ରତିଷ୍ଠା ଆମ ଆଧାତ୍ମିକ ଭାବନାକୁ ଅଧିକ ଋଦ୍ଧିମନ୍ତ ଓ ସମୃଦ୍ଧ କରିବ ବୋଲି କହିଥିଲେ । ପ୍ରାରମ୍ଭରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶଙ୍କର ପରିଡା ସମସ୍ତଙ୍କୁ ସ୍ୱାଗତ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ, ରାଜ କିଶୋର ସ୍ୱାଇଁ, କରୁଣାକର ସ୍ୱାଇଁ, ନୃସିଂହ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟପାଳ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ରାଜ୍ୟପାଳ ଓ ଅନ୍ୟ ଅତିଥି ମାନେ ମନ୍ଦିର ପରିଦର୍ଶନ ଓ ଯଜ୍ଞ ସ୍ଥଳରେ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ନିୟମ ଅନୁସାରେ ପୁରୀ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ସଂଗୀତ ପରିବେଷଣ କରାଯାଇଥିଲା । ଶ୍ୟାମ ପ୍ରକାଶ ସେନାପତି ମଂଚ ପରିଚାଳନା କରିଥିଲେ ।

# ଆତ୍ମନିର୍ଭରଶୀଳ ଦୃଷ୍ଟିବାଧକ ଭଜନ ଟିମ୍ ସମ୍ବର୍ଦ୍ଧିତ

କୋରାଇ, ୨୪/୦୫ (ନି.ପ୍ର): କଥାରେ ଅଛି ଦୃଢ ଇଚ୍ଛାଶକ୍ତି ଆଗରେ ସବୁ ବାଧକ ମଧ୍ୟ ହାର ମାନିଯାଏ । ସାଧାରଣତଃ ଆଜିର ସମାଜରେ ଭିନ୍ନକ୍ଷମମାନଙ୍କୁ ସାଧାରଣ ଲୋକ ମାନେ ଦୟାର ପାତ୍ର ବୋଲି ଭାବି ନେଇ ଥିବା ବେଳେ କିନ୍ତୁ ସେମାନେ କାହାର ଦୟାର ପାତ୍ର ନହୋଇ ନିଜ କଣ୍ଠରେ ଭଜନ ପରିବେଷଣ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଉକ୍ତ ଟିମର ସଦସ୍ୟ ମାନେ ଜଣେ ଜଣେ ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ନିଜର ଶାରରୀକ ଅକ୍ଷମତା କାରଣରୁ ଚାକିରୀ ପଛରେ ନଗୋଡ଼ାଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି । ବାଲେଶ୍ୱର ଜିଲ୍ଲା ସୋର ଅଂଚଳର ସଞ୍ଜୟ କୁମାର ଶଙ୍ଖୁଆ ନାମକ ଜଣେ ଦୃଷ୍ଟିବାଧକ ଯୁବକ ମାଟ୍ରିକ ଶିକ୍ଷା ପରେ ପରିବାରର ଆର୍ଥିକ ସ୍ୱଚ୍ଛଳତା ନଥିବା କାରଣରୁ ରୋଜଗାର କରିବା ଆଶାରେ ବିଭିନ୍ନ ସ୍ଥାନରେ ସାକ୍ଷାତକାର ପରୀକ୍ଷା ଦେଇଥିଲେ । ମାତ୍ର ଦୃଷ୍ଟିବାଧକ କାରଣରୁ ତାଙ୍କୁ କେହି ଚାକିରୀ ଦେଇନଥିଲେ । ପରେ ସଞ୍ଜୟ ନିଜ ବନ୍ଧୁ ଜଗନ୍ନାଥ ପାତ୍ରଙ୍କ ସହିତ ମିଶି ୨୦୨୦ ମସିହାରେ "ଓଁକାର ଭଜନ ଅମୃତ ସମର୍ପଣ" ନାମକ ଏକ ଭଜନ ଟିମ ପ୍ରସ୍ତୁତ କରି ନିଜେ ଆତ୍ମ ନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ ରୋଜଗାରର ବାଟ ଦେଖାଇଲେ । ସଞ୍ଜୟଙ୍କ ସହିତ ସୁନୀଲ ସେନାପତି, ରମେଶ ସାହୁ, ଚନ୍ଦ୍ରମୋହନ ଟୁଡୁ, ତପନ ମାହାନ୍ସା, ସୁଦର୍ଶନ ବେହେରା, ଅକ୍ଷୟ ଜେନା,ଶଙ୍କର ବେସ୍ରା, ମନୋଜ ଜେନା, କୁନିମଣୀ ବେହେରା, କରିସ୍ମା ନାୟକ, ଟିକି ମଲ୍ଲିକ, କାମିନୀ ପ୍ରଧାନ ଓ ଗୀତାଞ୍ଜଳୀ ବିଶୋୟୀ ପ୍ରମୁଖ ସଦସ୍ୟଙ୍କୁ ନେଇ ସଞ୍ଜୟ ସୋମବାର ଦିନ ସଂଧ୍ୟାରେ ପାଣିକୋଇଲି ବଜାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥବା ବେଳେ ଶ୍ରୋତାଙ୍କର ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା । ଖବର ପାଇ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନର ଉପଦେଷ୍ଟା ସବଇନିସପେକ୍ଟର ଅଶୋକ ବଳ, ତାରିଣୀ କୁମାର ପଟ୍ଟନାୟକ,ସମ୍ପାଦକ ପ୍ରଦୀପ ମାଝୀ,ସୋଭିନ ପରିଡ଼ା ପ୍ରମୁଖ ସଞ୍ଜୟ ଓ ତାଙ୍କ ଟିମକୁସମ୍ବର୍ଦ୍ଧିତ କରିଥିଲେ ।

## କର୍କଟ ପୀଡ଼ିତଙ୍କ ଆତ୍ମହତ୍ୟା

କୋରାଇ, ୨୪/୦୫ (ନି.ପ୍ର): ପାଣିକୋଇଲି ଥାନା ଅର୍ନ୍ତଗତ ମୂଳାପାଳ ପଂଚାୟତର ଧନତ୍ରୀ ଗ୍ରାମର ଜୈନିକ କର୍କଟ ପିଡିତ ଯୁବକ ରଶିଦେଇ ଆତ୍ମହତ୍ୟା କରିଥିବାର ଅଭିଯୋଗ ଥାନାରେ ହୋଇଛି । ପୁଲିସ ଏକ ଅପମୃତ୍ୟୁ ମାମଲା ୧୩/୨୩ ରୁଜୁ କରି ପଂଚନାମା କରାଇ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି । ପ୍ରକାଶ ଯେ ମୂଳାପାଳ ପଂଚାୟତ ଅନ୍ତର୍ଗତ ଧନତ୍ରୀ ଗ୍ରାମର ବାସୁଦେବ ବେହେରାଙ୍କ ପୁଅ ଅଜିତ ବେହେରା(୩୬) କର୍କଟ ରୋଗରେ ପିଡିତ ଥିଲେ । ଚିକିତ୍ସାଧିନ ଅବସ୍ଥାରେ ଥିବା ଅଜିତ ସୋମବାର ରାତ୍ରିରେ ଘରୁ ପଳାଇ ଯାଇ ଏକ ଗଛରେ ରଶିଦେଇ ଆତ୍ମହତ୍ୟା କରିଛି । ଏନେଇ ତାର ବଡଭାଇ ପ୍ରଦୀପ ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳେ ପହଂଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପଂଚାନାମା କରାଯାଇ ଶବ ବ୍ୟେବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟକୁ ପଠାଇଛି । ଶବ ବ୍ୟେବଚ୍ଛେଦ ପରେ ତା'ର ପରିବାରକୁ ହସ୍ତାନ୍ତର କରାଯାଇଛି ।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ପାଟବସ୍ତ୍ର ଓ ସୂତାଲୁଗା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ଖୋର୍ଦ୍ଧା, ୨୪/୦୫ (ନି.ପ୍ର): ଜୁନ୍ ୨୦ରେ ଘୋଷଯାତ୍ରା । ଏଥିଲାଗି ଶ୍ରୀକ୍ଷେତ୍ର ଚଳ ଚଂଚଳ । ଶ୍ରୀନଅର ସମ୍ମୁଖ ଅସ୍ଥାୟୀ ରଥଖଳାରେ ଚାଲିଛି ରଥ ନିର୍ମାଣ । ଏପଟେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାର ପରିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ପାଟବସ୍ତ୍ର ଓ ସୂତାଲୁଗା ପ୍ରସ୍ତୁତିରେ ଲାଗିଛନ୍ତି । ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ବୁଧବାର ସୁଦ୍ଧା ୭୦ପ୍ରତିଶତ କାମ ସରିଥିବା ବରିଷ୍ଠ ବୁଣାକାର ଗୋପୀନାଥ ଦାସ କହିଛନ୍ତି । ସରସ୍ୱତୀ ପୂଜାରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଥିଲା । ଏହି ଦିନ ଗୋପୀନାଥଙ୍କ ପରିବାର ପୂଜାର୍ଚ୍ଚନାପୂର୍ବକ ମହାପ୍ରଭୁଙ୍କ ସେବାରେ ଲାଗିପଡିଛନ୍ତି । ଦିନରାତି ପାଟବସ୍ତ୍ର ଓ ସୂତାଲୁଗା ବୁଣାକାମ ଚାଲିଛି । ଗତ ୩୦ବର୍ଷ ଧରି ରାଉତପଡାର ଗୋପୀନାଥଙ୍କ ପରିବାର ଏହି ପାଟବସ୍ତ୍ର ଓ ସୂତାଲୁଗା ଯୋଗାଇ ଆସୁଛନ୍ତି । ଗୋପୀନାଥ କୁହନ୍ତି, ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ତାଲିକା ପାଇବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆବଶ୍ୟକ କଂଚାମାଲ ଯୋଗାଇ ଦିଆଯାଇଛି । ବିଭାଗୀୟ ଅଧିକାରୀ ମାନେ ରାଉତପଡା ଗସ୍ତରେ ଆସି ବୁଣାକାରଙ୍କ ସହ ଆଲୋଚନା କରିଛନ୍ତି ।

ରଥଯାତ୍ରା ଲାଗି ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତିଗୋବିନ୍ଦ ପାଟ, ସାତବାର ଲାଗି ୭ ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇପ୍ରକାର ଘୋଡ଼ଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ ଗରା ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତସେବା ଲାଗି ଲାଲ୍, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ୍ ଲେଖାଏ ଚେହେଲି ପାଟ, ବଡ଼ସିଂହାର ବେଶ ଲାଗି ଗୀତିଗୋବିନ୍ଦ ଲେଖାଥିବା ଗୀତିଗୋବିନ୍ଦ ପାଟ ପ୍ରସ୍ତୁତି ଚାଲିଛି । ସେହିପରି ସପ୍ତବିଗ୍ରହ ଯଥା ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୂତାର ୨ପ୍ରକାର ଘୋଡ଼ଣି ସମେତ ମହାପ୍ରଭୁଙ୍କ ବର୍ଷସାରା ଅନ୍ୟ ସେବା ଲାଗି ୩୦ରୁ ୩୫ ପ୍ରକାର ଲୁଗା ଯଥା ନେତଫୁଟା, ବୋଇରାଣୀ, ପତନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡା, ଗଦିଫୁଟା ଆଦି ବସ୍ତ୍ର ପ୍ରସ୍ତୁତି ଚାଲିଛି । ଗୋପୀନାଥ କୁହନ୍ତି, ବାପା ମଧୁସୂଦନ ଦାସ ୧୯୯୩ ମସିହାରେ ଏହି ସେବା ପାଇଥିଲେ । ସେବେଠାରୁ କ୍ରମାଗତ ଭାବେ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣି ଲାଗି ସୂତାଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛୁ । ୧୯୯୬ ଓ ୨୦୧୫ ନବକଳେବର ଏବଂ ୨୦୨୦ ନାଗାର୍ଜୁନ ବେଶ ସକାଶେ ମହାପ୍ରଭୁଙ୍କ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଛୁ । ଗୋପୀନାଥଙ୍କ ସମେତ ୪ଭାଇ ରାମଚନ୍ଦ୍ର ଦାସ, ଭଗବାନ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ଦାସ, ରବୀନ୍ଦ୍ର କୁମାର ଦାସ, ଅଶୋକ ଦାସ, ନିମାଇ ଚରଣ କୁଣ୍ଡୁ, କାର୍ତିକେଶ୍ୱର ପାତ୍ର ପ୍ରମୁଖ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ।

ଯେ, ରାଉତପଡ଼ାର ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର । ରାଉତପଡ଼ା ସେବା ସମବାୟ ସମିତିରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ବୁଣାକାର ରହିଛନ୍ତି । ବର୍ଷସାରା ହସ୍ତତନ୍ତ ଲୁଗା, ଗାମୁଛା, ବାନ୍ଧେଣୀ ଶାଢ଼ି, ବିଭିନ୍ନ ପ୍ରକାର ପାଟ ଓ ସୂତାଲୁଗା ବୁଣୁଛନ୍ତି । ମହାପ୍ରଭୁଙ୍କ ଲାଗି ପାଟ ଓ ସୂତା ଲୁଗା ଏଠାରୁ ଶ୍ରୀକ୍ଷେତ୍ରକୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

# କୁଟୁନିପଦର ଗ୍ରାମରେ ଜନ ସମ୍ପର୍କ ଶିବିର ଅନୁଷ୍ଠିତ

ମାଲକାନଗିରି, ୨୪/୦୫ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ବଡ଼ଡୁରାଲ ପଂଚାୟତର କୁଟୁନିପଦର ଗ୍ରାମରେ ଜିଲ୍ଲା ପୋଲିସ ତଥା ମୁଦୁଲିପଡ଼ା ଥାନା ଆନୁକୁଲ୍ୟରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୁଟୁନିପଦର, ସୋନୁଗୁଡ଼ା, ବାଲିକୁଣ୍ଡ, କିରାମ୍, ସୀସାପୁଟ, ନୂଆଗୁଡ଼ା, କେନ୍ଦୁଗୁଡ଼ା ଓ ବିଜା ପଦର୍ ଗ୍ରାମର ପାଖା ପାଖି ପାଂଚଶହରୁ ଉର୍ଦ୍ଧ ଲୋକେ ଉପସ୍ଥିତ ଥିଲେ । ପୋଲିସ ପକ୍ଷରୁ ଲୋକ ମାନଙ୍କୁ ସାଲ, ବେଡସିଟ୍, କମଳ, ଛତା, ଜୋତା, ଟ୍ରଚ, ଘର ଉପକରଣ ସାମଗ୍ରୀ, ଚାଷ ସାମଗ୍ରୀ, କ୍ରୀଡା ସାମଗ୍ରୀ, ପାଠ ପଢା ସାମଗ୍ରୀ ଭଳି ବିଭିନ୍ନ ପ୍ରକାର ଜିନିଷ ଦିଆ ଯାଇଥିଲା । ଏକ ଭଲିବଲ୍ ମ୍ୟାଚ୍ ମଧ ଆୟୋଜନ କରାଯାଇ ସମସ୍ତ ଖେଳାଳିମାନଙ୍କୁ ଜର୍ସି ଦେବା ସହ ଟିମ୍ ମାନଙ୍କୁ ଭଲିବଲ୍ ଓ ନେଟ ଦିଆଯାଇଥିଲା । ଉକ୍ତ ଶିବିରରେ ଖଇରପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟର ସୁରେଶ ବାରିକ ଲୋକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଉପଯୁକ୍ତ ଔଷଦ ପ୍ରଦାନ କରିଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅପରେସନ ମନୋଜ ସିଂ, ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଆଲେକ୍ସିଓସ କିସ୍ପୋଟା, ମୁଦୁଲିପଡ଼ା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମଟିକୁ ଲକ୍ଷ୍ମୀ ନାରାୟଣ ମୁଦୁଲି ପରିଚାଳନା କରିଥିବା ବେଳେ ପୋଲିସ କର୍ମଚାରୀ ମାନେ ସମ୍ପୂର୍ଣ ସହଯୋଗ କରିଥିଲେ ।

# ବ୍ରହ୍ମପୁର ରେଳ ଷ୍ଟେସନ ମୋଟର ସାଇକେଲ ଷ୍ଟାଣ୍ଡରେ ଅବ୍ୟବସ୍ଥା

ଗଞ୍ଜାମ, ୨୪/୦୫ (ନି.ପ୍ର): ଭାରତୀୟ ବିକାଶ ପରିଷଦ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ସନ୍ତୋଷୀମା କଲ୍ୟାଣ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ସୁରେନ୍ଦ୍ର ପାଣିଗ୍ରାହୀ ପ୍ରକାଶ କରିଥିଲେ ଯେ, ବେନିୟମ ଭାବେ ପୂର୍ବତଟ ରେଲୱେର ବ୍ରହ୍ମପୁର ରେଳ ଷ୍ଟେସନ ମୋଟର ସାଇକେଲ ଷ୍ଟାଣ୍ଡରୁ ୨୪ ଘଂଟା ପାଇଁ ୨୪ ଟଙ୍କା, ୧୨ ଘଂଟା ପାଇଁ ୧୨ ଟଙ୍କା ଏବଂ ଏକ ଘଂଟା କିମ୍ବା ଦୁଇ ଘଂଟା ପାଇଁ ୧୨ ଟଙ୍କା ଆଦାୟ କରୁଛନ୍ତି । ଭୁବନେଶ୍ୱର, କଟକ, ସମ୍ବଲପୁର, ଜଟଣୀ, ବାଲୁଗାଁ, ବାଲେଶ୍ୱର, ଭଦ୍ରକ ଇତ୍ୟାଦି ମୋଟର ସାଇକେଲ ଷ୍ଟାଣ୍ଡରେ ୨୪ ଘଂଟା ପାଇଁ ୧୨ ଟଙ୍କା ଏବଂ ୧୨ ଘଂଟା ପାଇଁ ୬ ଟଙ୍କା ହିସାବରେ ଷ୍ଟାଣ୍ଡ ଫିସ ଆଦାୟ ହେଉଥିବା ବେଳେ ବ୍ରହ୍ମପୁରରେ ଦୈନିକ ୨୪ ଘଂଟା ପାଇଁ ୨୪ ଟଙ୍କା କାହା ସ୍ୱାର୍ଥରେ ଆଦାୟ କରାଯାଉଛି । ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି ଭାରତୀୟ ବିକାଶ ପରିଷଦ । କାରଣ ବ୍ରହ୍ମପୁର ରେଳ ବିଭାଗ ଦ୍ୱାରା ଷ୍ଟାଣ୍ଡ ରେ ଗୋଟିଏ ମଧ ସେଡ଼ ବାଇକ ରହଣି ପାଇଁ ନିର୍ମାଣ କରାଯାଇନାହିଁ । ବର୍ଷ ତମାମ ୩୬୫ ଦିନ ଶୀତ, କାକର, ଖରା ଓ ବର୍ଷାରେ ମୋଟରସାଇକେଲ ଗୁଡିକ ରଖାଯାଉଥିବାରୁ ଏସବୁ ନଷ୍ଟ ହୋଇଯାଉଛି । ସ୍ଥାନ ଅଭାବରୁ ଗାଡି ଗୁଡିକ ଭିଡରେ ଷ୍ଟାଣ୍ଡରୁ ବାହାର କରିବା ବେଳେ ଗାଡିକୁ ଗାଡି ଘଷି ହୋଇ ଭାଙ୍ଗିବା ସହିତ ରଙ୍ଗ ମଧ ନଷ୍ଟ ହେଉଛି । ଏଥିପାଇଁ ରେଳ ବିଭାଗ ନା କଂଟ୍ରାକ୍ଟର କ୍ଷତି ଭରଣା କରୁନାହାନ୍ତି, ତେଣୁ କ୍ଷତି ବାବଦକୁ ଟଙ୍କା ଦେଉନାହାନ୍ତି କି ମରାମତି କିମ୍ୱା କଲର କରୁନାହାନ୍ତି, ଠିକାଦାର ଧମକ ଦେଇ କହୁଛି ଆମ୍ଭ ଇନ୍ସୁରାନ୍ସ ଷ୍ଟାଣ୍ଡରେ ମୋଟର ସାଇକେଲ କ୍ଷତି ପାଇଁ କରିନାହୁଁ ଓଲଟା କର୍ମଚାରୀଙ୍କ ଦ୍ୱାରା ମାଡ଼ ମାରିବା ଧମକ ସହିତ ଜିଆରପିରେ ମିଥ୍ୟା କେସ କରିବା ପାଇଁ ଧମକ ଦେଉଛନ୍ତି ।

# ରୁପାନ୍ତରୀକରଣ ପ୍ରସ୍ତୁତି ବୈଠକ

ଜୟପୁର, ୨୪/୦୫ (ନି.ପ୍ର): ଜଗଦୀଶ ଚନ୍ଦ୍ର ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ରୁପାନ୍ତରୀକରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜଗଦୀଶ ଚନ୍ଦ୍ର ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟକୁ ରୁପାନ୍ତିକରଣ କରିବାକୁ ନିଷ୍ପତି ନେଇ ଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦିଆଯାଇଥିଲା ।

# ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜେପିର ଯୋଜନା ବୈଠକ

କେନ୍ଦ୍ରାପଡ଼ା, ୨୪/୦୫ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛି କେନ୍ଦ୍ରାପଡା ବିଜେପି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କର ୯ବର୍ଷ ସଫଳତାର ପୂର୍ତି ନିମନ୍ତେ ଜିଲ୍ଲାର ପ୍ରତି ପରିବାରରେ କେନ୍ଦ୍ର ସରକାରଙ୍କର ଜନ ହିତକର ଯୋଜନା ଓ ତାର ସଫଳତାର ବାର୍ତା ପହଁଚାଇବାର ଯୋଜନା କରାଯାଇଛି । ମଙ୍ଗଳବାର ଦିନ ମାଧପୁର ଠାରେ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଜେପିର ନେତା ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ଅଲେଖ କୁମାର ଜେନା, ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ, ତେଜେଶ୍ୱର ପରିଡା, କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବହେରା, ମାନସ ମହାନ୍ତି, କଳ୍ପନା ମଲିକ, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଯୋଗ ଦେଇ ଆଗାମୀ ମଇ ମାସ ୩୦ ରୁ ଜୁନ ୩୦ ପର୍ଯ୍ୟନ୍ତ ଏକ ମାସ ମଧରେ ଜନ ସଚେତନତା ଦୃଷ୍ଟିରୁ ସମସ୍ତ ମଣ୍ଡଳ, ଶକ୍ତିକେନ୍ଦ୍ର ଓ ବୁଥ୍ ସ୍ତରରେ ବ୍ୟାପକ ଜନ ସଂପର୍କ ଆୟୋଜନ କରି କେନ୍ଦ୍ର ସରକାରଙ୍କର ଲୋକ କଲ୍ୟାଣ ପଦକ୍ଷେପ ଓ ଉପଲବ୍ଧି ଲୋକଙ୍କ ନିକଟରେ ପହଁଚାଯିବ ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପ ସଭାପତି ଉପୀନ କୁମାର ରାଉତ ଆଗମୀ ଯୋଜନା, ସାଧାରଣ ସଂପାଦକ ଶଶାଙ୍କ ଶେଖର ସେଠୀ ବିଧାନସଭା ସ୍ତରୀୟ ବୈଠକ ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିକ୍ରମ କେଶରୀ ରାଉତରାୟ, ଶୋଭନ ଆଚାର୍ଯ୍ୟ, ଅମିତାବ ସୁଆର, ପ୍ରିୟ ଦର୍ଶନୀ ନନ୍ଦ, ଓମ୍ ପ୍ରସାଦ ପତି, ଅସୀମା ନାୟକ, କ୍ଷୀରୋଦ ବରାଳ, ମୁକ୍ତିକାନ୍ତ ସ୍ୱାଇଁ, ନିହାର ନାୟକ, ରାଜେନ୍ଦ୍ର ସାମଲ, ବୁରହାନ ଅଲ୍ଲୀ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ମାଣ୍ଡିଆ ହେରଫେର ଅଭିଯୋଗରେ ଟିଡ଼ିସିସି ଭାରପ୍ରାପ୍ତ କ୍ଷେତ୍ର ଅଧିକାରୀ ଗିରଫ

ମାଲକାନଗିରି, ୨୪/୦୫ (ନି.ପ୍ର): ଆଦିବାସୀମାନେ ନିଜ ଅଂଚଳର ଜଙ୍ଗଲଜାତ ଏବଂ କୃଷିଜାତ ଦ୍ରବ୍ୟକୁ କିପରି ସୁଲଭ ମୂଲ୍ୟରେ ବିକ୍ରିକରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡ଼ିଶା ଲିମିଟେଡ୍ (ଟିଡିସିସି) ଗଠନ ହୋଇଛି । ଏହି ସଂସ୍ଥା ଜିଲାର ବିଭିନ୍ନ ଅଂଚଳରେ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟ ଏବଂ ଜଙ୍ଗଲ ଜମିରେ ଚାଷ ହେଉଥିବା ଖାଦ୍ୟଶସ୍ୟ ଚାଷୀଙ୍କ ନିକଟରୁ କ୍ରୟ କରିଥାଏ । ଜିଲାରେ ପ୍ରଚୁର ମାଣ୍ଡିଆ ଚାଷ ହେଉଥିବାରୁ ଏହି ସଂସ୍ଥାକୁ ଚାଷୀଙ୍କ ଠାରୁ ମାଣ୍ଡିଆ ଖରିଦ ପାଇଁ ଅନୁମତି ମିଳିଥିଲା । ଏବେ ଏହି ମାଣ୍ଡିଆକୁ ବାଟମାରଣା କରି ଟିଡିସିସିର ଜଣେ ଭାରପ୍ରାପ୍ତ କ୍ଷେତ୍ର ଅଧିକାରୀ ଗିରଫ ହୋଇଛନ୍ତି । ତାଙ୍କ ନାମ ଉପେନ୍ଦ୍ରନାଥ ବେହେରା । ସେ ୩୦ ଲକ୍ଷ ଟଙ୍କାର ମାଣ୍ଡିଆ ହେରଫେର କରିଥିବା ନେଇ ଟିଡିସିସି ପରିଚାଳକ ବ୍ରହ୍ମାନନ୍ଦ ମାଝୀ ମାଥିଲି ଥାନାରେ ଅଭିଯୋଗ କରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ, ଭାରପ୍ରାପ୍ତ କ୍ଷେତ୍ର ଅଧିକାରୀ ଶ୍ରୀ ବେହେରା ୨୦୨୧ରେ ମାଥିଲି ଟିଡିସିସିରେ ଯୋଗ ଦେଇଥିଲେ । ୨୦୨୧ରେ ୬୭୨୦ କୁଇଂଟାଲ ୬୯ କେଜି ମାଣ୍ଡିଆ ଚାଷୀଙ୍କ ଠାରୁ କ୍ରୟ କରି ଗୋଦାମରେ ରଖାଯାଇଥିଲା । ହେଲେ ଏଥିମଧ୍ୟରୁ ୪ଟି ରସିଦରେ ୬୩୯ କୁଇଂଟାଲ ୭୧ କେଜି ମାଣ୍ଡିଆର ପ୍ରାପ୍ତିପତ୍ର ନ ଥିବା ଅଡିଟ୍ ସମୟରେ ଜଣାପଡିଥିଲା । ଏ ସମ୍ପର୍କରେ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଯୋଗାଣ ବିଭାଗର କ୍ଷମତାପ୍ରାପ୍ତ ଠିକାଦାର ବିଜୟ ପଣ୍ଡାଙ୍କୁ ସେ ୬୩୯.୭୧ କୁଇଂଟାଲ ମାଣ୍ଡିଆ ହସ୍ତାନ୍ତର କରିଛନ୍ତି । ଏ ସମ୍ପର୍କରେ ଠିକାଦାର ପଣ୍ଡାଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିଛନ୍ତି ।

# ଚିଫ ଇଞ୍ଜିନିୟର ଅପର କୋଲାବ ପ୍ରଜେକ୍ଟର କାର୍ଯ୍ୟାଳୟରେ ବିକ୍ଷୋଭ ଓ ତାଲା

ଜୟପୁର, ୨୪/୦୫ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ମୁଳାଶର ଗ୍ରାମକୁ ସଂଯୋଗ କରୁଥିବା ବିପଦ ସଙ୍କୁଳ ଅବସ୍ଥାର କେନାଲ ପୋଲ ରହିଛି । ନିର୍ମାଣ ନେଇ ବାରମ୍ବାର ପ୍ରଶାସନକୁ ଅବଗତ କରାଇବା ପରେ ମଧ ହେଉ ନଥିବାରୁ ଉକ୍ତ ଅଂଚଳର ଗ୍ରାମବାସୀ ମାନେ ସମାଜ ସେବି ବି ହରି ରାଓ ଙ୍କନେତୃତ୍ୱରେ ଏକତ୍ରିତ ହୋଇ ବାରିଣିପୁଟ ସ୍ଥିତ ଚିଫ ଇଞ୍ଜିନିୟର ଅପର କୋଲାବ ପ୍ରଜେକ୍ଟର କାର୍ଯ୍ୟାଳୟରେ ବିକ୍ଷୋଭ କରିବା ସହ ତାଲା ମାରିଛନ୍ତି । ମୁଳାସର ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜ ନିର୍ମାଣ କରିବା ନିମନ୍ତେ ଆଜିକୁ ୩ ବର୍ଷ ହେବ ଅବଗତ କରାଇବା ସହ ଦାବି କରିଯାଉଛି । କିନ୍ତୁ ଏଥି ପ୍ରତି ପ୍ରଶାସନ କିମ୍ବା ଏହାର ଅଧିନସ୍ଥ ଅଧିକାରି ମାନେ କୌଣସି ପ୍ରକାର ପଦକ୍ଷେପ ନେଉ ନାହାନ୍ତି । ତେଣୁ ଉକ୍ତ ବିଜ୍ର ଉପରେ ନିର୍ଭର କରୁଥିବା ଅଧିବାସୀ ମାନେ ମିଶି ଘେରାଉ କରିଛନ୍ତି । ମୁଳାଶର ଗ୍ରାମକ ସଂଯୋଗ କରୁଥିବା କେନାଲ ପୋଲ ବିପଦ ସଙ୍କୁଳ ଅବସ୍ଥାରେ ଆଜିକୁ ପ୍ରାୟ ୩ ବର୍ଷ ହେବ ପଡିରହିଛି । ଏହି ପୋଲ ଉପରେ ୫ ରୁ ୬ଟି ଗ୍ରାମର ଲୋକେ ନିର୍ଭର କରନ୍ତି । ବର୍ତମାନ ଉକ୍ତ ପୋଲ ଉପରେ ଗାଡି ଯିବା ଆସିବା କରିବା ସମୟରେ ପୋଲ ହଲୁଥିବା ବେଳେ ଗାର୍ଡଓାଲ୍ ମଧ ଭାଙ୍ଗିଯାଇଛି । ଅନେକ ଥର ଗାଇ ଛେଳି ମଧ ପଡି ଜୀବନ ହରାଇଛନ୍ତି । ଏହି ବିପଦ ସଙ୍କୁଳ ପୋଲ ପୁନଃ ନିର୍ମାଣ ନେଇ ଇରିଗେସନ ମୁଖ୍ୟ ଓ ଜିଲାପାଳଙ୍କୁ ମଧ ବାରମ୍ବାର ଅବଗତ କରାଇଲେ ମଧ କାର୍ଯ୍ୟକାରି ହୋଇପାରୁ ନାହିଁ । ଯେହେତୁ ସରକାର ଜନ ସାଧାରଣଙ୍କ ମୌଳିକ ଅଧିକାର ପ୍ରତି ଦୃଷ୍ଟି ଦେଉ ନାହାଁନ୍ତି ବୋଲି ସମାଜ ସେହି ବି ହରି ରାଓ ସୂଚନା ଦେଇଛନ୍ତି ।

# ୫ଟି ଦ୍ୱାରା କଲେଜକୁ ମିଳିଥିବା ଅନୁଦାନ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବୈଠକ

କେନ୍ଦ୍ରାପଡ଼ା, ୨୪/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାକୁ ଗତ କିଛିଦିନ ତଳେ ୫ଟି ସଚିବ ଭିକେ ପାଣ୍ଡିଆନ ଜିଲ୍ଲାର ୯ଟି ବ୍ଲକରେ ଥିବା ମହା ବିଦ୍ୟାଳୟ, ଡିଗ୍ରୀ ବିଦ୍ୟାଳୟ, ସଂସ୍କୃତ ବିଦ୍ୟାଳୟ ଗୁଡିକୁ ଦେଇଥିବା ଅନୁଦାନଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରି ବିଦ୍ୟାଳୟର ନବୀକରଣ ଓ ଉନ୍ନତିକରଣ କାର୍ଯ୍ୟ ଗୁଡିକୁ ତୁରନ୍ତ ସାରିବା ପାଇଁ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସମେତ କେନ୍ଦ୍ରାପଡା, ଡେରାବିଶ, ମହାକାଳପଡା, ମାର୍ଶାଘାଇ ଓ ଗରଦପୁର ବ୍ଲକର ବିଡିଓ, ସମସ୍ତ କଲେଜର ଅଧକ୍ଷ, ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି କଲେଜର ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକୁ ତୁରନ୍ତ ଆରମ୍ଭ କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବାକୁ ଆଲୋଚନା କରାଯାଇ ଥିଲା । ଅନୁଦାନ ମିଳିଥିବା କଲେଜ ଗୁଡିକର ଉନ୍ନୟନ ମୂଳକ କାର୍ଯ୍ୟ ସମାପ୍ତ ହେବା ପରେ ଆସନ୍ତା ନଭେମ୍ବର ୧୪ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

# ବୈଜ୍ଞାନିକମାନେ ସନ୍ଧାନ କରିଛନ୍ତି ୧୨ଟି ଭୟଙ୍କର ଭାଇରସ୍, ଭବିଷ୍ୟତରେ ହୋଇପାରନ୍ତି ଘାତକ

**କରୋନା ଭାଇରସର ଲେଉଟାଣିକୁ ନେଇ ପୁଣି ଥରେ ସାରା ବିଶ୍ୱରେ ଆରମ୍ଭ ହୋଇଯାଇଛି ହଲଚଲ୍ । ଚୀନ ବ୍ୟତୀତ ଅନେକ ଦେଶକୁ ଏବେ ଭାଇରସ ଦ୍ରୁତ ଭାବେ କବଳିତ କରିସାରିଲାଣି । ଏଭଳି ସ୍ଥିତିରେ ଭାରତରେ ମଧ୍ୟ କୋଭିଡ-୧୯ ସଚେତନତା ନେଇ ପ୍ରତ୍ୟେକ ରାଜ୍ୟକୁ ଆଲର୍ଟ କରାଯାଇଛି । ତେବେ ଚଳିତ ବର୍ଷ ବୈଜ୍ଞାନିକମାନେ ୧୨ଟି ଭୟଙ୍କର ଭାଇରସର ସନ୍ଧାନ କରିଛନ୍ତି । ଏହି ଭାଇରସଗୁଡ଼ିକ ଭବିଷ୍ୟତରେ ଘାତକ ରୂପ ଧାରଣ କରିପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି ।**



୧- ଜମ୍ବି ଭାଇରସ: ଏହି ଭାଇରସ ୪୮,୫୦୦ ବର୍ଷ ପୂର୍ବେ ସମାପ୍ତ ହୋଇଯାଇଛି ବୋଲି ଚର୍ଚ୍ଚା ହେଉଥିଲା, ମାତ୍ର ସାଇବେରିଆରେ ବୈଜ୍ଞାନିକମାନେ ଏହାକୁ ପୁଣି ଥରେ ଜୀବିତ କରିଥିଲେ । ଗ୍ଲୋବାଲ ୱାର୍ମିଂରେ ଏହି ଭାଇରାସ୍ ଘାତକ ହୋଇପାରେ ।

୨- ଏଚଏସଭି-୧: ଏହି ଭାଇରସର ଚିହ୍ନଟ ୫୨୦୦ ବର୍ଷ ତଳୁ ହୋଇଥିଲା । ମାତ୍ର ଆଜିର ସମୟରେ ମଧ୍ୟ ଏହାର ଆଧୁନିକ ଭର୍ସନ ରହିଛି । ଏହା ଚୁମ୍ବନ ଦ୍ୱାରା ବ୍ୟାପିଥାଏ ବୋଲି ରିସର୍ଚ୍ଚରୁ ଜଣାପଡ଼ିଛି ।

୩- ନର୍ସ ଗଡସ ଭାଇରସ: ଏହି ରହସ୍ୟମୟୀ ଭାଇରସର ଜେନେଟିକ ଅଂଶକୁ ବୈଜ୍ଞାନିକମାନେ ଖୋଜି ପାଇଛନ୍ତି । ଏହା ଅସଗାର୍ଡ ଆର୍କିୟାକୁ ମଧ୍ୟ ସଂକ୍ରମିତ କରିପାରେ ।

୪- ମୋନୋ ଭାଇରସ: ଏହି ଭାଇରସ ବହୁମୁଖୀ ସ୍କେଲେରୋସିସ ପରି ଅଟୋମ୍ୟୁନ ରୋଗ ସୃଷ୍ଟି କରିପାରେ । ଏହାକୁ ଏପଷ୍ଟିନ-ବାର ଭାଇରସ ମଧ୍ୟ କୁହାଯାଏ । ଏହା ବ୍ରେନ ଓ ମେରୁ ହାଡ଼ ଉପରେ ଆକ୍ରମଣ କରିପାରେ ।

୫- ଆର୍କାଟିକ ଲେକରେ ଜିଆଣ୍ଟ ଭାଇରସ: ଉତ୍ତର ଧ୍ରୁବଠାରୁ ୮୦୦ କିମି ଦୂରରେ ଥିବା ଦି ମିଲନୋ ଫିୟୋର୍ଡ ଏପିଶେଲ୍ଫ ହ୍ରଦ ଅବସ୍ଥିତ । ସେଠାରେ ଥିବା ଏହି ବିଶାଳକାୟ ଭାଇରସ ଆଲଜାଇକୁ ଖାଇଥାଏ । ଆକାର ଦୃଷ୍ଟିରୁ ଏହି ଭାଇରସ୍ ଅନେକ ବ୍ୟାକ୍ଟେରିଆ ଠାରୁ ବଡ଼ ହୋଇଥାଏ ।

୬- ବ୍ୟାକ୍ଟେରିଆକୁ ଖାଉଥିବା ଭାଇରସ: ଯେଉଁ ଭାଇରସ ବ୍ୟାକ୍ଟେରିଆକୁ ସଂକ୍ରମିତ କରି ଖାଇଥାଏ, ତାହାକୁ ବ୍ୟାକ୍ଟେରିୟୋଫେଜ କୁହାଯାଏ । ଏଥିରୁ ପ୍ରଭାବଶାଳୀ ଆଣ୍ଟିବ୍ୟାକ୍ଟେରିଆ ତିଆରି ହୋଇପାରେ । ଏହି ଭାଇରସ ମଣିଷ ପାଇଁ ଲାଭକାରୀ ହୋଇଥାଏ ।

୭- ମଣିଷ ଶରୀରରେ ପ୍ରାଚୀନ ଭାଇରସ: ମଣିଷର ଜୀନୋମରୁ ପ୍ରାଚୀନ ଭାଇରସ ମିଳିଛି । ଏହାକୁ ଜଙ୍କ ଡିଏନଏ କୁହାଯାଉଛି । ଏହା ସର୍ବଦା ଟିସୁମାନଙ୍କ ମଧ୍ୟରେ ଘୁରୁଥାଏ । ଏହି ଭାଇରସ କ'ଣ କରୁଛି, ସେନେଇ ରହସ୍ୟମୟ ହୋଇ ରହିଛି ।

୮- ଟୋରୋ ଭାଇରସ: ଚଳିତ ବର୍ଷ ବୈଜ୍ଞାନିକମାନେ ପାଖାପାଖି ୫୫୦୦ ଭାଇରସର ସନ୍ଧାନ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ଟୋରୋ ଭାଇରସ । ଏହା ମଣିଷର କ'ର କ୍ଷତି କରିପାରିବ, ସେନେଇ କିଛି ସ୍ପଷ୍ଟ ହୋଇନାହିଁ ।

୯- ଏରିନା ଭାଇରସ: ବିଶ୍ୱର ଅନେକ ସମୁଦ୍ରମାନଙ୍କରୁ ଆରଏନଏ ଭାଇସରକୁ ଠାବ କରାଯାଇଛି । ସେଥିମଧ୍ୟରେ ଗୋଟିଏ ହେଉଛି ଏରିନା ଭାଇରସ । ଏହା ସମୁଦ୍ରରେ ଭିନ୍ନ ଭିନ୍ନ ପ୍ରଜାତିର ଜୀବଜନ୍ତୁଙ୍କୁ ସଂକ୍ରମିତ କରିଥାଏ ।

୧୦- ବ୍ଲକ-ଲେଗଡ ଟିକ: ପେନସିଲଭେନିଆର ଲରେନ୍ସ ଟାଉନଶିପ ରିକ୍ରିଏଶନଲ ପାର୍କରୁ କଳା ପାଦଧାରୀ ଟିକ ମିଳିଛି । ଏହି ଟିକ କାଟିବା ମଣିଷ ପାଇଁ ବିପଜ୍ଜନକ ହୋଇପାରେ । ଏହାର ନାମ ଡିୟର-ଟିକ ଭାଇରସ୍ ଦିଆଯାଇଛି ।

୧୧- ଜାପାନୀ ଇନସ୍ୱେଫାଲାଇଟିସ: ଏହି ଭାଇରସ୍ ବ୍ରେନରେ ବିପଦ ସୃଷ୍ଟି କରିଥାଏ । ମଛା କାମୁଡ଼ିବା ଦ୍ୱାରା ଏହା ବ୍ୟାପିଥାଏ ।

୧୨- ରସିଆନ ଫ୍ଲୁ: ଏହି ଭାଇରସ ୧୮୧୦ରେ ରୁଷରେ ବ୍ୟାପିଥିଲା । ପରେ ଏହା ସାରା ବିଶ୍ୱକୁ ସଂକ୍ରମିତ କରିଥିଲା । ଏହା କରୋନା ଭାଇରସ ପରିବାରର ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ।

## କେବଳ ମଣିଷ ନୁହେଁ, ସାପଙ୍କଠାରେ ମଧ୍ୟ ରହିଛି Clitoris: ବୈଜ୍ଞାନିକଙ୍କ ନୂଆ ଖୁଲାସା

ମଣିଷର ଯୌନ ଉତ୍ତେଜା ବୃଦ୍ଧି କ୍ଷେତ୍ରରେ କ୍ଲିଟୋରିସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହିଳାଙ୍କର ଯୌନାଙ୍ଗ ମଧ୍ୟରେ କ୍ଲିଟୋରିସ ରହିଥିବା ବେଳେ ଏହା ସେମାନଙ୍କର ଚରମ ତୃପ୍ତି କ୍ଷେତ୍ରରେ ସହାୟତା ପ୍ରଦାନ କରିଥାଏ । ତେବେ ନିକଟରେ ବୈଜ୍ଞାନିକମାନେ ଏକ ନୂଆ ତଥ୍ୟ ହାସଲ କରିଛନ୍ତି । ସାପମାନଙ୍କ ଠାରେ ମଧ୍ୟ କ୍ଲିଟୋରିସ ରହିଥିବା ବୈଜ୍ଞାନିକମାନେ ପ୍ରଥମ ଥର ପାଇଁ ଜାଣିପାରିଛନ୍ତି । ଏକ ଷ୍ଟଡି ମୁତାବକ, ସାପଠାରେ କ୍ଲିଟୋରିସ ସେମାନଙ୍କର ପ୍ରଜନନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସମ୍ଭାବନା ରହିଛି । ଏଡିଲେଡ ବିଶ୍ୱବିଦ୍ୟାଳୟର ଅଧ୍ୟୟନକାରୀମାନେ ପ୍ରଥମେ ନଅ ପ୍ରକାରର ସାପ ପ୍ରଜାତିଙ୍କ ମଧ୍ୟରେ ସାପ କ୍ଲିଟୋରିସ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ତେବେ ସାପଙ୍କଠାରେ କ୍ଲିଟୋରିସ ମିଳିବା ଏକ ଆଶ୍ଚର୍ଯ୍ୟଜନକ କଥା ନୁହେଁ । କାରଣ ସରିସୃପଙ୍କଠାରେ ହେମିକ୍ଲିଟୋରିସ ରହିବା ବହୁତ ସାଧାରଣ ବୋଲି ଆର୍ଜେଣ୍ଟିନାର ନ୍ୟାସନାଲ ୟୁନିଭରସିଟିର ଜଣେ ଯୁବ ବିଜ୍ଞାନୀ କହିଛନ୍ତି । ଜୀବ ବିଜ୍ଞାନୀମାନେ ହେମିକ୍ଲିଟୋରିସ ବିଷୟରେ ବହୁତ କମ୍ ଜାଣିଛନ୍ତି, ଏଡିଲେଡ ବିଶ୍ୱବିଦ୍ୟାଳୟର ଜଣେ ଜୀବବିଜ୍ଞାନୀ ଛାତ୍ର ସାପ ହେମିପେନେସ ଉପରେ ଅଧ୍ୟୟନ କରିବା ପରେ ଏହା ଉପଲବ୍ଧି କରିପାରିଥିଲେ । ସେ ହେମିକ୍ଲିଟୋରିସର ଗଠନ କିପରି ଥିଲା ତାହା ଜାଣିବାକୁ ପ୍ରୟାସ କରିଥିଲେ । କିଛି ଅଧ୍ୟୟନରେ ଏହାକୁ ଭୁଲ ଭାବେ ସୂଚିତ କରାଯାଇଥିବା ଜଣାପଡ଼ିଥିଲା । ସାପ ଲାଞ୍ଜ ନିକଟରେ ଥିବା ଏକ ସୁଗନ୍ଧି ଗ୍ରନ୍ଥିକୁ ହେମିକ୍ଲିଟୋରିସ ଭାବେ ଲେବଲ କରାଯାଇଥିଲା । ସେହିପରି ଆଉ କିଛି ଅଧ୍ୟୟନରେ ହେର୍ମୋପ୍ରଡକ୍ଟିଭ ସାପଙ୍କଠାରେ ଥିବା ହେମିପେନିସ ପରି ଗଠନକୁ ମଧ୍ୟ ହେମିକ୍ଲିଟୋରିସର ରୂପ ଦିଆଯାଇଥିଲା ।



## ଛୋଟ ଛୋଟ ଘରକରଣା ଟିପ୍ସ

ଘରକୁ ସଫା ରଖିବା ସହିତ ଘରର ସବୁ ଜିନିଷକୁ ସଫା ରଖିବା ମଧ୍ୟ ଜରୁରୀ । ଘରର ଚଟାଣ ହେଉ ଅବା ରୋଷେଇ ଘରେ ବ୍ୟବହୃତ ଗ୍ୟାସ୍ ଓ ବାସନକୁସନଗୁଡ଼ିକୁ ସଫା ରଖିବା ବହୁତ ଜରୁରୀ । ଏସବୁକୁ ସଫା କଲା ବେଳେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ, ତା'ହେଲେ ଏଗୁଡ଼ିକୁ ଆପଣ ଖୁବ୍ ସହଜରେ ସଫା କରିପାରିବେ । ଆସନ୍ତୁ ପଢ଼ିବା ସେମିତି କିଛି ଟିପ୍ସ ।

- ବାସନରେ ପୋଡାଦାଗ ଥିଲେ ସେଥିରେ ଅଳ୍ପ ବେକିଙ୍ଗ ସୋଡା ଓ ଭିନେଗାର ପକାଇ ଅଳ୍ପ ସମୟ ପରେ ମାଜି ଦିଅନ୍ତୁ । ଦେଖିବେ ପୋଡା ଦାଗ ଛାଡିଯିବ ।
- ଘରେ କ୍ଷୀର ଛିଣ୍ଡି ଯାଇଥିଲେ, ତାକୁ ନ ଫୋପାଡି ଛେନା କରନ୍ତୁ । ସେହି ଛେନାକୁ ଅଟା ଚକଟାରେ ବ୍ୟବହାର କରନ୍ତୁ । ରୁଟି ନରମ ଓ ସୁଆଦିଆ ହେବ ।
- ରୁଟି ତାୱାରୁ ପୋଡା ଦାଗ ଛଡାଇବା ପାଇଁ ତାୱାକୁ ଗରମ କରି ସେଥିରେ ଫାଳେ ଲେମ୍ବୁ ଘଷି ଦିଅନ୍ତୁ । ପରେ ଅଳ୍ପ ବେକିଙ୍ଗ ପାଉଡର ପକାଇ ଫାଳେ ଲେମ୍ବୁ ଚିପୁଡି ବାସନ ମଜାରେ ମାଜି ଦିଅନ୍ତୁ । ଦେଖିବେ ତାୱାରୁ ପୋଡା ଦାଗ ଛାଡ଼ି ସଫା ହୋଇଯିବ ।
- ଗ୍ରାଇଣ୍ଡର ଜାର ସଫା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବାସନ ମଜା ଲିକ୍ୱିଡ ପକାଇ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ । ପରେ ଭଲ ପାଣିରେ ଧୋଇଦିଅନ୍ତୁ । ଜାର ଭଲରେ ସଫା ହୋଇଯିବ ।
- ଫ୍ରିଜରେ ପନିର ରଖିଥିଲେ ଏୟାର ଟାଇଟ ଡବାରେ ପାଣି ଦେଇ ବନ୍ଦ କରିରଖନ୍ତୁ । ଏପରି କଲେ ପନିର ସତେଜ ରହିବ ।

## କର୍ମଜୀବୀ ମହିଳା କିପରି କରିବେ ଟାଇମ୍ ମ୍ୟାନେଜ୍‌ମେଂଟ

ଆମକୁ ଛୋଟ ବେଳୁ କୁହାଯାଇଥାଏ ଯେ, 'ସମୟ ସବୁଠୁ ବଳବାନ' । ଆମେ ଯଦି ସମୟକୁ ସଠିକ୍ ଭାବେ ଉପଯୋଗ କରିପାରିବା ତାହାଲେ ସେ ଆମକୁ ସଠିକ୍ କର୍ମ ଫଳ ଦେବ । ଛୋଟରୁ ବଡ଼ ହେଲା ପର୍ଯ୍ୟନ୍ତ ବାପା ମାଆ ସବୁବେଳେ କହିଥାନ୍ତି ଯେ, ଝିଅ ସମୟ ନଷ୍ଟ କରନା, ନ ହେଲେ ଆଗକୁ ବହୁତ ଅସୁବିଧା ହେବ । କିନ୍ତୁ ସତ କହିଲେ, ଆମ ଭିତରେ କେତେଜଣ ଅଛନ୍ତି ଯେଉଁମାନେ ସମୟର ସଠିକ୍ ଉପଯୋଗ କରିଥାନ୍ତି ?

ଆମେ ଯେତେ ବଡ଼ ହେଉ ଆମ ଉପରେ ଦାୟିତ୍ୱ ମଧ୍ୟ ବଢ଼ି ବଢ଼ି ଚାଲିଥାଏ । ସେ ସବୁ ଦାୟିତ୍ୱ ସମ୍ପାଦନ କରିବା ଭିତରେ ଆମ ପାଖରେ ସମୟର ଅଭାବ ଦେଖାଦେଇଥାଏ । ବିଶେଷ କରି ଆଜିକାଲିର କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ସମୟର ଘୋର ଅଭାବ ଦେଖାଦେଇଥାଏ । ଆମେ ଯଦି କୌଣସି କର୍ମଜୀବୀ ମହିଳାଙ୍କୁ କିଛି ପଚାରିଥାଉ ତାହାଲେ ସେମାନଙ୍କଠାରୁ ପ୍ରଥମ ଉତ୍ତର ଏଇୟା ଶୁଣିବାକୁ ମିଳେ ଯେ, ଏତେ ସବୁ କାମ କରିବାକୁ ସମୟ କୋଉଠି ମିଳୁଛି ।

ତେବେ ଘରେ ମହିଳା ମାନଙ୍କ ଉପରେ ବିଶେଷ କରି ବିବାହିତ ମହିଳା ମାନଙ୍କ ଉପରେ ଅନେକ ପ୍ରକାର ଦାୟିତ୍ୱ ରହିଥାଏ । ସେମାନେ ନିଜ ପରିବାରର ଦାୟିତ୍ୱ ତୁଲାଇବା ସହ ସହ କର୍ମକ୍ଷେତ୍ରରେ ମଧ୍ୟ ଅନେକ ଦାୟିତ୍ୱ ନିର୍ବାହ କରିଥାନ୍ତି । ତେବେ ଏହି ସବୁ କାମ ଭିତରେ ଟାଇମ୍ ମ୍ୟାନେଜ୍‌ମେଣ୍ଟ ନ କରିବାରୁ ଅଫିସ୍ ଯିବାରେ ଡେରି ହେଇଥାଏ, ନିଜର ଧ୍ୟାନ ନ ରଖିପାରିବା ସହ ଅନ୍ୟମାନଙ୍କୁ ସମୟ ଦେଇ ପାରି ନଥାନ୍ତି ଓ ଏପରି ଆହୁରି ଅନେକ ସମସ୍ୟା ଦେଖାଦେଇଥାଏ ।

ତେବେ ଆପଣ ଯଦି କର୍ମଜୀବୀ ମହିଳା ହୋଇଥାନ୍ତି, ତାହାଲେ ନିଜ ସମୟକୁ କିପରି ବ୍ୟବହାର କରି ସବୁ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରିପାରିବେ, ପଢ଼ନ୍ତୁ..



❐ ଅନେକ ସମୟରେ ଆମେ ଦେଖିଥାଉ ଯେ, ସମୟ ସଠିକ୍ ଭାବେ ପରିଚାଳନା କରିବା ପାଇଁ କେତେଜଣ ଖସଡ଼ା ବା ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି । ସକାଳୁ ଉଠିବାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁ ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି । କିନ୍ତୁ ଦିନେ କି ଦୁଇ ଦିନ ଯାଏ ତାହା କାର୍ଯ୍ୟକାରୀ ହୁଏ ଆଉ ତା ପରେ ପୂର୍ବରୁ ଯାହା ଯେମିତି ଚାଲିଥିଲା ସେମିତି ଚାଲେ । କିନ୍ତୁ ଆପଣଙ୍କର ଯଦି କାମ ସଠିକ୍ ସମୟରେ ହେଉନାହିଁ ତା'ହେଲେ ନିଜର ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ । ପୂରା ଦିନରେ ଆପଣ କ'ଣ କରିବେ ତାର ଏକ ତାଲିକା ପୂର୍ବରୁ ହିଁ ପ୍ରସ୍ତୁତ କରି ସେହି ଅନୁସାରେ କାମ କରନ୍ତୁ ।



❐ ପ୍ରାୟ ସମସ୍ତଙ୍କର ସକାଳେ ଡେରିରେ ଉଠିବା ଅଭ୍ୟାସ ଥାଏ । ଡେରିରେ ଉଠିବା ଖରାପ ଜାଣି ମଧ୍ୟ ଆମେ ତାକୁ ଅଣଦେଖା କରିଥାଉ । ଏଥିପାଇଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇଥାଏ । ତେବେ ଆପଣ ସବୁବେଳେ ସକାଳେ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ । କାରଣ ବଡ଼ିସକାଳୁ ଉଠିଲେ ଆପଣ କିଛି ବ୍ୟାୟାମ କରିବା ସହ ଅଫିସ୍ ଯିବା ଆଗରୁ ଘରକାମ ସବୁ ଶୀଘ୍ର ସାରି ପାରିବେ ।

❐ ଆପଣ କମ୍ ସମୟ ଭିତରେ ବହୁତ କିଛି କାମ କରିପାରିବେ । ତେବେ ଏହା ଆପଣଙ୍କ ଉପରେ ନିର୍ଭର କରେ । ଯେପରିକି ସକାଳ ଜଳଖିଆ ପାଇଁ ପୂର୍ବଦିନରୁ ପରିବା କାଟି ଫ୍ରିଜ୍‌ରେ ରଖିବା, ଅଫିସ୍ ପିନ୍ଧା ଡ୍ରେସ୍‌କୁ ପୂର୍ବରୁ ଆଇରନ୍ କରି ରଖିବା, ଗାଡ଼ିରେ ଆଗରୁ ପେଟ୍ରୋଲ୍ ଭରି ରଖିବା, ଅଫିସ୍ ବ୍ୟାଗ୍ ସଜାଡ଼ିବା, ଏମିତି ଅନେକ କାମ ଆପଣ ଆଗରୁ କରି ରଖିଲେ ଅଫିସ୍ ଯିବା ସମୟରେ ଆପଣ ତରତରରେ କୌଣସି ଜିନିଷ ଭୁଲିବେ ନାହିଁ ।

❐ କର୍ମଜୀବୀ ମହିଳାମାନଙ୍କୁ ପ୍ରତିଦିନ ଘରର ଆବଶ୍ୟକ ହେଉଥିବା ସାମଗ୍ରୀ କିଣାକିଣି କରିବା ପାଇଁ ସମୟ ହୋଇନଥାଏ । ତେବେ ଆପଣ ଛୁଟି ଦିନରେ ପୁରା ସପ୍ତାହ ପାଇଁ ଜିନିଷ କିଣି ରଖିଦିଅନ୍ତୁ । ଏହା ଦ୍ୱାରା ପ୍ରତିଦିନ ଜିନିଷ କିଣିବାରେ ଆପଣଙ୍କର ସମୟ ବ୍ୟୟ ହେବ ନାହିଁ ।

❐ ଘରର ମହିଳା ଏକା ହିଁ ସବୁ କାମ କରିଥାନ୍ତି । ସେଥିପାଇଁ କାମରେ ଡେରି ହୋଇଥାଏ । ଆପଣ ଯେତେବେଳେ ରୋଷେଇ ବା ଅନ୍ୟ କିଛି କାମ କରୁଥାନ୍ତି ତାହାଲେ ଆପଣଙ୍କ ସ୍ୱାମୀ ବା ଅନ୍ୟ ସଦସ୍ୟମାନଙ୍କୁ ଆପଣଙ୍କୁ ସାହାଯ୍ୟ କରିବାକୁ କୁହନ୍ତୁ । ଯେପରିକି ବଟଲରେ ପାଣି ଭର୍ତ୍ତି କରିଦେବା, ରୁମ୍ ସଜାଡ଼ିଦେବା ଇତ୍ୟାଦି କାମ ଆପଣ ଆପଣ ସ୍ୱାମୀଙ୍କୁ କହି କରାଇ ପାରିବେ ।

## ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ ।

- କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ୍ୟ ଅନେକାଂଶରେର ହ୍ରାସ ପାଇଥଏ ।
- ଲଣ୍ଡନର ଗବେଷକ ଦଳଙ୍କ ମତରେ ଯୋଗ କଲେ ଆମ ମସ୍ତିଷ୍କକୁ ଆବଶ୍ୟକ ପରିମାଣରେ ଅମ୍ଳଜାନ ମିଳେ, ଯାହା କାରଣରୁ ମନ ଶାନ୍ତ ରହୁଥିବାର ପରୀକ୍ଷାରୁ ଜଣାପଡ଼ିଛି ।
- ଯୋଗ ଗୁରୁଙ୍କ ତାମିଲରେ ୧୦ଦିନ କ୍ରମାଗତ ଯୋଗାଭ୍ୟାସ କଲେ ଏହାର ଉତ୍ତମ ପ୍ରଭାବ ଜାଣିହୋଇଥାଏ । ଯୋଗ ଆରମ୍ଭ ପୂର୍ବରୁ କିଛି ସମୟ ଆଖି ବନ୍ଦ କରି ଧ୍ୟାନ କରନ୍ତୁ ।



## ଖୁସି ରହିବାର ଅଭ୍ୟାସ

କାମର ଚାପ ଏତେ ବଢୁଛି ଯେ ଯୁବବର୍ଗ ନିଜ ଅସ୍ତିତ୍ୱ ଏହା ମଧ୍ୟରେ ଭୁଲିଗଲେଣି । ଅଧିକାଂଶ ପରିବାରରେ ଆଜିକାଲି ନିୟମିତ କଳିଝଗଡ଼ା ଲାଗିରହୁଛି । ଏହା ପଛର ମୁଖ୍ୟ କାରଣ ହେଲା ପରସ୍ପରର ଅସୁବିଧାକୁ ନ ବୁଝିବା । ଏ ବାବଦରେ ଲଣ୍ଡନର ଗବେଷକ ଏନରି ଲ' କହିଛନ୍ତି ପ୍ରତ୍ୟେକେ ଖୁସି ରହିବାକୁ ଚେଷ୍ଟା କରନ୍ତୁ । ନିଜ ଇଚ୍ଛା ଅନୁସାରେ ଜୀବନଶୈଳୀ ଅତିବାହିତ କଲେ କୌଣସି କାମର ଚାପ ପଡ଼ିନଥାଏ । ଏକଥା ପରିବାରର ପ୍ରତ୍ୟେକ ସଦସ୍ୟ ବୁଝିବା ସହ କାର୍ଯ୍ୟାଳୟର ସହଯୋଗୀ ମଧ୍ୟ ହୃଦୟଙ୍ଗମ କରିବା ଉଚିତ । କେବଳ ନିଜ ଇଚ୍ଛା ଅନୁଯାୟୀ ଆଗକୁ ବଢ଼ିଲେ ହିଁ ଅବସାଦର ଚାପକୁ କମ୍ କରିହେବ ବୋଲି ବିଶେଷଜ୍ଞଙ୍କ ମତ । ଦେଶ ସ୍ୱାଧୀନ ହୋଇଯାଇଛି, କିନ୍ତି ପରିବାର ତରଫରୁ ଏ ପର୍ଯ୍ୟନ୍ତ ସଦସ୍ୟମାନଙ୍କୁ ସ୍ୱାଧୀନତା ମିଳିନାହିଁ । ସମସ୍ତେ ଏହି କଥାର ତାତ୍ପର୍ଯ୍ୟ ବୁଝି ଅଗ୍ରସର ହେବା ଉଚିତ ।

## ପଏଜନ୍ ଗାର୍ଡେନ୍

କିଛି ନୂଆ ଜିନିଷ ବିଷୟରେ ଜାଣିବା ପରେ ଅବା ଛୁଇଁବା, ସମସ୍ତଙ୍କୁ ଭଲ ଲାଗେ ।ବେଳେ ବେଳେ ଛୁଇଁବାକୁ କିନ୍ତୁ ଡର ଲାଗେ । କାରଣ ଜିନିଷଟି ପ୍ରତି କ୍ଷତି ପହଞ୍ଚାଇବାର ଭୟ ରହିଥାଏ । ଆମେ ବିଭିନ୍ନ ପ୍ରକାର ଗଛ ଦେଖିଛେ । ସେଥିମଧ୍ୟରୁ କିଛି ଏମିତି ବି ଗଛ ଅଛି ଯେଉଁଥିରେ ବିଷ ରହିଥାଏ । ଏମିତି ଏକ ଗାର୍ଡେନ୍ ଅଛି ଯେଉଁଠାରେ ଅଧିକାଂଶ ବିଷ ଗଛ ଦେଖିବାକୁ ମିଳିବ । ସେ ଗଛ ସବୁ ଛୁଇଁଲେ ମଣିଷ ମରିଯିବ । ଏହା ହେଉଛି ଇଂଲଣ୍ଡର ନର୍ଥୟୁମ୍ବର୍‌ଲାଣ୍ଡ୍‌ରେ ଥିବା 'ଅଲନ୍ୟିକ୍ ପଏଜନ୍ ଗାର୍ଡେନ୍' । ନର୍ଥୟୁମ୍ବର୍‌ଲାଣ୍ଡ୍‌ର ରାଣୀ ଏହି ଗାର୍ଡେନକୁ ୧୭୫୦ରେ ତିଆରି କରିଥିଲେ । ସେ ଚାହୁଁଥିଲେ କି ଏହି ଗାର୍ଡେନ୍ ନିଜର ଅଦ୍ୱିତୀୟ ବା ନିଆରା ଗୁଣ ପାଇଁ ଜଣାଯିବ । ଏହା କରିବା ପଛରେ ରାଣୀଙ୍କ ଉଦ୍ଦେଶ୍ୟ ଥିଲା ଲୋକମାନେ ଏହି କଥା ଜାଣିବା ଦରକାର ଯେ ଯଦି ଉଦ୍ଭିଦକୁ ଔଷଧ ରୂପରେ ପ୍ରୟୋଗ କରାଯାଇପାରିବ, ତେବେ ମଣିଷର ଜୀବନ ନେବା କ୍ଷମତା ବି ଗଛର ଅଛି ବୋଲି ଜାଣିବା ଦରକାର ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବଡ ଦେଖେଇବା...

୨୦୦୧୦ଠାରୁ ଧନୀ ଦେଶମାନଙ୍କର ଗୋଷ୍ଠୀ ଜି-୭, ଯାହା ରୁଷିଆ କିଛି ବର୍ଷ ପାଇଁ ଏହାର ସଦସ୍ୟ ଥିବାରୁ ଜି-୮ ଭାବରେ ମଧ୍ୟ ପରିଚିତ ଥିଲା, ପ୍ରତି ବର୍ଷ କେତେକ ବଛା ବଛା ଉଦୀୟମାନ ଅର୍ଥନୀତିମାନଙ୍କର ନେତାମାନଙ୍କୁ ଏହାର ବାର୍ଷିକ ବୈଠକରେ ଯୋଗ ଦେବାକୁ ନିମନ୍ତ୍ରିତ କରିଥାଏ । ନିକଟରେ ଜାପାନର ହିରୋସୀମାଠାରେ ଶେଷ ହୋଇଥିବା ଏହି ଗୋଷ୍ଠୀର ବାର୍ଷିକ ବୈଠକରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ଆଠ ଜଣ ଅଣ- ଜି-୭ ଦେଶମାନଙ୍କରୁ ଆମନ୍ତ୍ରିତ ନେତାମାନଙ୍କ ସହିତ ଯୋଗ ଦେଇଥିଲେ । ଏହି ନେତାମାନଙ୍କ ମଧ୍ୟରୁ ଜଣେ ସର୍ବାଧିକ ଉଲ୍ଲେଖନୀୟ ନେତା ଥିଲେ ଭୋଲୋଦିମିର ଜେଲେନ୍ସ୍କି– ୟୁକ୍ରେନ୍‌ର ରାଷ୍ଟ୍ରପତି, ଯାହାଙ୍କ ସହିତ ଶ୍ରୀଯୁକ୍ତ ମୋଦୀଙ୍କର ୨୦୨୨ ଫେବ୍ରୁଆରୀରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ପ୍ରଥମ ଥର ପାଇଁ ବ୍ୟକ୍ତିଗତ ଉପସ୍ଥିତିରେ ମୁହାଁମୁହିଁ ସାକ୍ଷାତ ଆଲୋଚନା ହୋଇଥିଲା । ଏହି ବୈଠକ ପରିପ୍ରେକ୍ଷୀରେ ଭାରତୀୟ ପ୍ରଧାନମନ୍ତ୍ରୀ କେବଳ ଶ୍ରୀଯୁକ୍ତ ଜେଲେନ୍ସ୍କିଙ୍କ ସହିତ ବ୍ୟକ୍ତିଗତ ସ୍ତରରେ ଆଲୋଚନା କରି ନଥଲେ, ସେ ମଧ୍ୟ ଅନ୍ୟାନ୍ୟ ରାଷ୍ଟ୍ରର ନେତାମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ବୈଠକରେ ତ ପ୍ରଧାନମନ୍ତ୍ରୀ ମୋଦୀ ଏକ ବଳିଷ୍ଠ ବୈଶ୍ୱିକ ଦକ୍ଷିଣ ରାଷ୍ଟ୍ରମାନଙ୍କର ଚିନ୍ତା ସମ୍ପର୍କରେ ଏବଂ ଜାତିସଂଘ ଓ ଏହାର ସୁରକ୍ଷା ପରିଷଦ ସମଗ୍ର ବିଶ୍ୱ ସମ୍ମୁଖୀନ ହେଉଥିବା ପ୍ରସଙ୍ଗଗୁଡ଼ିକ ଉପରେ ଗଭୀର ଭାବରେ ଚିନ୍ତା କରି କାର୍ଯ୍ୟ କରିବାର ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଶ୍ରୀଯୁକ୍ତ ମୋଦୀ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ସ୍ଥାୟୀ ସଦସ୍ୟମାନଙ୍କ ଆକର୍ଷଣୀୟ ଗୋଷ୍ଠୀ (ଯେଉଁମାନଙ୍କ ନିକଟରେ ନିଜର ସ୍ୱାର୍ଥ ଏବଂ ସେମାନଙ୍କ ମିତ୍ର ରାଷ୍ଟ୍ରମାନଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଭିଟୋ କ୍ଷମତା ଅଛି) ବାହାରେ ପ୍ରଥମ ବ୍ୟକ୍ତି ନୁହନ୍ତି, ଯିଏକି ଏହି ବିଶ୍ୱ ସଂଗଠନର ଅପ୍ରଭାବଶାଳୀତା ଉପରେ କହିଛନ୍ତି, ନା ମଧ୍ୟ ସେ ଶେଷ ବ୍ୟକ୍ତି ହେବେ ଏହା କହିବାରେ । କିନ୍ତୁ ଏକଥା ସଦା ସର୍ବଦା ପ୍ରମାଣିତ ହୋଇ ଆସିଛି ଯେ ଜାତିସଂଘ ବେଶ୍ କିଛି ବର୍ଷ ହେବ ଏକ 'କଥା ବିକୁଥିବା ଦୋକାନ' ସ୍ତରକୁ ଖସି ଆସିଛି ଏବଂ ରାଷ୍ଟ୍ରମାନଙ୍କ ମଧ୍ୟରେ କୌଣସି ପ୍ରକାରର ବିବାଦ ସମାଧାନ କରିବାରେ କେବଳ କୂଟନୀତି ଏବଂ ଆଲୋଚନାର ପନ୍ଥା ଆପଣାଇବାକୁ ପରାମର୍ଶ ଦେବା ବ୍ୟତୀତ କ୍ୱଚିତ୍ ଅନ୍ୟ କିଛି କରିଛି, ଠିକ୍ ଯେମିତି ଶ୍ରୀଯୁକ୍ତ ମୋଦୀ କରିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନ୍ସ୍କଙ୍କ ସହିତ ଆଲୋଚନା କରି । ଜି-୭ ବୈଠକ ଅବସରରେ ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହିତ ସାକ୍ଷାତ ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ଭାରତ ଯେଉଁ ଭୂମିକା ନିର୍ବାହ କରି ପାରିବାର ସମ୍ଭାବନା ରହିବ, ସେ ସବୁଯାକ କରିବ । ହିରୋସୀମାଠାରେ ଅନୁଷ୍ଠିତ ଜି-୭ ବୈଠକର ମୁଖ୍ୟ ଧ୍ୟାନ ଯେ ରୁଷିଆ ଏବଂ ଚୀନ୍‌କୁ ନେଇ ଥିବା ମତପାର୍ଥକ୍ୟଗୁଡ଼ିକୁ ଦୂର କରିବା ଉପରେ କେନ୍ଦ୍ରିତ ହୋଇଥିଲା, ଯାହା ବିରୁଦ୍ଧରେ ସମଗ୍ର ୟୁରୋପ୍ ଅତ୍ୟଧିକ ସକ୍ରିୟ ଭୂମିକା ନିର୍ବାହ କରୁ ବୋଲି ଆମେରିକା ଚାହେଁ, ତାହା ପ୍ରମାଣିତ ହୋଇ ଯାଇଥିଲା । ଭାରତ ପାଇଁ ରୁଷିଆ ବିପକ୍ଷରେ ଜି-୭ ରାଷ୍ଟ୍ରମାନଙ୍କ ଦ୍ୱାରା ଘୋଷଣା କରାଯାଇଥିବା କେତେକ ସଦ୍ୟ ଅନୁମୋଦନ ଏକ ଅପ୍ରୀତିକର ସମ୍ବାଦ । ଜି୨୦, ଯାହାର ଚଳିତ ବର୍ଷ ଭାରତ ନେତୃତ୍ୱ ନେଉଛି, ସେଥିରେ ଭାରତ ବିବାଦ ଉପରେ ଯେଉଁ ସହମତି- ତାହା ଯେ କୌଣସି ପ୍ରକାରର ହେଉ ନା କାହିଁକି– ହାସଲ କରିବାକୁ ଚାହୁଁଛି, ଏହି ଘୋଷଣାଗୁଡ଼ିକ ତା' ଉପରେ ବିପରୀତ ପ୍ରଭାବ ପକାଇବ । ତଥାପି ଏହି ସମ୍ମିଳନୀ ପ୍ରତି ଶ୍ରୀଯୁକ୍ତ ମୋଦୀଙ୍କ ଦଳ ଓ ତାଙ୍କ ସରକାରଙ୍କ ପକ୍ଷରୁ ମିଳିଥିବା ପ୍ରତିକ୍ରିୟା ଏକ ବିଜୟ ବୋଲି ଅଭିହିତ କରାଯିବ- ଏଇଥି ପାଇଁ ନୁହେଁ ଯେ ପ୍ରଧାନମନ୍ତ୍ରୀ ମୋଦୀ କ'ଣ କଲେ, ବରଂ ଏଇଥ ପାଇଁ ଯେ ମୋଦୀ ନିଜେ କିଏ ବୋଲି ନିଜକୁ ପ୍ରମାଣିତ କଲେ । କେତେକ ଧମାକାଦାର ସୋସିଆଲ ମିଡିଆ ପୋଷ୍ଟରେ ସରକାରୀ ମନ୍ତ୍ରୀ ଏବଂ ଭାରତୀୟ ଜନତା ପାର୍ଟିର ନେତାମାନେ ଦୃଢ଼ କଣ୍ଠରେ ଦାବି କଲେ ଯେ ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିଜ୍ ଶ୍ରୀଯୁକ୍ତ ମୋଦୀଙ୍କୁ ସେମାନେ ତାଙ୍କର କେବଳ ନିଜ ଦେଶରେ ନୁହେଁ, ବରଂ ସେମାନଙ୍କ ଦେଶରେ ମଧ୍ୟ ଲୋକପ୍ରିୟତା ଯୋଗୁଁ ତାଙ୍କ ଉପସ୍ଥିତିରେ ଅସହଜ ମନେ କରୁଛନ୍ତି ବୋଲି କହିଲେ । ତେବେ ଏ ଖବର ସେମାନେ କେଉଁ ଅଜଣା ସୂତ୍ରରୁ ପାଇଲେ, ତାହା ସେଇମାନେ ହିଁ ଜାଣିଥିବେ । ପରନ୍ତୁ, ତାଙ୍କ ବୈଠକଗୁଡ଼ିକୁ ନେଇ ନୂଆଦିଲ୍ଲୀର ସରକାରୀ ବିବରଣୀଗୁଡ଼ିକ ଜଣେ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଭାବରେ ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ପ୍ରଧାନମନ୍ତ୍ରୀ ଯେଉଁସବୁ କାର୍ଯ୍ୟଗୁଡ଼ିକ କଲେ, ସେସବୁ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ । ଏଥିରେ ସନ୍ଦେହ ନାହିଁ ଯେ ବିଦେଶରେ ରହୁଥିବା ଭାରତୀୟମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତା ଉପରେ ପ୍ରଶ୍ନ କରାଯାଇ ନପାରେ । ତଥାପି ଯଦି ଖୁବ୍ ଶୀଘ୍ର ଶ୍ରୀଯୁକ୍ତ ମୋଦୀଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ବୁଝାମଣାଗୁଡ଼ିକ ସମ୍ପନ୍ନ କରିବାକୁ ଯାଉଥିବା ଶ୍ରୀଯୁକ୍ତ ବାଇଡେନ୍ ଏବଂ ଶ୍ରୀଯୁକ୍ତ ଆଲ୍‌ବାନିଜ୍ ତାଙ୍କ ସମ୍ପର୍କରେ ଏପରି କହିଥାନ୍ତି, ତା'ହେଲେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ଦଳ ଏହି କଥାରେ ଭଳି ନ ଯାଇ ବା ପତିଆରାର ଡେଙ୍ଗୁରା ନ ପିଟି, ତାହା କିପରି ବ୍ୟର୍ଥ ନହେବ, ତାକୁ ଜଗିବା ଉଚିତ । ତୋଷାମଦିକୁ ଭାରତୀୟ କୂଟନୀତିର ଶାଣିତ ଧାରକୁ ନଷ୍ଟ କରିବାକୁ ଦିଆ ନ ଯିବା ଉଚିତ ।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର : ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ

## ବିଶ୍ୱବିଜୟୀ ଦାଶ



ପାରଳା ମହାରାଜା, ଭାଷା ଆନ୍ଦୋଳନର ପୁରୋଧା, ପ୍ରଜାବତ୍ସଳ, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତି ନାରାୟଣ ଦେବ ।

ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତି ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ରାଜା ଗୌରଚନ୍ଦ୍ର ଦେବ (ଦ୍ୱିତୀୟ) ଓ ମାତାଙ୍କ ନାମ ରାଣୀ ବିଷ୍ଣୁପ୍ରିୟା ଦେବୀ ।ପିତା ଗୌରଚନ୍ଦ୍ର ଗଜପତି ଓ ପିତୃବ୍ୟ ପଦ୍ମନାଭ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଓ ମି.ଏଡମଣ୍ଡ କ୍ୟାଣ୍ଡଲର ଗୃହଶିକ୍ଷକଙ୍କ ଦାୟିତ୍ୱରେ ତାଙ୍କର ବାଲ୍ୟଶିକ୍ଷା ସମାପ୍ତ ହୋଇଥିଲା ।

ତା'ପରେ ଉଚ୍ଚଶିକ୍ଷା ପାଇଁ ସେ ମାନ୍ଦ୍ରାଜ ଗଲେ । ମାନ୍ଦ୍ରାଜରେ ପାଠ ପଢ଼ିବା ସମୟରେ ତାଙ୍କ ପିତାଙ୍କର ସ୍ୱର୍ଗବାସ ହୋଇଥିଲା । ନିଉଇଂଟନ ପ୍ରିନ୍ସ କଲେଜରୁ ପାଠପଢା ଶେଷ ପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ତା'ପରେ ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ ଓ ଶାସନ ଭାର ଗ୍ରହଣ କରିଥିଲେ ।

ମହାରାଜା ହୋଇ ମଧ୍ୟ ରାଜକୀୟ ବିଳାସ ବ୍ୟସନଠାରୁ ବହୁ ଦୂରରେ ରହି ଜନସେବାକୁ ଗୁରୁତ୍ୱ ଦେଇଥିଲେ । ତାଙ୍କର ବିବାହ ଉତ୍ସବ ପାଳନ ଅବସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ସ୍ଥାପିତ ସତ୍ୟବାଦୀ ବନବିଦ୍ୟାଳୟର ଏକ ଛାତ୍ରାବାସ ନିର୍ମାଣ ଲାଗି ପାଞ୍ଚଶହ ଟଙ୍କା ଦାନକରିଥିଲେ । ଏହି ଅର୍ଥ ପାଇବା ପରେ ଗୋପବନ୍ଧୁ ଦାସ କୃଷ୍ଣଚନ୍ଦ୍ରଙ୍କୁ ଆଶୀର୍ବାଦ ଜଣାଇ ଏକ ପତ୍ର ଲେଖିଥିଲେ । ତା'ଛଡା ଓଡ଼ିଆ ସାହିତ୍ୟର ବିକାଶ ଲାଗି ଉତ୍କଳ ସାହିତ୍ୟ ସମାଜକୁ ଏକଶତ ଟଙ୍କା ଦାନ କରିଥିଲେ । ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତିଙ୍କ ମତରେ ରାଜ୍ୟ ତଥା ଓଡ଼ିଶାରୁ ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇପାରିଲେ ଜନସାଧାରଣଙ୍କ ଆର୍ଥିକ, ମାନସିକ, ସାମୂହିକ ଉନ୍ନତି ସାଧିତ ହୋଇପାରିବ । ଶିକ୍ଷାର ବିକାଶ ପାଇଁ ସେ ଗୁଡ଼ିଏ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ଥାପନ କରିଥିଲେ । ମେଧାବୀ ଛାତ୍ରଙ୍କୁ ବୃତ୍ତି ଏବଂ ଗରିବ ଛାତ୍ରଙ୍କୁ ବିଦ୍ୟାଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇଥିଲେ । ସେସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରଶାସନିକ ଅଧିନରେ ରହିଥିଲା । ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକ ଗୋଟିଏ ଅଞ୍ଚଳରେ ରହିଲେ, ଉନ୍ନତୀ ସମ୍ଭବ ବୋଲି କୃଷ୍ଣଚନ୍ଦ୍ର ଦେବ ହୃଦୟଙ୍ଗମ କରିପାରିଥିଲେ । ତଦନୁସାରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କାର୍ଯ୍ୟ କରିବାକୁ ସେ ଶପଥ ଗ୍ରହଣ କରିଥିଲେ । ପାରଳାଖେମୁଣ୍ଡିଠାରେ ୧୯୧୨ରେ ହୋଇଥିବା ଉତ୍କଳ ସମ୍ମିଳନୀରେ ସେ ଜଣେ ପୁରୋଧା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ ।୧୯୧୪ ମସିହା ଡିସେମ୍ବର ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାଖେମୁଣ୍ଡିଠାରେ ଆହୂତ କରି ନିଜର କର୍ମକୁଶଳତା ଦେଖାଇଥିଲେ । ସେଠାରେ ପ୍ରଥମଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ । ଏହି ସମ୍ମିଳନୀର ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ଗଜପତି ଦୃଢ଼ତାର ସହିତ ପ୍ରସ୍ତାବ ଦେଇ କହିଲେ, 'ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବାପାଇଁ କେବଳ ଦାବି ନ କରି ସମଗ୍ର ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ଏକତ୍ରୀତ କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ । କୃଷ୍ଣଚନ୍ଦ୍ରଙ୍କର ଏଇଭଳି ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ସମ୍ମିଳନୀର ନେତୃବର୍ଗ ଏପରିକି ବୟୋଜ୍ୟୋଷ୍ଠ ନେତା ମଧୁବାବୁଙ୍କୁ ମଧ ଚକିତ କରି ଦେଇଥିଲା ଏବଂ ଗଜପତିଙ୍କର ଏହି ବଜ୍ର ନିର୍ଘୋଷ ନିନାଦ ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଶଶିଭୂଷଣ ରଥ ଓ ମଧୁସୂଦନ ଦାସ ଇତ୍ୟାଦିଙ୍କ ସମର୍ଥନ ପାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ପ୍ରସ୍ତାବ ଭାବରେ ଉତ୍କଳ ସମ୍ମିଳନୀରେ ଗୃହୀତ ହେଲା ।

ପ୍ରଥମ ଗୋଲ ଟେବୁଲ ବୈଠକ (୧୯୩୦-୩୧) ଲଣ୍ଡନଠାରେ ଅନୁଷ୍ଠିତ ହେଲା । ବିହାର ଓ ଓଡ଼ିଶା ସରକାଙ୍କ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ସଭ୍ୟଭାବେ ଗୋଲ ଟେବୁଲ୍ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଓଡ଼ିଶାର ଦାବୀ ଉତ୍‌ଥାପନ କରି ଏକ ଐତିହାସିକ ଭାଷଣ ଦେଇ ବ୍ରିଟିଶ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି କହିଥିଲେ, 'ଆମେ ଚାହୁଁ ଭାଷା ଓ ଜାତି ସୂତ୍ରରେ ପ୍ରଦେଶ ଗଠନ । ଏକ କୋଟି ଓଡ଼ିଆଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଅନୁମତି ନଦେଇ ଆପଣମାନେ ଭାରତରେ ନୂତନ ଶାସନ ସଂସ୍କାର କରିପାରିବେ ନାହିଁ ।' ଏହି ମନୀଷୀଙ୍କ ଯୁକ୍ତିଯୁକ୍ତ ବକ୍ତବ୍ୟ ଶୁଣି ଗୋଲ ଟେବୁଲ୍ ବୈଠକରେ ଉପସ୍ଥିତ ବ୍ରିଟିଶ ସରକାରଙ୍କର ପ୍ରତିନିଧିମାନେ ସ୍ତବ୍ଧ ହୋଇଯାଇଥିଲେ ।

ନିଜ ଶାସନ କାଳରେ ସେ ନିଜ ରାଜ୍ୟ ଭିତର ଦେଇ ନୂଆପଡ଼ା-ପାରଳାଖେମୁଣ୍ଡି ରେଳପଥକୁ ଗୁଣୁପୁର ଯାଏ ସମ୍ପ୍ରସାରିତ କରିଥିଲେ । କୃଷି ଓ ଶିଳ୍ପ ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲା ଧାନ କଳ, ତେଲ କଳ ଏବଂ ଲୁହା କାରଖାନା ବସାଇଥିଲେ । ରାଜ୍ୟରେ ଜଳ ସେଚନର ସୁବିଧା ପାଇଁ ନଳିନୀ କୃଷ୍ଣ ସାଗର କାଶୀ ନଗରଠାରେ ଖୋଳାଇ ଥିଲେ, ସାହିତ୍ୟ ଗବେଷଣା ପାଇଁ ଗୋପୀନାଥ ନନ୍ଦ ଓ ଗୋପାଳ ପ୍ରହରାଜଙ୍କ ଭଳି ଗବେଷକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ।

୧୯୧୩ ମସିହାରେ କୃଷ୍ଣଚ଼ନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟାଭିଷେକ ପରେ ସେ ପାଞ୍ଚୋଟି କାର୍ଯ୍ୟ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ଓ ପରବର୍ତ୍ତୀ ଜୀବନରେ ଏହି ସର୍ତ୍ତ ଗୁଡ଼ିକ ପାଳନ କରିଥିଲେ ।

ବ୍ରିଟିଶ ପର୍ଲ୍ୟାମେଣ୍ଟରେ ୧୯୩୫ ମସିହା ଭାରତ ଆଇନ ସଂଶୋଧନ ହୋଇ ସମଗ୍ର ଭାରତୀୟ ଉପମହାଦେଶକୁ ୧୧ଟି ପ୍ରଦେଶରେ ବିଭକ୍ତ କରାଗଲା । ପ୍ରତି ପ୍ରଦେଶର ବିଧାନ ସଭା ପାଇଁ ନିର୍ବାଚନ ହେଲା । ଓଡ଼ିଶା ବିଧାନ ସଭାରେ ୬୦ଟି ଆସନରୁ ୩୬ଟି ଆସନ କଂଗ୍ରେସ ଦଳ ହାତରେ ଥିବା ସ୍ଥଳେ କୃଷ୍ଣଚନ୍ଦ୍ରଙ୍କ ଦେଇ ଗଠିତ ଓଡ଼ିଶା ଜାତୀୟ ଦଳ ହାତରେ ୨୪ଟି ଆସନ ଥିଲା । ତେଣୁ ସଂଖ୍ୟା ଗରିଷ୍ଠ କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ ଗଠନ କରିବା କଥା ମାତ୍ର ତତ୍କାଳିନ ରାଜ୍ୟପାଳମାନଙ୍କ ସ୍ୱତନ୍ତ୍ର କ୍ଷମତାକୁ ବିରୋଧ କରି କୌଣସି ରାଜ୍ୟରେ କଂଗ୍ରେସ ଦଳ କୌଣସି ରାଜ୍ୟରେ ଶାସନ ଦାୟିତ୍ୱ ନେଲେ ନାହିଁ । ତେଣୁ ଓଡ଼ିଶାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଓଡ଼ିଶାର ଶିକ୍ଷାମନ୍ତ୍ରୀ ଭାବେ ରହିଲେ ବାଣପୁର ମାଟିର ଗୌରବ ପଣ୍ଡିତ ଗୋଦାବରୀଶ ମିଶ୍ର ।ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଠିକ ବର୍ଷକ ପରେ ଅର୍ଥାତ ୧୯୩୭ ମସିହା ଏପ୍ରିଲ୍ ମାସ ୧ ତାରିଖରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ସାର୍ ଜନ ଅଷ୍ଟିନ ହବାକ ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କୁ ନେତା ରୂପେ ନିର୍ବାଚିତ କରି ପ୍ରଥମ ମନ୍ତ୍ରିମଣ୍ଡଳ ଗଠନ କରିବାପାଇଁ ନିମନ୍ତ୍ରଣ କଲେ । ତେଣୁ ଗୋରାଚାନ୍ଦ ପଟ୍ଟନାୟକ ଓ ଲତିଫୁର ରହମାନଙ୍କୁ ସଦସ୍ୟ ଭାବରେ ନେଇ ମନ୍ତ୍ରିମଣ୍ଡଳ ଗଠନ କରି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୧୯୩୭ ମସିହା ଏପ୍ରିଲ ପହିଲାରୁ ଜୁଲାଇ ମାସ ଅଠର ତାରିଖ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳନା କଲେ ଏବଂ ପରେ ୧୯୪୧ ମସିହା ନଭେମ୍ବର ମାସ ଠାରୁ ୧୯୪୪ ମସିହା ଜୁନ ମାସ ପର୍ଯ୍ୟନ୍ତ ତୃତୀୟ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଯୋଗଦେଇ ଦକ୍ଷତାର ସହ କାର୍ଯ୍ୟ କରିଥିଲେ ।

କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚଶିକ୍ଷାର ସୁବିଧା ପାଇଁ କଲେଜ ପ୍ରତିଷ୍ଠା କରିବା ସଙ୍ଗେସଙ୍ଗେ ଗରିବ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ବ୍ୟବସ୍ଥା ମଧ କରିଥିଲେ । ମହାରାଜାଙ୍କ ମନ୍ତ୍ରୀତ୍ୱ ଥିବାଯାଏ ତାଙ୍କର ମାସିକ ଦରମା ଓ ଗସ୍ତଖର୍ଚ୍ଚ ସବୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରୁଥିଲେ ।ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ'ର ମୁଦ୍ରଣ ଖର୍ଚ୍ଚ, ଗୋପାଳକୃଷ୍ଣ ପଦ୍ୟାବଳୀର ପ୍ରକାଶନ, ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' ପ୍ରକାଶନ, ସିଂହଭୂମି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରସାର ଓ ପ୍ରଚାର, 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ୫ମ ଖଣ୍ଡ'ର ମୁଦ୍ରଣ ଓ ବହୁ କାବ୍ୟର ପ୍ରକାଶନ ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ଦେଇ ଗଜପତି ନିଜକୁ ଜଣେ ସାହିତ୍ୟାନୁରାଗୀ ଭାବରେ ପରିଚୟ ଦେଇଥିଲେ । ସେ ତତ୍‌କାଳୀନ ଓଡ଼ିଶାର କୃଷକମାନଙ୍କ ଉନ୍ନତି ପାଇଁ ପାରଳାଖେମୁଣ୍ଡିରେ ଆଦର୍ଶ କୃଷି ଫାର୍ମ ଓ କଟକଠାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠାର ପ୍ରାରମ୍ଭିକ କାର୍ଯ୍ୟ ମଧ ତାଙ୍କ ସମୟରେ ଆରମ୍ଭ ହୋଇଥିଲା । ସେ ପାରଳାଖେମୁଣ୍ଡି ଠାରେ ମଧ ଏକ ଛୋଟ ଇସ୍ପାତ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରି ତାହାକୁ ଟାଟା କମ୍ପାନୀ ସହିତ ଚୁକ୍ତି କରିଥିଲେ । ଓଡ଼ିଶାରେ କଳା ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ତାଙ୍କର ଅବଦାନ ଅତୁଳନୀୟ । ବିଶେଷ କରି ଲଳିତକଳା, ସାହିତ୍ୟ, ସଙ୍ଗୀତ, ରାଗ ରାଗିଣୀ, ଗୋଟିପୁଅ ନାଚ ବା ଗାନ୍ଧର୍ବ ବିଦ୍ୟାରେ ମହାରାଜାଙ୍କ ଜନ୍ମସ୍ଥାନ ପାରଳାଖେମୁଣ୍ଡି ଥିଲା ଚିରପ୍ରସିଦ୍ଧ । ଯାହାକି ସହରର ଅବସ୍ଥିତି ସାହିତ୍ୟ ସଙ୍ଗୀତର ଏକ କ୍ଷୁଦ୍ର ସଂସ୍କରଣ ବୋଲି ମନେହୁଏ । ଘୁମୁସରର ରାଜା ଧନଞ୍ଜୟ ଭଞ୍ଜ ନାତି ଉପେନ୍ଦ୍ର ଭଞ୍ଜଙ୍କୁ କଥା ଛଳରେ କହିଥିଲେ -

'ଗଣିତରେ ଖଣ୍ଡପଡା
ସଂସ୍କୃତରେ ନୟାଗଡ଼
କ୍ଷତ୍ରିୟରେ ଘୁମୁସର
ଧରାକୋଟ ରାଜନୀତି,
ଗନ୍ଧର୍ବବିଦ୍ୟାରେ ପାରଳାଖେମୁଣ୍ଡି
ମନେରଖିଥିବୁ ନାତି ।'

ମାଡ୍ରାସର ଜଷ୍ଟିସ ପାର୍ଟିର ସେ ଜଣେ ସଭ୍ୟ ଭାବରେ କାମ କରୁଥିଲେ । ଏଥି ସହିତ ରୟାଲ ଆଗ୍ରିକଲଚରାଲ କମିସନର ସଭ୍ୟ ଭାବରେ ୧୯୨୭ରୁ କାମ କରୁଥିଲେ । ୧୯୪୭ରୁ ୧୯୫୦ ଯାଏଁ ସେ ଭାରତୀୟ ସମ୍ବିଧାନ ସଭାର ସଦସ୍ୟ ଥିଲେ ।ଏହା ସହିତ ସେ ରୟାଲ ସୋସାଇଟି ଅଫ ଆର୍ଟସ ଓ ରୟାଲ ଏସିଆଟିକ ସୋସାଇଟି, ଲଣ୍ଡନ ଓ ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ଆଜୀବନ ସଭ୍ୟ ଭାବେ ରହିଥିଲେ । ୧୯୩୨ରେ ତାଙ୍କୁ ଓଡ଼ିଶା ସରକାର 'ମହାରାଜା' ଉପାଧିରେ ଭୂଷିତ କରିଥିଲେ । ସେହି ବର୍ଷ ବ୍ରିଟିଶ ସରକାର ତାଙ୍କୁ କେସିଆଇ ଉପାଧି ମଧ ଦେଇଥିଲେ ।

ପରବର୍ତ୍ତୀ ସମୟରେ ୧୯୯୨ ମସିହା ଗାନ୍ଧୀ ଜୟନ୍ତୀ ଅବସରରେ ଭୂମିପୁତ୍ର ବିଜୁ ପଟ୍ଟନାୟକ ଙ୍କ ସମୟରେ ତାଙ୍କରି ନାମରେ ଗଜପତି ଜିଲ୍ଲା ଭାବରେ ନାମିତ ହୋଇଥିଲା । ସେ ୧୯୭୪ ମସିହା ମଇ ୨୫ ତାରିଖ ରେ ଦୁନିଆ ଛାଡ଼ି ଚାଲିଗଲେ ।

ସେହି ମହାପୁରୁଷ ଓଡ଼ିଶାର ଗର୍ବ ଓ ଗୌରବ ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି ।


ବି.ଏସସି, ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮


# ବିଜୁଳି କାଟ ପାଇଁ ପ୍ରତିକାର କାହିଁ ?



## ଗଙ୍ଗାଧର ସାମଲ

ଓଡ଼ିଶାରେ ଏପ୍ରିଲ ମାସରେ ଝାଞ୍ଜି ପ୍ରବାହ ଏକ ଅସ୍ୱାଭାବିକ ଘଟଣା । ଚଳିତ ବର୍ଷ ଏପ୍ରିଲ ମଧ୍ୟଭାଗରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇ ଏବେ ଝାଞ୍ଜି ପବନ ଆରମ୍ଭ ହୋଇଯାଇଛି । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶା ପ୍ରଚଣ୍ଡ ଖରା ତାତିରେ ସିଝିବା ପରେ ଏବେ ଉପକୂଳ ଓଡ଼ିଶାରେ ତାତି ଅନୁଭବ ହେଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଅଞ୍ଚଳର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି ଏବଂ ସୋମବାରରୁ ଏହା ଦୁଇତିନି ଦିନ ଧରି ଆହୁରି ଅସହ୍ୟ ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇ ଦେଇଛି । ସୁତରାଂ ଜନଜୀବନ ଉପରେ ଏହାର ଗୁରୁତର ପ୍ରଭାବ ପଡୁଛି । ଏଭଳି ସ୍ଥିତିରେ କଂକ୍ରିଟ ଜଙ୍ଗଲରେ ପରିପୂର୍ଣ୍ଣ ସହରାଞ୍ଚଳ ଗୁଡ଼ିକର ଜନଜୀବନ ଅସ୍ୱାଭାବିକ ହୋଇପଡ଼ିଥିବା ବେଳେ ଏହା ଉପରେ ପୁଣି ବିଜୁଳି କାଟ ଓ ଲୋ ଭୋଲଟେଜ ସମସ୍ୟା ସହରୀ ଜୀବନକୁ ଦୁର୍ବିସହ କରିଦେଇଛି । ପାଣିପାଗର ଏହି ଅସ୍ୱାଭାବିକତାର ଏକ ନିର୍ଦ୍ଦିଷ୍ଟ କାରଣ ରହିଛି, ଯାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏପ୍ରିଲ ମାସରେ ଯେଉଁ ଖରାଦିନିଆ ବର୍ଷା ଓ କାଳବୈଶାଖୀ ହୁଏ, ଏ ବର୍ଷ ତାହା ଏ ପର୍ଯ୍ୟନ୍ତ ଦେଖାଯାଇନାହିଁ । ଆହୁରି ମଧ ଦକ୍ଷିଣ ଦିଗରୁ ରାଜ୍ୟକୁ ଆସୁଥିବା ସାମୁଦ୍ରିକ ଶୀତଳ ପବନ ପ୍ରବାହ ମଧ କେତେକ ପ୍ରାକୃତିକ କାରଣରୁ ଦୁର୍ବଳ ହୋଇପଡ଼ିଛି । ତେଣୁ ତାପମାତ୍ରା ବଢ଼ିବାରେ ଲାଗିଛି । ଏଥିସହିତ ପଶ୍ଚିମା ଉତ୍ତପ୍ତ ବାୟୁର ଆଗୁଆ ପ୍ରବାହ ଓଡ଼ିଶାକୁ ଏକ ତତଲା କଡ଼େଇରେ ପରିଣତ କରିଛି । ଏକେତ ବିଶ୍ୱ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓଡ଼ିଶା ଉପରେ ପଡୁଛି । ପ୍ରାକୃତିକ ପରିବେଶର ଅବକ୍ଷୟ ମଧ ପରିସ୍ଥିତିକୁ ଆହୁରି ଜଟିଳ କରିବାରେ ଲାଗିଛି । ତେଣୁ ନିକଟ ଭବିଷ୍ୟତରେ ବର୍ଷା ନ ହେଲେ ମେ ମାସ ବେଳକୁ ଅବସ୍ଥା ସାଂଘାତିକ ହୋଇପାରେ । ପ୍ରାୟ ଦୁଇଦଶନ୍ଧି ତଳର ଅଂଶୁଘାତ ମୃତ୍ୟୁ ବିଭୀଷିକା ଓଡ଼ିଶାବାସୀ ଭୁଲି ନାହାନ୍ତି । ସେଥର ମଧ ଖରାଦିନେ ବର୍ଷା ଆଦୌ ନ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ।

ତାପମାତ୍ରା ଏକ ସ୍ଥାନୀୟ ଘଟଣା । ଏହା ସ୍ଥଳବିଶେଷରେ କେତେକ ସ୍ଥାନରେ ଅଧିକ ଆଉ କେତେକ ସ୍ଥାନରେ କମ ଅନୁଭୂତ ହୁଏ । ଏବେ କିନ୍ତୁ ସମଗ୍ର ଓଡ଼ିଶାରେ ଅତ୍ୟଧିକ ତାତି ଓ ଝାଞ୍ଜି ଅନୁଭୂତ ହେବା ଆମ ଜଳବାୟୁ ଓ ପାଣିପାଗ ବିଶେଷଜ୍ଞଙ୍କୁ ଚିନ୍ତାରେ ପକାଇଛି । ଏଭଳି ଅସ୍ୱାଭାବିକ ଘଟଣା ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି ଓ ପ୍ରୟାସକୁ ତତ୍ପର କରିବ ବୋଲି ଆଶା । ତାପମାତ୍ରା ବୃଦ୍ଧି ସହିତ ଆଉ ଏକ ସମସ୍ୟା ହେଲା ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଏବେ ରାଜ୍ୟର ଅନେକ ଅଞ୍ଚଳରେ ଜଳକଷ୍ଟ ଉତ୍କଟ ହୋଇଛି । ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପମାନ ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ ଆଉ କେଉଁଠି ବିଜୁଳି ବିଭ୍ରାଟ ଯୋଗୁଁ ଜଳଯୋଗାଣ ବ୍ୟାହତ ହେଉଥିବାର ଖବର ମିଳୁଛି । ଉଭୟ ଗ୍ରାମ ଓ ସହରାଞ୍ଚଳରେ ସମାନ ସମସ୍ୟା ଦେଖାଦେଇଛି । ଆଶା କରିବା, ଜିଲ୍ଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେଇ ଲୋକଙ୍କୁ ପିଇବା ପାଣି ଆବଶ୍ୟକ ମୁତାବକ ଯୋଗାଇବେ । ଅବଶ୍ୟ ପ୍ରାକୃତିକ ଜଳାଶୟ, ଜଳ ଉତ୍ସ ଆଦି ଶୁଖି ଯିବାରୁ ସମସ୍ୟା ଗୁରୁତର ହେଉଛି । ତଥାପି ସ୍ୱତନ୍ତ୍ର ପଦକ୍ଷେପ ଜରିଆରେ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଶାସନକୁ ଆଶୁ ପଦକ୍ଷେପ ନେବାକୁ ପଡ଼ିବ । ରାଜ୍ୟରେ ଗ୍ରୀଷ୍ମ ଲହରି ଆରମ୍ଭ ହୋଇଯାଇଥିବାରୁ ଏଭଳି ସମୟରେ ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନକୁ ଖୋଲା ରଖି ପାଠପଢ଼ା ଚାଲୁ ରଖିବା କେତେ ଦୂର ଯୁକ୍ତିଯୁକ୍ତ ତା ଉପରେ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଅଭିଭାବକ ମହଲରୁ ପ୍ରଶ୍ନ ଉଠିଛି । ଏ ଦିଗରେ ଗଣଶିକ୍ଷା ବିଭାଗ ଗୁରୁତ୍ୱ ସହ ଚିନ୍ତା କରୁଥିବା ଜଣାପଡୁଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଖରାଛୁଟି ସମୟ ପରିବର୍ତ୍ତନ ହୋଇପାରେ ବୋଲି ମଧ ସୂଚନା ମିଳିଛି । କାରଣ ପରିସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ସବୁସ୍ତରରେ ପୂର୍ବପ୍ରସ୍ତୁତି ନିହାତି ଆବଶ୍ୟକ । ଏହି ପ୍ରଚଣ୍ଡ ଗ୍ରୀଷ୍ମରେ ବିଜୁଳିର ଗୁରୁତ୍ୱ କେତେ ଅଧିକ ତାହା କହିବା ନିଷ୍ପ୍ରୟୋଜନ । ବିଡ଼ମ୍ବନା ହେଉଛି ରାଜ୍ୟର ବିଦ୍ୟୁତ ଆବଣ୍ଟନକାରୀ କମ୍ପାନୀ ଓ କର୍ତ୍ତୃପକ୍ଷ ଘୋଷିତ ବିଜୁଳି କାଟ ଆରମ୍ଭ କରିଦେଇଛନ୍ତି । ଅନେକ ସ୍ଥାନରେ ଦୀର୍ଘ ସମୟ ଧରି ଅଘୋଷିତ ବିଜୁଳି କାଟ ହେଉଥିବା ଅଭିଯୋଗମାନ ମଧ ଆସୁଛି । ଯେଉଁ ସମୟତକ ବିଜୁଳି ମିଳୁଛି ତାହା ମଧ ଅତ୍ୟନ୍ତ ନିମ୍ନମାନର । ସେଥିରେ ଲୋ ଭୋଲଟେଜ ସମସ୍ୟା ରହୁଛି । ବିଦ୍ୟୁତ କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି ଯେ ଚାହିଦା ମୁତାବକ ବିଜୁଳି ଉତ୍ପାଦିତ ହେଉ ନଥିବାରୁ ସେମାନେ ବରାଦ ଅନୁସାରେ ତାହା ପାଉ ନାହାଁନ୍ତି । ତେଣୁ ବିଜୁଳି କାଟ ଓ ଲୋ ଭୋଲଟେଜ ସମସ୍ୟା ରହିବ । ଅବଶ୍ୟ ବର୍ଷା ଅଭାବ ଓ କୋଇଲା ସଙ୍କଟ ଯୋଗୁଁ ରାଜ୍ୟରେ ଉଭୟ ଜଳ ଓ ତାପଜ ବିଦ୍ୟୁତ ଉତ୍ପାଦନ ହ୍ରାସ ପାଇଛି । ଅପରପକ୍ଷରେ ଖରାଦିନେ ବିଜୁଳି ଚାହିଦା ବଢ଼ିଛି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



## ଲାସ୍ୟମୟୀ

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ଲାସ୍ୟମୟୀ ତୁମ ସ୍ମିତ ହାସ୍ୟ ଦେଖି
ଫୁଟେ ନିଦାଘର କୃଷ୍ଣ ଚୂଡ଼ା
ନୀଳ ନୀଳ ଦୁଇ ନୟନ କଟାକ୍ଷେ
ଦେହେ କୋଟି କାମଶର ପୀଡ଼ା ।

ମଦନ ଅନଳେ ଜାଳିବାକୁ କିବା
ଜନମିଛ ଏହି ଧରା ବକ୍ଷେ
ତୁମ ସରି ଆଉ କେହି ତ ନୁହଁନ୍ତି
ଦେଖିଲି ଶହ ହଜାର ଲକ୍ଷେ
ସରଗର ପରୀ ସପନ ସୁନ୍ଦରୀ
କୁହ କେଉଁ ଉପାଦାନେ ଗଢା ।

ସୁମଧୁର ଭାଷେ କୋକିଳ ର କୁହୁ
ଜବା ଅଧରରେ ବର୍ଣ୍ଣ ବିଭା

ମରାଳ ଗତିରେ ଦୋହଲେ ଦୁନିଆ
ଚାରୁ ଚନ୍ଦନ ବନର ଶୋଭା
ଅଙ୍ଗରେ ଅଙ୍ଗରେ ଅନଙ୍ଗ ବିରାଜେ
ଛନ୍ଦେ ଲାବଣ୍ୟବତୀର ବ୍ରୀଡା ।


୧୦୧- ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬
ମୋ – ୯୯୬୮୨୮୦୮୯୬


## ଶଙ୍ଖ ଭବନ

### ରମେଶ ଚନ୍ଦ୍ର ନାୟକ



ଆସ ଆସ ଭାଇ ଆସ ହେ ଭଉଣୀ
ବୁଲିଯିବା ଶଙ୍ଖ ଭବନ,
ଗରିବ ରାଜ୍ୟରେ ଧନୀ କାର୍ଯ୍ୟାଳୟ
ଲୋକାର୍ପଣ କଲେ ନବୀନ ।

ତିନି ମହଲାର ଉଚ୍ଚ ଅଟ୍ଟାଳିକା
ରାଜଧାନୀ ଛାତି ଉପରେ,
କାଳିଆ ବଳିଆ ମଝିରେ ସୁଭଦ୍ରା
ମୂରତୀ ପ୍ରବେଶ ପଥରେ ।

ସକାଳ ସନ୍ଧ୍ୟାରେ ବାଜେ ଶୁଭ ଶଙ୍ଖ
ମନ୍ତ୍ରୀ ବିଧାୟକ ସଜାଗ,
ସାଢ଼େ ଚାରି କୋଟି ଓଡ଼ିଶା ବାସୀଙ୍କ
ମନେ ଭରିଦିଏ ସରାଗ ।

ଓଡ଼ିଶା ପ୍ରଦେଶ ହୋଇବ ବିକାଶ
କାର୍ଯ୍ୟକ୍ରମ କରେ ପ୍ରତୀକ୍ଷା,
କେତେ ବରପୁତ୍ର ଓଡ଼ିଆ ଜାତିର
ସ୍ୱାଭିମାନ ହେବ ସୁରକ୍ଷା ।

ରାଜ୍ୟର ଅତୀତ ସହ ଭବିଷ୍ୟତ
ଯୋଡିହେବ ଶଙ୍ଖ ଭବନ,
ସାହିତ୍ୟ ସଂସ୍କୃତି ଭାସ୍କର୍ଯ୍ୟ କଳାଦି
ବିକାଶ କରିବ ସଦନ ।

ଅନନ୍ତ କାଳକୁ ରହିବ ବିଜେଡି
ଭବିଷ୍ୟତ ପଥ ଉଜ୍ଜ୍ୱଳ,
କର୍ପୋରେଟ ଟଙ୍କା ଲାଗିଛି ଭବନେ
କହନ୍ତି ବିରୋଧୀ ସକଳ ।

ଏ ଶଙ୍ଖ ଭବନ କରେ ଜୟଗାନ
ଲାଗିଥିବ ଲୋକ ସେବାରେ,
କିଏ ଯୋଗ ଦେବେ କିଏ ବିଦାହେବେ
ନିଷ୍ପତ୍ତି ମୁଖିଆ ହାତରେ ।


ଦରଭା, କୟାଁ, ଯାଜପୁର
ମୋ : ୭୯୭୮୧୫୧୭୧୦


## କେବେ କେବେ

### ଜଗଦୀଶ ପଣ୍ଡା





କେବେ କେବେ ଭଲ ଲାଗେ ଜୀବନର
ଜଟିଳ ପ୍ରଶ୍ନରେ ବାଛିବାକୁ ବିକଳ୍ପ ଉତ୍ତର
କେବେ କେବେ ଭଲ ଲାଗେ ଜ୍ୟୋସ୍ନାର
ଆଲୋକ ଅପେକ୍ଷା ନିଃଶବ୍ଦ ଅମା ଅନ୍ଧକାର
ଭଲ ଲାଗେ ବାସ୍ତବତାରେ ନିଜକୁ ନିରୁଦ୍ଧିଷ୍ଟ
କରାଇ ସ୍ୱପ୍ନରେ ତୋଳିବାକୁ ନଅର ।

କେବେ କେବେ....
ଭଲ ଲାଗେ ଶକ୍ତ ପଥର ହୃଦୟ ପାଖେ ବି
ଝରାଇ ଦେବାକୁ ଦି'ଟୋପା ଲୁହ ଧାର
ଆଦରିବାକୁ ଫୁଲ ଅପେକ୍ଷା କଣ୍ଟାର ପ୍ରହାର
ଶୁଣିବାକୁ ମୁହୂର୍ତ୍ତକ ପାଇଁ ବିରହର ସ୍ୱର
ଛୋଟ ହୃଦୟରେ ଆଉ କାହାର ଅଧିକାର ।

ହଁ କେବେ କେବେ ତ ଖୁବ ଭଲ ଲାଗେ
କାହା ସ୍ମୃତିରେ ଟାଣିବାକୁ ଆଖିର ଧାରେ କଜଳ ଗାର
କାହା ଭାବନରେ ନିଜକୁ ହଜାଇ ଗୁନ୍ଥିବାକୁ ଶବ୍ଦର ହାର

କେବେ କେବେ ଭଲ ଲାଗେ ଆଉ କାହା
ଛାଇରେ ଖୋଜିବାକୁ ନିଜ ଶରୀର
କେବେ କେବେ ଇଚ୍ଛା ହୁଏ
ଲୁହରେ ଭାସି ଲଙ୍ଘିବାକୁ ସାଗର ।




ଅଲାଡିଗାଁ, ଗଂଜାମ
ମୋ:- ୬୩୭୧୨୭୮୧୬୩



# ଶୀତଳଷଷ୍ଠୀ

## ଜୟଶ୍ରୀ ପଟ୍ଟନାୟକ

ଭାରତବର୍ଷରେ କୋଉ ଅବାହମାନ କାଳରୁ ଶିବ ଓ ଶକ୍ତିଙ୍କ ପରମ୍ପରା ପ୍ରଚଳିତ ହୋଇଆସୁଅଛି । ଯୁଗେ ଯୁଗେ ମଣିଷ କୌଣସି ନା କୌଣସି ଶକ୍ତିର ଉପାସନା କରିଆସିଛି । ସୃଷ୍ଟି ଓ ସ୍ରଷ୍ଟାଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଆସିଛି କୋଉ ପ୍ରାଚୀନକାଳରୁ । ଦେବ ବେଦ ମହାଦେବ ଓ ସତୀ ପାର୍ବତୀଙ୍କର ବିବାହ ଉପାଖ୍ୟାନ ଆମ ପୁରାଣ ଶାସ୍ତ୍ର ମାନଙ୍କରେ ପ୍ରଚଳିତ ହୋଇ ଆସୁଅଛି । ଶୀତଳଷଷ୍ଠୀ ଆମ ଓଡ଼ିଶାର ଗୋଟିଏ ବିଶିଷ୍ଟ ପର୍ବ । ବିଶେଷକରି ଏହି ପର୍ବ ପଶ୍ଚିମ ଓଡ଼ିଶା ର ସମ୍ବଲପୁର , ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାରେ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ । ନିଦାଘର ପ୍ରଚଣ୍ଡ ରୌଦ୍ରତାପରେ ପୃଥିବୀ ଉତପ୍ତ ହୋଇଯାଏ । ଜୀବଜଗତଠାରୁ ଉଦ୍ଭିଦ ପର୍ଯ୍ୟନ୍ତ ସମସ୍ତେ ଚାହିଁ ରହିଥାନ୍ତି ବର୍ଷାର ପହିଲି ବୁନ୍ଦାକୁ । ବାରିଦର ନୂଆ ଜଳ ସ୍ପର୍ଶରେ ପୃଥିବୀ ଯେତେବେଳେ ଆର୍ଦ୍ର ହୋଇଉଠେ ସେତେବେଳେ ବନସ୍ପତି ଜୀବଜଗତ ସବୁ ଶୀତଳ ହୋଇଯାଏ । ଶୀତଳତାର ଅପୂର୍ବ ଶିହରଣ ଖେଳିଯାଏ ଚତୁର୍ଦ୍ଦିଗରେ ଏହି ସମୟରେ ଉତ୍ସବଟି ଅନୁଷ୍ଠିତ ହେଉଥିବାରୁ ଏହି ଉତ୍ସବର ନାମ ଶୀତଳଷଷ୍ଠୀ ରଖାଯାଇଛି ।

ପୌରାଣିକ ଧର୍ମଶାସ୍ତ୍ରରୁ ଜଣାଯାଏ ଯେ ସମ୍ବଲପୁର ଏକ ଶକ୍ତିପୀଠ । ଦକ୍ଷଯଜ୍ଞରେ ସତୀ ଝାସ ଦେବାପରେ ମହାଦେବ କ୍ରୋଧାନ୍ୱିତ ହୋଇ ଦକ୍ଷଯଜ୍ଞ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ସତୀଙ୍କର ଶରୀରକୁ କାନ୍ଧରେ ଧରି ତ୍ରିଭୁବନ ଭ୍ରମଣ କଲେ । ମହାଦେବଙ୍କର ଏତାଦୃଶ ଅବସ୍ଥା ଦେଖି ବିଷ୍ଣୁ ସୁଦର୍ଶନ ଚକ୍ରକୁ ଆଜ୍ଞାଦେଲେ ସତୀଙ୍କର ମୃତ ଶରୀରକୁ ଖଣ୍ଡ ଖଣ୍ଡ କାଟିଦେବାପାଇଁ । ଯେଉଁସବୁ ସ୍ଥାନରେ ସତୀଙ୍କର ଶରୀର ଖଣ୍ଡମାନ ପଡ଼ିଲା ସେ ସବୁ ସ୍ଥାନ ଗୋଟିଏ ଗୋଟିଏ ଶକ୍ତିପୀଠ ରୂପେ ପରିଗଣିତ ହେଲା । ସତୀଙ୍କ ମୁଣ୍ଡ ପଡିଥିଲା ସମ୍ବଲପୁରରେ । ସତୀ ଏହି କ୍ଷେତ୍ରରେ ସମଲେଶ୍ୱରୀ ନାମରେ ପୂଜା ପାଇଲେ । ପରେ ଶିବ ଶାନ୍ତ ହୋଇ କୈଳାସରେ ତପସ୍ୟାରତ ହେଲେ । ତାରକାସୁର ନାମରେ ଜଣେ ଅସୁର ଥିଲା । ସେ ଘୋର ତପସ୍ୟା କରି ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ସ୍ୱର୍ଗରେ ଦେବତାମାନଙ୍କୁ ଆକ୍ରମଣ କରୁଥିଲା । ଦେବତାମାନେ ତା ଠାରୁ ପରାସ୍ତ ହୋଇ ଅତିଷ୍ଠ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ । ବ୍ରହ୍ମା ସେମାନଙ୍କୁ ଆଶ୍ୱାସନା ଜଣାଇ କହିଲେ ମହାଦେବଙ୍କ ପୁତ୍ରଙ୍କ ଦ୍ୱାରା ତାରକାସୁରର ବଧ ହେବ । ସେ ଆହୁରି କହିଲେ ଦକ୍ଷଯଜ୍ଞରେ ଯେଉଁ ସତୀ ଝାସଦେଇ ପ୍ରାଣ ହରାଇଥିଲେ ସେ ଏବେ ପର୍ବତରାଜ ହିମାଳୟର କନ୍ୟାରୂପେ ଜନ୍ମ ଗ୍ରହଣ କରିଛନ୍ତି । ପର୍ବତରାଜ ହିମାଳୟ ଓ ନୈନାଦେବୀଙ୍କ କନ୍ୟା ପାର୍ବତୀଙ୍କୁ ବିବାହ କରିବାକୁ ଦେବତାମାନେ ଶିବଙ୍କୁ ପ୍ରାର୍ଥନା କରନ୍ତୁ । ଦେବଗଣଙ୍କ ସ୍ତୁତି ଅନୁସାରେ ଶିବ ନିଜର ସମ୍ମତି ପ୍ରକାଶ କଲେ । ମାତା ପାର୍ବତୀ ହିମାଳୟର ଘଂଚ ବନାନୀ ମଧ୍ୟରେ ବରଫ ଲିଙ୍ଗ ସ୍ଥାପନ ପୂର୍ବକ ଆରାଧନା କରି କଠୋର ତପସ୍ୟାରତ ହେଲେ । ଦେବର୍ଷି ନାରଦ ବିବାହ ପ୍ରସ୍ତାବ ନେଇ ପର୍ବତରାଜଙ୍କ ପାଖରେ ପହଂଚିଲେ । ପର୍ବତରାଜଙ୍କ ଦ୍ୱାରା ଏପ୍ରସ୍ତାବ ଗୃହୀତ ହେବାପରେ ମୁନିମାନଙ୍କୁ ଡକାଇ ବିବାହର ଶୁଭଦିନ, ନକ୍ଷତ୍ର, ଲଗ୍ନ, ମୁହୂର୍ତ୍ତ ସ୍ଥିର କରାଗଲା ଜ୍ୟେଷ୍ଠମାସ ଶୁକ୍ଲ ପଂଚମୀ ତିଥିରେ ବିବାହ ସମ୍ପନ୍ନ ହୋଇ ଷଷ୍ଠୀତିଥିରେ ଶିବ ପାର୍ବତୀଙ୍କ ସହ କୈଳାସ ପ୍ରତ୍ୟାବର୍ତନ କଲେ । ଏହି ସ୍ମୃତିକୁ ଉଜ୍ଜୀବିତ କରିବାପାଇଁ ପ୍ରତିବର୍ଷ ହିନ୍ଦୁମାନେ ପାଳନ କରିଥାନ୍ତି ଶିବବିବାହ ଓ ଶୀତଳଷଷ୍ଠୀ । ଅନ୍ୟ ଅର୍ଥରେ ଦକ୍ଷକନ୍ୟା ସତୀଙ୍କୁ ହରାଇବା ପରେ ମହାରୁଦ୍ରଙ୍କ ଯେଉଁ ଉଗ୍ରରୂପ ପ୍ରକାଶ ପାଇଥିଲା ତାହା ପାର୍ବତୀଙ୍କୁ ପାଇ ଶାନ୍ତ ବା ଶୀତଳ ହୋଇଗଲା ତେଣୁ ମଧ୍ୟ ଉକ୍ତ ପର୍ବ ଶୀତଳ ଷଷ୍ଠୀ ନାମରେ ପ୍ରଖ୍ୟାତ । ଶିବ ପାବ୍ରତୀଙ୍କ ବିବାହ ଫଳରେ କୁମାର ଜନ୍ମ ହେଲେ । କୁମାର ତାରକାସୁରକୁ ବଧକରି ଅଶାନ୍ତ ପୃଥିବୀକୁ ଶାନ୍ତ କଲେ । ।

ଆମ ସମାଜରେ ବିବାହ ପରି ଶିବ ପାର୍ବତୀଙ୍କ ବିବାହରେ ମଧ୍ୟ ଗୁଆ ଚଳନ, ନିମନ୍ତ୍ରଣ, ପତ୍ରପ୍ରେରଣ ଆଦି କାର୍ଯ୍ୟ ବିଧିବିଧାନ ଅନୁସାରେ ସମ୍ପାଦିତ ହୋଇଥାଏ । ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ପର୍ଯ୍ୟନ୍ତ ମାସାଧିକ କାଳ ଏହି ଯାତ୍ରା ପାଇଁ ଆୟୋଜନ କରାଯାଏ । ଏହି ଯାତ୍ରାର ମୁଖ୍ୟ ନୀତି ଗୁଡିକ ହେଲା 'ଥାଳଉଠା' ଅର୍ଥାତ୍ ଶୀତଳଷଷ୍ଠୀ ଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ ବୈଶାଖ ଶୁକ୍ଳ ତୃତୀୟା ଅର୍ଥାତ ଅକ୍ଷୟ ତୃତୀୟା ଦିନଠାରୁ ଏହି ନୀତିକୁ ଥାଳଉଠା କୁହାଯାଏ । ଏହି ଦିନରୁ ଆୟୋଜନକାରୀ ମାନେ ଚାନ୍ଦା ଆଦାୟ ଓ ମହାଦେବଙ୍କ ଶ୍ୱଶୁର ଘର ଖୋଜା ଆରମ୍ଭ ହୁଏ । ଶାଶୁ ଶ୍ୱଶୁର ଠିକଣା ହେବାପରେ କନ୍ୟାପିତାଭାବରେ ସେ ପାର୍ବତୀଙ୍କ ବିବାହ ପାଇଁ ସମସ୍ତ ଆୟେଜନ କରନ୍ତି ଏବଂ ପୂର୍ବବର୍ଷ ଯିଏ ମାତାପିତା ହୋଇଥିଲେ ତାଙ୍କ ଘରକୁ ପଡ଼ାର କେତେଜଣ ମୁଖିଆ ଯାଇ ସମ୍ବନ୍ଧ ତୁଟାନ୍ତି ତାକୁ 'ଗଠଁଲହିଟା' ବା ସମ୍ବନ୍ଧ ତୁଟେଇବା କୁହନ୍ତି ଅର୍ଥାତ ପୂର୍ବ ବର୍ଷର ଶାଶୁ ଶ୍ୱଶୁରଙ୍କ ସହିତ ସଂପର୍କ ଛିଡାଇ ନୂତନ ଶାଶୁ ଶ୍ୱଶୁରଙ୍କ ସହିତ ସମ୍ବନ୍ଧ ସ୍ଥାପନ କରନ୍ତି । ତୃତୀୟ ନୀତି ହେଉଛି 'ପତରପେଁଡି' ଯାହାକି ଦ୍ୱିତୀୟା ତିଥିରେ କରାଯାଏ ଶିବ ପାର୍ବତୀ ବିବାହର ସ୍ୱୀକୃତି ସ୍ୱରୂପ ବରପିତା କନ୍ୟାପିତାଙ୍କୁ ସରଗି ବା ଶାଳପତ୍ର ଗୋଟିଏ ପେଁଡି ପ୍ରଦାନ କରିଥାନ୍ତି ଅଥାତ ନିର୍ବନ୍ଧ ସାମଗ୍ରୀ କନ୍ୟାପିତାଙ୍କୁ ଦେଇ ବିବାହ ଲଗ୍ନ ସମ୍ପର୍କରେ ଆଲୋଚନା କରାଯାଏ । ବିବାହ ଲଗ୍ନ ସ୍ଥିର ପରେ ନନ୍ଦପଡା ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପକ୍ଷରୁ ଶ୍ରୀ ନୃସିଂହ ମହାପ୍ରଭୁ ଜ୍ୟେଷ୍ଠ ଦ୍ୱିତୀୟା ତିଥିରେ ଝାଡୁଆପଡ଼ାର ଶ୍ରୀ ଲୋକନାଥ ଦେବ ଓ ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବା ପକ୍ଷରୁ ହନୂମାନ ଜ୍ୟେଷ୍ଠ ଚତୁର୍ଥୀ ତିଥିରେ ସମଲେଶ୍ୱରୀ ,ପାଟଣେଶ୍ୱରୀ ସମେତ ସମସ୍ତ ଦେବଦେବୀଙ୍କୁ ବରପକ୍ଷରୁ ଗୁଆ, ହଳଦୀ, ଲୁଗା ମିଷ୍ଟାନ୍ନ ପ୍ରଦାନ କରି ଶିବ ପାର୍ବତୀଙ୍କ ବିବାହରେ ଯୋଗ ଦେବାପାଇଁ ଆମନ୍ତ୍ରଣ କରିଥାନ୍ତି ଏହି ନୀତିକୁ 'ଗୁଆଗୁଁଡ଼ା' କହନ୍ତ । ନନ୍ଦପଡ଼ାରେ 'ଶ୍ରୀ ନୃସିଂହ ନିଉତା' କୁହାଯାଏ । ହନୁମାନ ଓ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ଏହି ନିଉତାଯାତ୍ରା ଜ୍ୟେଷ୍ଠ ଦ୍ୱିତୀୟା ଓ ଚତୁର୍ଥୀ ଦୁଇଦିନ ସମ୍ବଲପୁର ସହରକୁ ଉତ୍ସବ ମୁଖରିତ କରି ରଖେ । ଏହାପରେ ପଂଚମୀରେ 'ଶିବବିବାହ' ଅନୁଷ୍ଠିତ ହୁଏ ଏବଂ 'ଶୀତଳଷଷ୍ଠୀ'ରେ ପାର୍ବତୀଙ୍କୁ ସଙ୍ଗତରେ ଧରି ଶିବ କୈଳାଶ ପ୍ରତ୍ୟାବର୍ତନ କରନ୍ତି ।

ଏଠାରେ ସ୍ୱୟଂ ବିଷ୍ଣୁ ମଧ୍ୟସ୍ଥି କାମ କରିଥାନ୍ତି । ପ୍ରତିବର୍ଷ ସହର ବା ପଡ଼ା ବା ସାହିର ଦୁଇଜଣ ବ୍ରାହ୍ମଣ କନ୍ୟାପିତା ଓ ବରପିତା ହୋଇଥାନ୍ତି । ବିବାହ ପରିଚାଳନା ପାଇଁ ଦୁଇଜଣ ବ୍ରାହ୍ମଣ ପୌରହିତ୍ୟ କରିଥାନ୍ତି । କନ୍ୟାପିତା ପାର୍ବତୀଙ୍କୁ ନିଜର କନ୍ୟା ମନେକରି କନ୍ୟାଦାନ ଓ ବିଦାୟ ଆଦି ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି । । ପ୍ରଥମେ ତାଳପତ୍ରରେ ଲେଖା ପ୍ରସ୍ତାବ କନ୍ୟାପିତା ତରଫରୁ ବରପିତାଙ୍କ ଘରକୁ ସେବକ ମାଧ୍ୟମରେ ପଠାଯାଏ । ମହାପ୍ରସାଦ, ନଡିଆ ଗୁଆ ଓ ଖଣ୍ଡେ ନୂଆଲୁଗା ଯାହା ବିବାହରେ ପ୍ରଚଳିତ ପ୍ରଥା ତାହା ବାଦ୍ୟକାର ଓ ମହୁରୀବାଲା ସହିତ ଶୋଭାଯାତ୍ରାରେ ଯାଆନ୍ତି । ଏହିସବୁ କାର୍ଯ୍ୟ ଯେଉଁସାହିରେ ସମ୍ପାଦିତ ହୋଇଥାଏ ସେହି ସାହିକୁ 'ହିମାଦ୍ରି ନଗର' ବୋଲି କୁହାଯାଏ । ପାର୍ବତୀଙ୍କୁ ମନ୍ଦିରରୁ ଅଣାଯାଇ କନ୍ୟାପିତା ଘରେ ରଖାଯାଏ । ପାତ୍ରୀ ମନୋନୟନ ପାଇଁ ଗୋଟିଏ ଶୋଭାଯାତ୍ରା ହିମାଦ୍ରୀ ନଗରରେ ପହଂଚେ । ବରପିତା ଦ୍ୱାରା କନ୍ୟା ମନୋନୟନ କାର୍ଯ୍ୟ ଶାଳପତ୍ର ପେଣ୍ଡା ଦେଇ କରାଯାଉଥିବାରୁ ଏହାକୁ 'ପତରପେଣ୍ଡି' ବୋଲି କହିଥାନ୍ତି । ପାତ୍ରୀ ମନୋନୟନର ତୃତୀୟ ଦିନରେ ବରପକ୍ଷରୁ ନିମନ୍ତ୍ରଣ ବଂଟା ଯାଏ । ସ୍ଥାନୀୟ ଦେବତାମାନେ ଓ ଜନସାଧାରଣ ନିମନ୍ତ୍ରିତ ହୋଇ ଆସିଥାନ୍ତି । ଚତୁର୍ଥଦିନ ଶିବ ପାର୍ବତୀଙ୍କ ପୂର୍ବବର୍ଷରୁ ଥିବା ବୈବାହିକ ଗଣ୍ଠି ଫିଟାଯାଏ ଯାହାକୁ କୁହାଯାଏ ଗଇଁଣ୍ଠାଳ ଫିଟା । ସେହି ଦିନ ସନ୍ଧ୍ୟାରେ ଦେବୀଙ୍କୁ ନାନା ଅଳଙ୍କାରରେ ଭୂଷିତ କରାଯାଏ ଏବଂ ବିରାଟ ଶୋଭାଯାତ୍ରାରେ ମହାଦେବ ଦୋଳନରେ ବସି ସହର ପରିକ୍ରମା କରି ହିମାଦ୍ରୀ ନଗର ଠାରେ ଶ୍ୱଶୁରାଳୟରେ ପହଂଚନ୍ତି । ଶିବ ପାର୍ବତୀ ବିବାହ କାର୍ଯ୍ୟ ଶୁକ୍ଳ ପଂଚମୀରେ ଅନୁଷ୍ଠିତ ହୁଏ । ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କର ସମାଗମରେ ଭୋଜି ଭାତର ଆୟୋଜନ ଉଭୟ ପକ୍ଷରୁ କରାଯାଇଥାଏ । ଯେଉଁଥିରେ ସେବାୟତମାନେ ଉଭୟ ପକ୍ଷରୁ ଯୋଗଦାନ କରିଥାନ୍ତି । ବିବାହର ପରଦିନ ଅର୍ଥାତ୍ ଷଷ୍ଠୀଦିନ ସନ୍ଧ୍ୟାରେ ଦେବୀଙ୍କର ବିଦାୟ ପର୍ବ ମହାସମାରୋହରେ ଅନୁଷ୍ଠିତ ହୁଏ । ଶ୍ୱଶୁର ଘରୁ ପାଇଥିବା ଯୌତୁକ ଓ ଉପଢ଼ୌକନ ସହ ପାର୍ବତୀଙ୍କୁ ସଙ୍ଗରେ ଧରି ଶିବ କୈଳାସକୁ ପ୍ରତ୍ୟାବର୍ତନ କରନ୍ତି । ଯାତ୍ରା ମଣ୍ଡପ ଠାରେ ପୂଜାର୍ଚ୍ଚନା ସହ ଆରତୀ ଦ୍ୱାରା ସ୍ୱାଗତ କରାଯାଏ । ତାପରେ ନାନାପ୍ରକାର ନୃତ୍ୟ, ଗୀତ, ବାଦ୍ୟ ଆଦିର ଆୟୋଜନ କରାଯାଏ । ବାଦ୍ୟ, ସଂକୀର୍ତନ, ଘୋଡ଼ାନାଚ, ସମ୍ବଲପୁରୀ ଲୋକନୃତ୍ୟ , ଆତସବାଜି, ଘଂଟ, ଶଙ୍ଖ ଧ୍ୱନିରେ ନଗର ପରିକ୍ରମା ହୁଏ । ସପ୍ତମୀ ଦିନ ମନ୍ଦିର ଫେରନ୍ତା ହୁଏ । ଆରତୀ ଓ ଭୋଗ ପରେ ଶିବ ଓ ପାର୍ବତୀ ମନ୍ଦିରକୁ ପ୍ରବେଶ କରନ୍ତି । ସେହି ଖୁସିରେ ମିଷ୍ଟାନ୍ନ ବଂଟନ କରାଯାଏ । ପଶ୍ଚିମ ଓଡ଼ିଶାରେଏହି ଉତ୍ସବ ସାତଦିନ ଧରି ଅନୁଷ୍ଠିତ ହୁଏ । ବିପୁଳ ସଂଖ୍ୟାରେ ଜନସମାଗମ ହୋଇଥାଏ । କୁହାଯାଏ ଯେ, ସମ୍ବଲପୁର ରାଜ୍ୟର ଚୌହାଣ ବଂଶୀୟ ରାଜା ବଳରାମ ଦେବଙ୍କ ସମୟରେ ଆରମ୍ଭ ହୋଇଥିବା ଶୀତଳଷଷ୍ଠୀ ଯାତ୍ରା ସବୁରି ହୃଦୟକୁ ଅନୁପ୍ରାଣୀତ କରି ସମୟାନୁକ୍ରମେ ସାଧାରଣ ଲୋକଙ୍କ ପୃଷ୍ଠପୋଷକତା ଲାଭ କରି ଏକ ଗଣପର୍ବ ରେ ପରିଣତ ହୋଇଛି । ମନ୍ଦିର ପ୍ରବେଶ ତଥା ମନ୍ଦିର ପୂଜା ଅବ୍ରାହ୍ମଣ ମାନଙ୍କ ପାଇଁ ନିଷେଧ ଥିଲା । କାଳକ୍ରମେ ଆଦିବାସୀ ଓ ଅବ୍ରାହ୍ମଣ ଜାତିର ଲୋକେ ପୂଜକ ଭାବେ ଆବହମାନ କାଳରୁ ନିୟୋଜିତ ହୋଇ ଆସୁଛନ୍ତି । ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପର ଅବସାନ ତଥା ବର୍ଷାର ପ୍ରଥମ ବାରିଧାରାର ଆର୍ଦ୍ରତାର ବାର୍ତାକୁ ବହନ କରି ଶୀତଳଷଷ୍ଠୀ ପରମ୍ପରା ସମାଜର ସବୁ ଶ୍ରେଣୀର ଲୋକଙ୍କୁ ଏକାଠି କରିଛି ଏହା ହିଁ ଏହି ଉତ୍ସବରୁ ସ୍ପଷ୍ଟ ଅନୁମେୟ ।


+ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪






ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୫ ॥

ପୁଣି ସହସ୍ର ସହସ୍ର ବର୍ଷ ଅତିକ୍ରାନ୍ତ ହେବାରେ ଲାଗିଲା । କ୍ରମେ ସେହି ଶୂନ୍ୟତା ଘନୀଭୂତ ହେବାରେ ଲାଗିଲା । ମହତ ବିକାରର ତରଙ୍ଗ ମାନ ସୃଷ୍ଟି ହେଲା । ସେହି ମହତ ବିକାରୁ ସୃଷ୍ଟି ହେଲା କ୍ରିୟା ଓ ଆଦି ଓଁ କାର ଧ୍ୱନି । ଏହି ଧ୍ୱନି ମଧରେ ଥିଲା ଷୋହଳ ଯୁକ୍ତ ପାଞ୍ଚ,ଏପରି ଏକବିଶ ଅକ୍ଷର । କେତେକ ଜ୍ଞାନୀଙ୍କ ମତରେ ଓଁକାର ବତିଶ ଅକ୍ଷର । ସେଥିରୁ ମୂଳ ଚବିଶ ଅକ୍ଷର ଆଦିମାତା ଅଟନ୍ତି । ଏହି ଆଦି ଓଁକାର ଧ୍ୱନି ଅତୀବ ଶକ୍ତିମତୀ,ଏଥିରୁ ସମସ୍ତ ପ୍ରକାର ଧ୍ୱନି ଶକ୍ତି ସୃଷ୍ଟି ହୋଇଥିଲା । ଏହି ଧ୍ୱନି କେବଳ ଈଥର ରୁ ନୁହେଁ, ମସ୍ତିଷ୍କରୁ ଭାଷା ଏବଂ ଶବ୍ଦ ମାନଙ୍କୁ ଆଣି ସ୍ୱୟଂ ପ୍ରଜ୍ଞା ବାଗ୍ଦେବୀଙ୍କଠାରେ ପଞ୍ଚୀକୃତ କରୁଥିଲା । ଯେଉଁ ଅର୍ଯ୍ୟ ଋଷିମାନେ ସାଧନାରତ ଥିଲେ, ସେମାନେ କେବଳ ବାୟୁ ତରଙ୍ଗରେ ଗତି କରୁଥିବା ବାହ୍ୟ ଶବ୍ଦଗୁଡିକ ଶୁଣି ପାରୁଥିଲେ, ତାହା ନୁହେଁ, ବରଂ ବିନା ବାୟୁରେ ଗତିଶୀଳ ଦୈବୀସ୍ୱର ଏବଂ ଅନ୍ୟ ମନର ନୀରବ ଭାଷା ଗୁଡିକ ମଧ ନିଜ ନିଜର ମସ୍ତିଷ୍କ ଦ୍ୱାରା ଗ୍ରହଣ କରିପାରୁଥିଲେ । ଏହି ଧ୍ୱନି ସ୍ୱୟଂ ବାଙ୍ମୟ ଭଗବାନଙ୍କର ମୁଖ ନିଃସୃତ ବାଣୀ ବେଦ ରୂପେ ସେମାନଙ୍କ ନିଜ ମଧରୁ ହିଁ ଉଚ୍ଚାରିତ ହେଉଥିଲା । ଏଥିରେ ଅତୀତ, ବର୍ତ୍ତମାନ ବା ଭବିଷ୍ୟତ ଅବା କୌଣସି ଅଲୌକିକ ବିଦ୍ୟା ବି ଆପେଆପେ ପ୍ରକାଶିତ ହେଉଥିଲା । ଯୋଗ ସାଧକମାନେ ନୀରବ ଶବ୍ଦ ଗ୍ରହଣ ଓ ପ୍ରେରଣ ମଧ କରିପାରନ୍ତି । ଏହି ଧ୍ୱନି ଶକ୍ତି ବଳରେ ମହତ ବିକାରର ସୃଷ୍ଟି ହେଲା । ଶୂନ୍ୟତା ଘନୀଭୂତ ହୋଇ କ୍ରମଶଃ ଘନ ତମିସ୍ର ବା ଅନ୍ଧ ତମାସାରରେ ପୂର୍ଣ୍ଣ ହୋଇଗଲାଣି । ପୁଣି ସେହି ନିର୍ଗୁଣ ପରମ ବ୍ରହ୍ମ ଗୁଣର ଆଶ୍ରୟ ନେଇ କ୍ଷିତ୍, ଆପ,ତେଜ,ମରୁତ, ବ୍ୟୋମ ଆଦି ପାଞ୍ଚଭୂତ ଗୋଟିକ ପରେ ଗୋଟିଏ ସୃଷ୍ଟି କଲେ । ସେମାନେ ସହସ୍ର ସହସ୍ର ବର୍ଷ ଧରି ପରସ୍ପର ସହ ସଂଲଗ୍ନ ହୋଇ ଅଧିକ ଘନୀଭୂତ ହେଲେ । ନଭ ଘନୀଭୂତ ହୋଇ ସେଥିରୁ ସୂକ୍ଷ୍ମ ରୂପରେ ଶବ୍ଦ, ବାୟୁ, ସ୍ପର୍ଶ, ଆପର ବିକାରରୁ ସ୍ଥୂଳ ବା ମହୀ, ତେଜ ବିକାରରୁ ରସାତ୍ମକ ଉଦକର ଉପାଦାନ ମାନ ସୃଷ୍ଟି ହେଲା ।

ସେହି ସହସ୍ର ବର୍ଷ ଧରି ପରମଜୀବନ ଭଗବାନ ସୁବର୍ଣ୍ଣ ଅଣ୍ଡ ବା ଏକ ଆବୃତ୍ତ ତଥା ସୃଷ୍ଟିର ଉପାଦାନ ପୂର୍ଣ୍ଣ ଅଣ୍ଡମଧରେ ଅନନ୍ତ ଜୀବନ ରୂପେ ଶୟନ ରତ ଥିଲେ । (କ୍ରମଶଃ...)


+ବାଲିଝରି, କାନପୁର,ବଡ଼ମ୍ବା, କଟକ


# ଆଜିର କବିତା

## ତୁମେ ଆସିଅଛ

### ବର୍ଷାରାଣୀ ମହାମଲ୍ଲିକ



ତୁମେ ଆସିଅଛ ଜୀବନରେ ମୋର
ବସନ୍ତ ମଳୟ ନେଇ ।
ତୁମ ଆସିଅଛ ସାଙ୍ଗରେ ତୁମର
ମଧୁସୁଗନ୍ଧ ପରଶ ନେଇ ।
ତୁମେ ଆସିଅଛ ଗ୍ରୀଷ୍ମ ଜୀବନେ
ଅଦିନିଆ ବର୍ଷା ଛିଟା ଘେନି ।
ତୁମେ ଆସିଅଛ ବିରହ ଜାଗାରେ
ମିଳନ ସଙ୍ଗୀତ ଗାଇ ।
ତୁମେ ଆସିଅଛ ମୋ ବେରଙ୍ଗୀ ମନରେ
ରଙ୍ଗ ଅବିର ବୁଣିବା ପାଇଁ ।
ତୁମେ ଆସିଅଛ ମୋ ଏକଲା ପଥରେ
ସାଥୀ ହୋଇ ଚାଲିବା ପାଇଁ ।
ତୁମେ ଆସିଅଛ ପ୍ରଚଣ୍ଡ ଖରାରେ
ଛାୟା ମତେ ଦେବା ପାଇଁ ।
ତୁମେ ଆସିଅଛ ଏ ଶୋଷିଲା ତଣ୍ଟିରେ
ଜଳବିନ୍ଦୁ ସାଥେ ନେଇ ।
ତୁମେ ଆସିଅଛ ମୋ ବେସୁରା ସ୍ୱରରେ
ସୁର ଭରିଦେବା ପାଇଁ ।
ତୁମେ ଆସିଅଛ ଦୁଃଖ ଯନ୍ତ୍ରଣା ରେ
ଖୁସିର ମଲମ ନେଇ ।
ତୁମେ ଆସିଅଛ ଏ ବନ୍ଦୀ ପକ୍ଷୀକୁ
ଉଡ଼ି ଶିଖାଇବା ପାଇଁ ।
ତୁମେ ଆସିଅଛ ମୋ ଭଙ୍ଗା ଜୀବନରେ
ଖୁସିର ଜୁଆର ନେଇ ।
ତୁମେ ଆସିଅଛି ମୋହରି କଷ୍ଟରେ
ଭାଗ ବସାଇବା ପାଇଁ ।
ତୁମେ ଆସିଅଛି ତୁମରି ସୁଖକୁ
ମୋଠାରେ ବାଣ୍ଟିବା ପାଇଁ ।
ତୁମେ ଆସିଅଛ ସାଥିରେ ଧରି
ହଜାରେ ସ୍ୱପ୍ନ ନେଇ ।
ତୁମେ ଆସିଅଛ ଭଙ୍ଗାମନକୁ
ଆସି ଯୋଡ଼ିଦେବା ପାଇଁ ।
ତୁମେ ଆସିଅଛ ସେଥିପାଇଁ ମୁହିଁ
ସଜାଇଛି ନିଜକୁ ନେଇ ।
ତୁମେ ଆସିଅଛ ଜୀବନ ରେ ମୋର
ସବୁ ସୁଖଶାନ୍ତି ନେଇ ।


+ବରଗଡ଼
(ମୋ) -୮୨୬୦୬୫୯୩୩୨


## ବୋଉ

### ଆଦ୍ୟାଶା ମହାପାତ୍ର



ମୋ ବୋଉ ନିଦ ଭାଙ୍ଗିଲେ
ଗାଁ ମୁଣ୍ଡ ତୋଟା ସେପଟୁ
ସିନ୍ଦୂରା ଫିଟେ
ରାତି ପାହି ପାହି ଆସେ
କାଉର କା' ଶୁଭେ...
ଗୋବର ମାଟି ଲିପା ପିଣ୍ଡା ଅଗଣା
ମୋ ବୋଉ ହାତରେ ହୁଏ ପବିତ୍ର...

ବାସି ପାଇଟି ସାରି
ଶିଳରେ ଚାଉଳ ରଗଡେ ବୋଉ
ସେତେବେଳକୁ ଚାରିଆଡେ ଦୃଶ୍ୟ
ପିଠଉ ରଂଗର ସକାଳ
ଘଷି ପାଉଁଶ ମଜା
ଥାଳି, କଂସା,ଡାଳ
ସବୁ ଚକ୍ ଚକ୍
ବୋଉ ହାତର କରାମତି ମାତ୍ର..

ଚୁଲିରେ ବସେ ନାଲି ଚାହା
ତେଜପତ୍ରର ବାସ୍ନା ମହମହ
ବାପାଙ୍କର ଚିରକାଳ ପ୍ରିୟ
ଲାଉ କଖାରୁ ଲଟା ମାଡିଥିବା
ଛଣ ଛପର ଚାଳରୁ
ଧୂଆଁର କୁଣ୍ଡଳୀ ଉଠେ
ଏସବୁ ଧରାବନ୍ଧାର ଜୀବନ
ମୋ ବୋଉର...!
ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଭଳି
ପୁରୁଣା ହେଲେ ବି ଜୀବନ୍ତ ଜୀବନ୍ତ

ବୋଉ ହାତ ଛୁଆଁ ପ୍ରତିଟି ସକାଳ
ସ୍ନିଗ୍ଧ ସତେଜ.. ଶୁଭମୟ
ଆଣିଦିଏ ନବୀନ ଉନ୍ମେଷ
ବୋଉର ସ୍ନେହ ମମତାରେ
ଆମେ ଚାରିଟା ଛୁଆ ରଙ୍କ
ଆମ ମୁହଁ ସଦା ହସହସ....!!


+ ନୂଆପଡା, କଟକ




## ସୁନନ୍ଦା ମହାନ୍ତି

# ସୋହାଗ ସମର୍ପଣ



ତିତିଲର ଆଜି ଜନ୍ମ ଦିନ । ଢେର ଦିନ ଆଗରୁ ପ୍ରିୟବ୍ରତ ଶାଢ଼ୀ ଚୁଡ଼ି ସହ କେକ ନେଇଆସି ଫ୍ରିଜ୍‌ରେ ରଖି ନେଇଛନ୍ତି । ଏମିତିରେ, ଏଥର ରବିବାରରେ ଅଗିରା ପୂର୍ଣ୍ଣମୀ ପଡୁଛି ତ ପଚାଶ କିଲୋମିଟର ଟପି ଛୁଟି ନେଇ ବା ରାତିରେ ପହଞ୍ଚି ସକାଳୁ ସକାଳୁ ଶୀତରେ ଘାଟି ରାସ୍ତାରେ ଯିବା ଖୁବ କଷ୍ଟ ହୋଇଥାନ୍ତା । ଯା ହେଉ ରବିବାର ଥିବାରୁ, ଗତ ରାତି ଶନିବାରରୁ ପହଞ୍ଚି ଖୁବ ଡେକୋରେଟ କରିଛନ୍ତି ରୁମଟାକୁ ସ୍ୱାମୀ ନିଜେ । ଶୀଘ୍ର ଶୀଘ୍ର ଗାଧେଇ ପଡି ଆଗ ମନ୍ଦିରକୁ ଯାଇ ଫେରିଆସିଲେ, ଅନ୍ୟାନ୍ୟ କଥା ବୁଝିବାକୁ ହେବ । ତ ଯେତେ କହିଲେ ତିତିଲ ପ୍ରସ୍ତୁତ ହେବା ଦୂରେ ଥାଉ ମୁହଁଟା ହାଣ୍ଡି ପରି କରି ବସିଛନ୍ତି ।

ଆଜି ସିନା ତିଥି ଅନୁଯାୟୀ ତିତିଲଙ୍କ ଜନ୍ମଦିନ, ହେଲେ ତାରିଖ ଆନୁଯାଇ ଜନ୍ମଦିନ ଦିନ ବାପାଙ୍କ ଘରୁ ଆସିଥିବା ଶାଢ଼ୀ, ଚୁଡ଼ି ଓ ସହକର୍ମୀ ମାନଙ୍କ ପାଖରୁ ମିଳିଥିବା ଗିଫ୍ଟ ଚୁଡ଼ି ଓ କେକ କାଟି, ପ୍ରିୟବ୍ରତଙ୍କ ସହ, ସହରର ବଡ଼ ନୂଆ ହୋଟେଲକୁ ଯାଇ ଉଠାଇଥିବା ଫୋଟୋ ଗୁଡା ଫେସବୁକ ଓ ଫ୍ରେଣ୍ଡ ମାନଙ୍କୁ ଛାଡୁଥିଲେ ତିତିଲ ବସି ତ ବୁଝିଗଲେ ପ୍ରିୟବ୍ରତ ଶାଢ଼ୀ ଚୁଡ଼ି ଓ କେକ ପସନ୍ଦ ହୋଇନି ତିତିଲଙ୍କର । କିନ୍ତୁ କିଛି କହିଲେନି, ଏତେ ବଡ଼ ଦିନଟା ତୁଚ୍ଛାରେ ବିଗିଡିଯିବା ଭୟରେ । ଏତିକି ବେଳକୁ ଭିକାରୁଣୀ ଜଣେ ଡାକ ଛାଡୁଥିଲେ ତ ଉଠିଗଲେ ତିତିଲ, ଆଶ୍ୱସ୍ତ ହେଲେ ପ୍ରିୟବ୍ରତ । ଚମକି ପଡିଲେ ତିତିଲ, ଭିକାରୁଣୀକୁ ଦେଖି । କୋଳରେ ଲଙ୍ଗଳା ଛୁଆଟା ଫାଳେ ଶୁଖିଲା ଥନକୁ ଶୋଷି ଯାଉଛି, ଆଉ ସେଠୁ ମୁହଁ ଫେରାଇ ଚାହିଁଛି ତିତିଲଙ୍କ ଝିଅ ହାତରେ ଥିବା ଫଳ ସେଓଟିକୁ, ଆଉ ଝିଅ ଗଦେଇ ରଖି ଖେଳୁଥିବା ଖେଳନା ଗୁଡିକୁ । ସ୍ତ୍ରୀ ଲୋକଟିର ଚିରା ଫଟା ଶାଢୀରେ ସମଗ୍ର ଶରୀର ଢାଙ୍କି ହେଉନଥିବା ଦେଖି, ରୁହ ରୁହ କହି ଭିତରକୁ ଯାଇ କିଛି ଫଳ, ପିଲା ପାଇଁ ପ୍ୟାଣ୍ଟ ସାର୍ଟ ଓ ଶାଢ଼ୀ ଦୁଇଖଣ୍ଡ ସହ ଚାଉଳ ନେଇ ଆସନ୍ତି ତ, ଭିକାରୁଣୀ ସ୍ତ୍ରୀ ଲୋକଟି କହିଲା ମୋ ପୁଅକୁ ଯାହା ଦଉଛ ଦିଅ ମାଆ କିନ୍ତୁ ମତେ କିଛି ଦିଅନି ମା, କାଁହିକିର ଉତ୍ତରରେ ସ୍ତ୍ରୀ ଲୋକଟି କହୁଥିଲା ମୁଁ ଶାଢ଼ି ନେଇ ପିନ୍ଧିଲେ, ଗେରସ୍ତ ମାଡ଼ ମାରି କହିବ କୋଉଠୁ ଆଣିଲୁ ?, କୋଉ ଘଇତା ଦେଲା ? ବରଷକର ଛୁଆଟାକୁ ଛାଡି ଦୁଇବର୍ଷ ହେଲାଣି କୁଆଡେ ଯାଇଥିଲା, ସେତେବେଳେ ପୁଅକୁ ଧରି କେମିତି କୋଉ ଦୁଃଖରେ ଚଳୁଥିଲି ନ ଭାବି, ନିଶା ପାଣି ଛୁଇଁବାକୁ ମନାକଲେ, ସବୁବେଳେ ଘଇତା କରି ଚଳୁଥିଲୁ କହି ମାରପିଟି କରୁଛି ଯେ ମାଆ ହାତରେ ଚୁଡ଼ି ନାହିଁ । ପାରିବ ଯଦି ତୁମ ପୁରୁଣା ଚୁଡ଼ି ମୁଠେ ଦେଲେ ସୋହାଗ ରହିଯାଆନ୍ତା ମାଆ । ତିତିଲି ଚୁଡ଼ି ଇତ୍ୟାଦି ଦେଇସାରି ଅନ୍ତରର ବ୍ୟଥାକୁ ଚାପି ଫେରି ପଡୁ ପଡୁ, ଡ୍ରେସିଂ ଟେବୁଲ ଦର୍ପଣରେ ପିଟି ହୋଇଗଲେ । କ୍ଷଣ ଝାଣ ହୋଇ କାଚଟା ଖଣ୍ଡ ଖଣ୍ଡ ହୋଇ ଚୁନା ହୋଇ ତଳେ ପଡିଥିଲା । 'ତମର କିଛି ହୋଇନି ତ' କହି କୋଳେଇ ନେଇଥିଲେ ପ୍ରିୟବ୍ରତ ତିତିଲିଙ୍କୁ । କାନ୍ଦି କାନ୍ଦି ପ୍ରିୟବ୍ରତଙ୍କ ଛାତିରେ ଲୋଟି ପଡ଼ିଥିଲେ ତିତିଲି । ଭାଙ୍ଗିଯାଇଥିବା ଦର୍ପଣର ପ୍ରତ୍ୟେକଟି ଟୁକୁଡା କାଚ ଭିତରେ ପ୍ରିୟବ୍ରତଙ୍କ ବାହୁବନ୍ଧନରେ ଆବଦ୍ଧ ତିତିଲିଙ୍କୁ, ଭିକାରୁଣୀ ସ୍ତ୍ରୀ ଲୋକଟିର ଫୁଙ୍ଗୁଳା ହାତ ଓ ସୋହାଗ ଭିକ୍ଷା ମନେପଡୁଥିଲା ତିତିଲିଙ୍କର । ପ୍ରିୟବ୍ରତ ଟୁକୁଡା ଗୁଡିକୁ ଉଠେଇନେବା ବେଳେ,ତିତିଲି ନୂଆ ଶାଢ଼ୀ ଚୁଡ଼ି ପିନ୍ଧି ମନ୍ଦିର ଯିବାକୁ ପ୍ରସ୍ତୁତ ହେବା ପୂର୍ବରୁ ପାଦ ଛୁଉଁଥିଲେ ପ୍ରିୟବ୍ରତଙ୍କର ।


+ସାକ୍ଷୀଗୋପାଳ,ପୁରୀ
ମୋ: ୯୦୪୦୯୭୭୩୨୭

# ଜୁନ ୫ ରେ କେନ୍ଦୁଝର ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ତାଲା ପକାଇବାକୁ ନିଷ୍ପତି

ଘଟଗାଁ, ୨୪/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ନିର୍ବାଚନରେ ଅହେତୁକ ବିଳମ୍ବକୁ ନେଇ ସାଧାରଣ ଟ୍ରକ୍ ମାଲିକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି । ଆଜି ଶତାଧିକ ମାଲିକ ଘଟଗାଁ ମା ତାରିଣୀ ପୀଠରେ ସମାବେଶରେ ଉପସ୍ଥିତ ହୋଇ ବେଆଇନ ଭାବେ ଗାଦି ମାଡ଼ି ବସିଥିବା କର୍ମକର୍ତାଙ୍କ କବଳରୁ ସଂଘକୁ ମୁକ୍ତ କରିବାକୁ ଜୁନ ୫ରୁ ଦୁର୍ବାର ଆନ୍ଦୋଳନ କରିବାକୁ ନିଷ୍ପତି ନେଇଛନ୍ତି । ପୂର୍ବତନ ସଂଘ ସମ୍ପାଦକ ପ୍ରଦୀପ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର କର୍ମକର୍ତା ସଞ୍ଜୟ ସିଂହ, ରୁଦ୍ର ନାରାୟଣ ମିଶ୍ର, ପଦ୍ମଲୋଚନ ସାହୁ, ଭଗବାନ ସାହୁ, ରଞ୍ଜନ ବିଶ୍ୱାଳ, ଜିତେନ୍ଦ୍ର ପତି, ପୂର୍ବତନ ସଂଘ କର୍ମକର୍ତା ରାମଚନ୍ଦ୍ର ଭୂୟାଁ, ନିହାର ଦାସ, ଦିଲ୍ଲୀପ ବଳ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଭାତ ରାଉତ, ସରୋଜ କୁମାର ନାୟକ ଏବଂ ବରିଷ୍ଠ ଟ୍ରକ୍ ମାଲିକ ସୁରେଶ ସାହୁ, ରାଜେନ୍ଦ୍ର ପଟ୍ଟନାୟକ, ଅୟସକାନ୍ତ ପଟ୍ଟନାୟକ, ନିଶିଥ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବର୍ତମାନ ଲୁହାପଥର ପରିବହନରେ ମାନ୍ଦାବସ୍ଥା ଚାଲିଥିବା ବେଳେ ଟ୍ରକ୍ ମାଲିକଙ୍କ ଜୀବନ ଓ ଜୀବିକା ସଙ୍କଟାପନ୍ନ ହୋଇଯାଇଛି । ଏପରି ସମୟରେ ଜିଲ୍ଲା ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା କଥା । କିନ୍ତୁ, ସଂଘର ସଭାପତି ଓ ସଂପାଦକଙ୍କ ସମେତ ୩/୪ ଜଣ ମୁଷ୍ଟିମେୟ କର୍ମକର୍ତା ସଂଘ କାର୍ଯ୍ୟାଳୟକୁ ବେଆଇନ ଭାବରେ ଦଖଲ କରି ମନଇଚ୍ଛା ବାଣିଜ୍ୟିକ ଓ ଆର୍ଥିକ କାରବାର ଚଳାଇଛନ୍ତି । ୯ ମାସ ହେବ ନିର୍ବାଚିତ କର୍ମକର୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନ କରି ଦୁର୍ନୀତି ଓ ବେଆଇନ କାର୍ଯ୍ୟରେ ଲିପ୍ତ ଅଛନ୍ତି । ତେଣୁ ବେଆଇନ୍ ଭାବେ ଗାଦି ମାଡ଼ି ବସିଥିବା କର୍ମକର୍ତାଙ୍କ କବଳରୁ ସଂଘକୁ ମୁକ୍ତ କରିବା ପାଇଁ ଆସନ୍ତା ଜୁନ୍ ୫ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ଲାଗି ଆନ୍ଦୋଳନ କରାଯିବା ସହିତ ସଂଘ କାର୍ଯ୍ୟାଳୟରେ ତାଲା ପକାଇବାକୁ ବୈଠକରେ ନିଷ୍ପତି ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନ ବିଳମ୍ବକୁ ନେଇ କିଛି ଦିନ ତଳେ ୧୧ ଜଣ ମାଲିକ ହାଇକୋର୍ଟରେ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାକୁ ବିଚାର ନିମନ୍ତେ ଗ୍ରହଣ କରି ୭ ଜଣଙ୍କୁ ନୋଟିସ ଜାରି କରିବା ସହିତ ଜୁନ ୨୬ରେ ଶୁଣାଣି କରିବାକୁ ସ୍ଥିର କରାଯାଇଛି । ସ୍ଥାନୀୟ ବେଲବାହାଳି ଠାରେ ସାଧାରଣ ମାଲିକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ସଂଘ କାର୍ଯ୍ୟାଳୟରେ ତାଲା ପକାଇ ଦାଖଲ କରିବାକୁ ନିଷ୍ପତି ମଧ୍ୟ ହୋଇଥିଲା । ବିଭୂତି ଗିରି, ବଳଭଦ୍ର ଗିରି, ରମେଶ ବଳ, ପ୍ରବୀର ସାହୁ, ବାବୁଲି ସାହୁ, ଅଜୟ ମହାନ୍ତି, ଅଭିମନ୍ୟୁ ବେହେରା ବୈଠକ ପରିଚାଳନା କରିଥିଲେ ।

# ମୌଳିକ ସୁବିଧାରୁ ବଂଚିତ ନୂଆଗୁଡା ଗ୍ରାମର ୮ ପରିବାର

ମାଲକାନଗିରି, ୨୪/୦୫ (ନି.ପ୍ର): ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଂଚାୟତର ନୂଆଁଗୁଡା ଗ୍ରାମ । ପଂଚାୟତ ସଦରଠାରୁ ମାତ୍ର ୫ କି.ମି. ଓ ବ୍ଲକ ସଦରରୁ ୨୦ କି.ମି. ଦୂରରେ ରହିଛି । ଗ୍ରାମଟି ପ୍ରଥମେ କୁଡୁମୁଲୁଗୁମ୍ମା ଅଧୀନରେ ଥିଲା । ୨୦୧୭ରେ ସୋମନାଥପୁର ପଂଚାୟତ କୋରୁକୋଣ୍ଡା ବ୍ଲକରେ ସାମିଲ ହେଲା । ନୂଆଗୁଡା ଗ୍ରାମବାସୀ ପୂର୍ବରୁ କୁଡୁମୁଲୁଗୁମ୍ମା ଅଧୀନରେ ପ୍ରାୟ ୧୯ ବର୍ଷ ରହିଥିବା ବେଳେ ବର୍ତମାନ କୋରୁକୋଣ୍ଡା ବ୍ଲକ ଅଧୀନରେ ୬ ବର୍ଷ ରହିଲେଣି । ନୂଆଗୁଡାରେ ରହୁଥିବା ୧୫ ପରିବାରକୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାରେ ପ୍ରଶାସନ ବିଫଳ ହୋଇଛି । କୌଣସି ମୌଳିକ ସୁବିଧା ନ ପାଇବାରୁ ୭ ପରିବାର ଅନ୍ୟତ୍ର ଯାଇ ବସବାସ କରୁଛନ୍ତି । ବର୍ତମାନ ଗ୍ରାମରେ ୮ଟି ପରିବାରର ୫୫ ଜଣ ବସବାସ କରୁଛନ୍ତି । ଉକ୍ତ ଗ୍ରାମକୁ ଯିବାକୁ ହେଲେ ହାତୀଆମ୍ବ ଗ୍ରାମକୁ ଯାଇ ସେଠାରୁ ଜଙ୍ଗଲ ରାସ୍ତାରେ ଚାଲି ଚାଲି ୩ କି.ମି. ଗଲେ ପଡେ ନୂଆଗୁଡା ଗ୍ରାମ । ଏବେ ମଧ୍ୟ ରୋଗୀଙ୍କୁ ଭାରରେ ୩ କି.ମି. ବୋହି ହାତୀଆମ୍ବ ଗ୍ରାମକୁ ନେଲାପରେ ଆମ୍ବୁଲାନ୍ସ ସାହାଯ୍ୟରେ ଡାକ୍ତରଖାନାକୁ ନେବାକୁ ପଡୁଥିବା କହିଛନ୍ତି ଗ୍ରାମବାସୀ । ୩ ମାସ ତଳେ ଗ୍ରାମର ଅଭି ଗୁଡିଆଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କୁ ଭାରରେ ବୋହି ହାତୀଆମ୍ବ ପର୍ଯ୍ୟନ୍ତ ନିଆଯାଇଥିଲା । ପାହାଡ ଚଲା ରାସ୍ତାରେ ସେ ଗୋଟିଏ ଶିଶୁ ପୁତ୍ର ଜନ୍ମ ଦେଇଥିଲେ । ପରେ ସେଠାରୁ ଲକ୍ଷ୍ମୀଙ୍କୁ ଆତୀଆମ୍ବ ପର୍ଯ୍ୟନ୍ତ ନେଇ ସେଠାରୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲୁ ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ରାସ୍ତା ସମସ୍ୟା ନେଇ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ରାସ୍ତାକାମ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା । ମାତ୍ର, ପରେ ଏହା ବନ୍ଦ ହୋଇଯାଇଥିଲା । ସେହିପରି ଏଯାଏ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ଗ୍ରାମରେ ବିଦ୍ୟୁତ୍ ବିଭାଗ ତାର ଟାଣି କିଛି ଦିନ ପକାଇ ରଖି ଏବ ୧୫ ଦିନ ତଳେ ଟ୍ରାନ୍ସଫର୍ମର ବସାଇଛି । ମାତ୍ର ଗ୍ରାମରେ କୌଣସି ପରିବାରକୁ ବର୍ତମାନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦେଇନାହିଁ । ଗ୍ରାମବାସୀଙ୍କ ଜଳକଷ୍ଟ କଥା ମଧ୍ୟ ନ କହିବା ଭଲ । ଗ୍ରାମଠାରୁ ୧ କି.ମି. ଦୂରରେ ଥିବା ଏକ ଝରଣାରୁ ପାଣି ଗ୍ରାମବାସୀ ବ୍ୟବହାର କରୁଛନ୍ତି । ଅନେକ ଥର ଗ୍ରାମବାସୀ ଗ୍ରାମରେ ନଳକୂପଟିଏ ଖନନ ଲାଗି କହି ଆସୁଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ବେଦବ୍ୟାସ ଭୋଇଙ୍କୁ ପଚାରିବାରୁ ସେ କହିଲେ, ଖୁବ୍‌ଶୀଘ୍ର ଉକ୍ତ ଗ୍ରାମର ରାସ୍ତା ସହ ଅନ୍ୟ ସମସ୍ୟା ସମାଧାନ କରିବାକୁ ସେ ପଦକ୍ଷେପ ନେବେ ।

# ମହିଳାଙ୍କ ସନ୍ଦେହଜନକ ଭାବେ ମୃତ ଦେହ ଉଦ୍ଧାର : ଭାଇ ଆଣିଲେ ହତ୍ୟା ଅଭିଯୋଗ

ମୁଖୀଗୁଡ଼ା, ୨୪/୦୫ (ନି.ପ୍ର): ସ୍ୱାମୀ ସ୍ତ୍ରୀ ମାଛ ଧରିବାକୁ ଯାଇଥିଲେ ନିକଟସ୍ଥ ନାଳକୁ ଦିନ ୧୦ଟା ରେ ସନ୍ଧ୍ୟା ପରେ ମଧ୍ୟ ବୋହୁ ଘରକୁ ନଫେରିବାରୁ ବିଚଳିତ ହୋଇ ଯାଇଥିଲେ ଶାଶୁ ଲକ୍ଷ୍ମୀ ବୋହୂକୁ ଖୋଜା ଖୋଜି କରିବା ପରେ ମଧ୍ୟ ମିଳିନଥିଲେ ଶେଷରେ ଜୟପାଟଣା ଥାନାର ଦ୍ୱାରସ୍ଥ ହେବା ପରେ ଆଜି ବୋହୁର ମୃତ ଦେହ ମିଳିବା ପରେ ହତ୍ୟା ଅଭିଯୋଗ ହୋଇଛି ଜୟପାଟଣା ଥାନାରେ । କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ପ୍ରତାପପୁର ଗ୍ରାମପଂଚାୟତ କଲୋନୀ ପଡାର ବିବାହିତ ମହିଳା ସ୍ୱାଗତି ରାଉତ(୩୧)ଙ୍କ ମୃତଦେହ ପ୍ରତାପପୂର କଲୋନିପଡା ନିକଟ ବଡ଼ଜୋରରୁ ସନ୍ଦେହଜନକ ଭାବେ ଜୟପାଟଣା ପୁଲିସ ଉଦ୍ଧାର କରିଛି । ସୂଚନା ଅନୁଯାୟୀ ଜୟପାଟଣା ଥାନା ଅନ୍ତର୍ଗତ ପ୍ରତାପପୁର କଲୋନିପଡାର ସ୍ୱାଗତି ଓ ତାଙ୍କ ସ୍ୱାମୀ ବିରେନ୍ଦ୍ର ଗତକାଲି ଦିନ ୧୦ଟା ବେଳେ ମାଛ ଧରିବା ପାଇଁ ନିକଟସ୍ଥ ଏକନାଳା ବଡଜୋରକୁ ଯାଇଥିଲେ । କିନ୍ତୁ ସନ୍ଧ୍ୟା ହୋଇଯାଇଥିଲେ ମଧ୍ୟ ସ୍ୱାଗତି ଘରକୁ ଫେରି ନଥିବା ବେଳେ ବୀରେନ୍ଦ୍ରଙ୍କୁ ସନ୍ଧ୍ୟାରେ ଜୟପାଟଣା ସହରରେ ମଦ ପିଇ ବୁଲୁଥିବା ଦେଖାଯାଇଥିଲା । ଏପଟେ ସ୍ୱାଗତିଙ୍କ ଶାଶୁ ଲକ୍ଷ୍ମୀ ସ୍ୱାଗତିଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ନଫେରିବା ପରେ ଖୋଜାଖୋଜି କରିଥିଲେ କିନ୍ତୁ ତାଙ୍କର କୋଣସି ଖବର ମିଳିନଥିଲା । ଆଜି ସକାଳେ ଉକ୍ତ ନାଳାରେ ସ୍ୱାଗତିଙ୍କ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ପୁଲିସ ଶବ ଉଦ୍ଧାର କରିବା ସହ ଜୟପାଟଣା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି । ସ୍ୱାଗତି ଓ ବିରେନ୍ଦ୍ର ଗତ ୧୧ ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ୧୦ବର୍ଷୀୟ ପୁଅଟିଏ ଅଛି । ମୃତା ସ୍ୱାଗତିକାଙ୍କ ଭାଇ ଡମ୍ବରୁଧର ଚଣ୍ଡୀ ନିଜ ଭଉଣୀ କୁ ହତ୍ୟା କରାଯାଇଛି ବୋଲି ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତିକରି ଜୟପାଟଣା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇ ବିରେନ୍ଦ୍ର ରାଉତକୁ ଜୟପାଟଣା ଥାନାରେ ଅଟକ ରଖାଯାଇଛି ।

## ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ମହାରାଜା ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କୁ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ୨୪/୦୫ (ନି.ପ୍ର): ଚଳିତ ୨୦୨୨-୨୩ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସୋନପୁର ମହାରାଜା ଉଚ୍ଚ ବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ତଥା ୫୪୯ ମାର୍କ ରଖି ଇ-୧ ଗ୍ରେଡରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଦେବେନ୍ଦ୍ର ଖମାରୀଙ୍କୁ ହାଇସ୍କୁଲ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି ଓ ଏହି ଅବସରରେ ମୋ ସ୍କୁଲ ଅଭିଯାନର ସଭାପତି ଗୋରେଖନାଥ ସାହୁ ଓ ସଂପାଦକ ଦୀଲ୍ଲିପ ରଥ ଛାତ୍ର ଦେବେନ୍ଦ୍ର ଖମାରୀଙ୍କୁ ସମ୍ବର୍ଦ୍ଧନା କରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶିର୍ବାଦ ପ୍ରଦାନ କରିଥିଲେ ଓମେଧାବୀ ଛାତ୍ର ଦେବେନ୍ଦ୍ର ଖମାରୀ ବିଦ୍ୟାଳୟ ପାଇଁ ତଥା ଜିଲ୍ଲା ପାଇଁ ଗର୍ବ ଓ ଗୌରବ ବୋଲି ବିଦ୍ୟାଳୟ କର୍ତୃପକ୍ଷ ପ୍ରକାଶ କରିଥିଲେ ଓ ଏଠାରେ ପ୍ରକାଶ ଥାଉ କି ବିଗତ ୧୪ ବର୍ଷ ପରେ ଏହି ବିଦ୍ୟାଳୟରୁ ଜଣେ ଛାତ୍ର ଏ-୧ ଗ୍ରେଡରେ ଉତୀର୍ଣ୍ଣ ହୋଇଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅବିଭାବକ ମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି ଓ ତେବେ ଏହି ଛାତ୍ରଙ୍କ ସଫଳତା ଅନ୍ୟ ଛାତ୍ରମାନଙ୍କୁ ଅଧ୍ୟୟନ କରିବାରେ ଉତ୍ସାହ ପ୍ରଦାନ କରିବ ଓ ଓଆଜି ଏହି ଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# କଙ୍ଗାରୁ କୋର୍ଟରେ ନିଆଁ, ପାଣି ବାସନ୍ଦ

ଖୋର୍ଦ୍ଧା, ୨୪/୦୫ (ନି.ପ୍ର): ଜିଲ୍ଲାର ସଦରଥାନା ଅନ୍ତର୍ଗତ କୋକସିଂହ ଗ୍ରାମରେ ଭୂମିହୀନଙ୍କ ଉପରେ ଗାଁ ମୁଖିଆଙ୍କ ଜୁଲୁମ । ଶ୍ରୀଜଗନ୍ନାଥଙ୍କ ଭୂସମ୍ପତିରେ ଦୀର୍ଘଦିନ ଧରି ଘର ନିର୍ମାଣ କରି ରହୁଥିବା ଜଣେ ମହିଳାଙ୍କ ଘରର ପାଚେରୀ ଭଙ୍ଗାରୁଜା ପରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି । କିଛି ମୁଷ୍ଟିମେୟ ବ୍ୟକ୍ତି ଜଗନ୍ନାଥ ଜମିକୁ ପ୍ଲଟିଂ କରି ବିକ୍ରି କରିବା ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି । ଏପରିକି ମହିଳାଙ୍କ ପରିବାର ଏହାକୁ ବିରୋଧ କରିବାରୁ ତାଙ୍କୁ କଙ୍ଗାରୁ କୋର୍ଟରେ ନିଆଁ, ପାଣି ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଜଗନ୍ନାଥ ଭୂସମ୍ପତିକୁ ପ୍ଲଟିଂ କରି ବିକ୍ରି କରୁଛନ୍ତି ଜମି ଦଲାଲ । ଗାଁର ମୁଖିଆ ସାଜି ଏପରି କାର୍ଯ୍ୟ କରୁଥିବା ସଙ୍ଗୀନ ଅଭିଯୋଗ ଆସିଛି । ଏହାକୁ ପ୍ରତିବାଦ କଲେ ନିଆଁ ପାଣି ବାସନ୍ଦ ଭଳି କଠୋର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି କଙ୍ଗାରୁ କୋର୍ଟରେ । ଏଭଳି ଏକ ସଙ୍ଗୀନ ଅଭିଯୋଗ ଆଣି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି ପୀଡିତା ପରିବାର ସଦସ୍ୟ । ଜିଲ୍ଲାର ସଦରଥାନା ଅନ୍ତର୍ଗତ କୋକସିଂହ ଗ୍ରାମର ତୃପ୍ତିମୟୀ ଚମ୍ପତି ଗରିବ ଭୂମିହୀନ ମହିଳା ହୋଇଥିବାରୁ ସେ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତିରେ ଦୀର୍ଘଦିନ ଧରି ଘର ନିର୍ମାଣ କରି ରହିଆସୁଛନ୍ତି । କିନ୍ତୁ, ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ଜଗନ୍ନାଥ ଜମିକୁ ପ୍ଲଟିଂ କରି ବିକ୍ରି କରୁଛନ୍ତି । ନିକଟରେ ଏକ ଅନାଥ ଆଶ୍ରମ କରୁଥିବା ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିଲେ । ଏପରିକି ସେହି ଅନାଥ ଆଶ୍ରମକୁ ରାସ୍ତା ନେବା ପାଇଁ ଗ୍ରାମର ମୁଷ୍ଟିମେୟ ବ୍ୟକ୍ତିମାନେ ତୃପ୍ତିମୟୀଙ୍କ ପାଚେରୀ ଭଙ୍ଗାରୁଜା କରିବାବେଳେ ତୃପ୍ତିମୟୀଙ୍କ ପରିବାର ବିରୋଧ କରିବାରୁ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ଉଭୟ ପକ୍ଷରୁ ସଦର ଥାନାରେ ଅଭିଯୋଗ ପରେ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରି ଚୁପ ବସିଥିଲା ପୋଲିସ । ଫଳରେ ଗତ ୧୨ ତାରିଖରେ ଗ୍ରାମର ସଭାପତି ପଦ୍ମନାଭ ଖାଡଙ୍ଗା, ବିନାୟକ ଚମ୍ପତି, ଅନ୍ତର୍ଯ୍ୟାମୀ ବଳିୟାରସିଂହ, ଜୟକୃଷ୍ଣ ରାଉତରାୟ, ପ୍ରମୋଦ ଚମ୍ପତି, ପ୍ରକାଶ ଚମ୍ପତି, ଦିଲ୍ଲୀପ କୁମାର ମହାପାତ୍ର, ପ୍ରକାଶ କୁମାର ସାହୁ, ଗୟାଧର ସାହୁ, ଗଜପତି ଦାସ ପ୍ରମୁଖ ଗାଁରେ ସଭାକରି ଗାଁର କୌଣସି ଲୋକ ତୃପ୍ତିମୟୀଙ୍କ ପରିବାର ସହ କଥାବାର୍ତାକୁ ବନ୍ଦ କରିଥିବା ବେଳେ ଯିଏ କଥାବାର୍ତା କରିବ ତେବେ ୫୦୦ ଟଙ୍କା ଜୋରିମାନା ଦେବାକୁ ପଡିବ, ନଳକୂପରୁ ପାଣି ନେବା ବନ୍ଦ କରିବା, ପୋଖରୀରେ ସ୍ନାନ କରିବା ଉପରେ କଟକଣା ଲାଗୁ କରିବା, ତାଙ୍କ ପିଲାମାନଙ୍କୁ ଅଗଂନବାଡିରେ ପାଠପଢାକୁ ବାରଣ କରିଥିବା ସହ ରାସ୍ତାଘାଟରେ ଗଲା ବେଳେ ଜୀବନରେ ମାରିଦେବାକୁ ଧମକ ଦେବା ନେଇ ତୃପ୍ତିମୟୀ ଆଜି ଲିଖିତ ଅଭିଯୋଗ କରିଛନ୍ତି । ଏପରିକି ସାମାଜିକ ବାସନ୍ଦ ହେବା ପରେ ସେ ମାନସିକ ଯନ୍ତ୍ରଣା ଭୋଗୁଥିବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ତୃପ୍ତିମୟୀ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ସହ ଅତିରିକ୍ତ ଏସପି ସୁରେନ୍ଦ୍ର କୁମାର ମୁର୍ମୁଙ୍କୁ ଭେଟି ଘଟଣାର ତୁରନ୍ତ ସମାଧାନ କରିବାକୁ ନିବେଦନ କରିଛନ୍ତି । ଯଦି ତାଙ୍କ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ମାସେ ଭିତରେ ସମାଧାନ ନ କରେ ତେବେ ସେ ନବୀନନିବାସ ଆଗରେ ପରିବାର ସହ ଆତ୍ମହୁତି ଦେବାକୁ ଚେତାବନୀ ଦେଇଛନ୍ତି ।

ସୂଚନା ଥାଉ କି, କୁଞ୍ଝୁରୀ ପଂଚାୟତର ବିଭିନ୍ନ ଗ୍ରାମରେ ଜଗନ୍ନାଥଙ୍କ ଜମିକୁ ପ୍ଲଟିଂ କରି ଜମି ମାଫିଆ ବିକ୍ରି କରିବା ସହ କିଛି ଜାଗାରେ ବେଆଇନ ପଥର ଖଣି କରିବା ସହ ପିଲାମାନେ ଖେଳୁଥିବା ପଡିଆ ମଧ୍ୟରେ ବେଆଇନ ରାସ୍ତା ନିର୍ମାଣ କରି ପ୍ଲଟିଂ କରି ବିକ୍ରି କରୁଥିବା ଆଦିବାସୀମାନେ ତହସିଲ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । କିନ୍ତୁ, ତହସିଲ ହେଉକି ଜଗନ୍ନାଥ ମନ୍ଦିର ପ୍ରଶାସନ ସବୁ ଜାଣି ଚୁପ ବସିବା ସମସ୍ତଙ୍କୁ ସନ୍ଦେହ ସୃଷ୍ଟି କରୁଛି । ଯାହାଦ୍ୱାରା ଜମି ମାଫିଆ ଜଗନ୍ନାଥ ମନ୍ଦିର ପ୍ରଶାସନ ଜମିକୁ କୋଟି କୋଟି ଟଙ୍କାରେ ବେଆଇନ ଭାବେ ବିକ୍ରି କରିବା ସହ ପଥର ଉତୋଳନ କରି ରାଜସ୍ୱ ଲୁଟୁଛନ୍ତି । ତୁରନ୍ତ ଜଗନ୍ନାଥ ମନ୍ଦିର ପ୍ରଶାସନ ଏହା ଉପରେ ହସ୍ତକ୍ଷେପ କରି ମୁଷ୍ଟିମେୟ ବ୍ୟକ୍ତିଙ୍କ ସହ ଜମି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଲେ ଗ୍ରାମରେ ଶାନ୍ତି ଫେରି ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# କେନ୍ଦୁଝର ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀର ପ୍ରୟାସ ସେବା ଗ୍ରାମରେ ରେଡିଓ ଜୁହାର ଲୋକାର୍ପିତ

କେନ୍ଦୁଝର, ୨୪/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ରଘୁନାଥପୁର ପଂଚାୟତର ପାହାଡ଼ ଜଙ୍ଗଲ ଘେରା ଏକ ଅଖ୍ୟାତ ପଲ୍ଲୀ ଖମଣଗୋଡାସାହିର ପ୍ରୟାସ ସେବା ଗ୍ରାମରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଲୋକାର୍ପିତ ହୋଇଛି ରେଡିଓ ଜୁହାର । ଏହି ରେଡିଓ ଜୁହାର ହେଉଛି ୯୦.୦ ଏଫ.ଏମ୍. ଗୋଷ୍ଠୀ ବେତାର କେନ୍ଦ୍ର ଏବଂ ଜିଲ୍ଲାର ତୃତୀୟ ବେତାର କେନ୍ଦ୍ର । ଏହି ବେତାର କେନ୍ଦ୍ର ସହ ଗ୍ରାମାଂଚଳ ଲୋକମାନଙ୍କୁ ଜଡ଼ିତ କରାଇବା ସହ ଏହା ମାଧ୍ୟମରେ ଗ୍ରାମାଂଚଳର ଲୁକାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏବଂ ଗ୍ରାମାଂଚଳର ବିଭିନ୍ନ ବର୍ଗର ଲୋକଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ ସହ ଯୋଡିବା ସହ ସହାୟତା ତଥା ଫାଇଦା ପହଂଚାଇବା ଦିଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦ୍‌ଭାବନାର ଏହା ଏକ ଅଭିନବ ପ୍ରୟାସ । ସରକାର ଓ ବିଶେଷ କରି ଅନଗ୍ରସର ଲୋକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ରେଡିଓ ଜୁହାର ବେଶ ସହାୟକ ହେବ ବୋଲି ବିଶ୍ୱାସ ରଖିଛନ୍ତି ଅନୁଷ୍ଠାନର ଚଣ୍ଡି ପ୍ରସାଦ ପଟ୍ଟନାୟକ । ରେଡିଓ ଜୁହାରର ଲୋକାର୍ପଣ ଉତ୍ସବରେ ଜିଲ୍ଲା ପରିଷଦର ସଭାପତି ସାଗରିକା ସାହୁ, ସଦର ବିଧାୟକ ମୋହନ ଚରଣ ମାଝୀ, କେନ୍ଦୁଝର ବାର ଆସୋସିଏସନ ସଭାପତି ଆଶିଷ ଚକ୍ରବର୍ତୀ, କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷ ନିକୁ ସାହୁ, ଅଲ ଇଣ୍ଡିଆ ରେଡିଓ ସମ୍ବଲପୁର ଓ କଟକ ଜୋନ ର ଉପ ନିର୍ଦ୍ଦେଶକ ଡ. ଏସ. ଏନ. ପଟ୍ଟନାୟକ, ଓଡିଶା ରାଜ୍ୟ ଗୋଷ୍ଠୀ ଭିତିକ ବେତାର କେନ୍ଦ୍ରର ସଭାପତି ଅବଦୁଲ ସଫିକ, ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ. ଏ. ଶାହ ଆନସାରୀ, ରେଡ଼ିଓ ଗୁଞ୍ଜନ ବରଗଡ଼ର ନିର୍ଦ୍ଦେଶକ ନିହାର ରଞ୍ଜନ ପଣ୍ଡା, ବରିଷ୍ଠ ଷ୍ଟୁଡିଓ ଓ ସାଉଣ୍ଡ ଡିଜାଇନର ପିଂଟୁ ମିଶ୍ର, ବିଶିଷ୍ଟ ସିନେମା ଓ ଟି.ଭି. କଳାକାର ବୀରେନ ମିଶ୍ର ଓ ଶକ୍ତି ବରାଳ, ସୁରେଶ କୁମାର, ଗୁଞ୍ଜ, ନୂଆଦିଲ୍ଲୀ, ବିଶିଷ୍ଟ ସାମ୍ବାଦିକ, ସମାଜସେବୀ, ପୁରୀ, ବିଜୟ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିଭୁତି ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିନୟ ଭୁଷଣ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ରେଡିଓ ଜୁହାରର ଏହି ଲୋକାର୍ପଣ ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୩୦ଜଣ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶେଷ ଭାବେ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନ ପକ୍ଷରୁ ସମସ୍ତ ଅତିଥିଙ୍କୁ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା । ଏବଂ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷ ଦେବତାଙ୍କୁ ଜଳ ଅର୍ପଣ କରାଯାଇ ରେଡିଓ ଜୁହାରର ଲୋକାର୍ପଣ ଉତ୍ସବ ଆରମ୍ଭ ହୋଇଥିଲା । ଯାହା ଅତିଥି ମାନଙ୍କ ସହ ଉପସ୍ଥିତ ସମସ୍ତଙ୍କୁ ବେଶ୍ ପ୍ରଭାବିତ କରିଥିଲା ।

# ରିମୁଳି ଗ୍ରାମରେ ମଦ ଓ ଗଞ୍ଜେଇର ଅବାଧ ବିକ୍ରିକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଚମ୍ପୁଆ, ୨୪/୦୫ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ଗ୍ରାମରେ ଚାଲିଛି ଦେଶୀ ମହୁଲି ମଦ, ବିଦେଶୀ ମଦ ଓ ଗଞ୍ଜେଇର ଅବାଧ ବିକ୍ରି । ଚମ୍ପୁଆ ପୋଲିସ ଓ ଅବକାରୀ ବିଭାଗ ଅଭିଯୋଗ ପାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ତେଣୁ ଗ୍ରାମର ଶତାଧିକ ମହିଳା ଚମ୍ପୁଆ ବ୍ଲକ କାର୍ଯ୍ୟଳୟ ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କୁ ଏ ନେଇ ଅଭିଯୋଗ କରିଥିବା ଜଣାପଡିଛି ।

ସୂଚନା ଅନୁଯାୟୀ, ରିମୁଳି ଗ୍ରାମରେ କିଛି ପୁରୁଷ ଓ ମହିଳା ତାଙ୍କ ଘରେ ଓ ଦୋକାନ ମାନଙ୍କରେ ଦେଶୀ ମହୁଲି ମଦ, ବିଦେଶୀ ମଦ ଓ ଗଞ୍ଜେଇ ରଖି ବିକ୍ରି କରୁଥିବା ଜଣାପଡ଼ିଛି । ରିମୁଳି ଗ୍ରାମରେ କିଛି ଦୋକାନରେ ବେଆଇନ ଭାବେ ଦେଶୀ ମହୁଲି ମଦ ଓ ବିଦେଶୀ ମଦ ବିକ୍ରି ହେବା ସହିତ ଗଞ୍ଜେଇର ଅବାଧ ବିକ୍ରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେବେ ଗ୍ରାମରେ କିଛି ମହିଳା ଓ ପୁରୁଷ ତାଙ୍କ ଘର ମାନଙ୍କରେ ମଧ୍ୟ ଦେଶୀ ମହୁଲି ମଦ, ବିଦେଶୀ ମଦ ଓ ଗଞ୍ଜେଇ ବେଆଇନ ଭାବେ ରଖି ବିକ୍ରି କରିବା ଗ୍ରାମର ପରିବେଶକୁ ଏକ ପ୍ରକାର ନଷ୍ଟ କରିଦେବାକୁ ବସିଛି । ଗ୍ରାମର ଶ୍ରମଜୀବୀ ପୁରୁଷ ମାନେ ଏହି ଦେଶୀ ମହୁଲି ମଦ ପିଇ ମାତାଲ୍ ହୋଇ ରହୁଥିବା ବେଳେ ସେମାନେ କୌଣସି ଶାରୀରିକ ପରିଶ୍ରମ କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖିବାକୁ ମିଳୁଛି । କିଛି ଯୁବ ବୟସର ବ୍ୟକ୍ତି ଦେଶୀ ମହୁଲି ମଦ ପିଇବା ଦ୍ୱାରା ଏପରି ଦୁର୍ବଳ ଓ ରୋଗୀଣା ହୋଇ ଯାଇଛନ୍ତି ଯେ ସେମାନେ କୌଣସି କାମ କରି ପାରୁ ନାହାଁନ୍ତି । ଅନେକ ବ୍ୟକ୍ତି ଯୁବ ବୟସରେ ଅତ୍ୟଧିକ ଭାବରେ ନିଶା ସେବନ କରୁଥିବା ଯୋଗୁଁ ବିଭିନ୍ନ ରୋଗରେ ପଡି ଅକାଳରେ ମୃତ୍ୟୁବରଣ କରୁଥିବା ମଧ୍ୟ ଦେଖିବାକୁ ମିଳୁଛି । ଗ୍ରାମର ଅଧିକାଂଶ ଶ୍ରମଜୀବୀ ବର୍ଗର ପୁରୁଷ ମାନେ ମଦ ଓ ଗଞ୍ଜେଇ ପରି ନିଶା ଦ୍ରବ୍ୟ ସେବନ କରୁଥିବା ବେଳେ ଯୁବକ ଓ ଅଳ୍ପ ବୟସ୍କ ପିଲା ମାନେ ମଧ୍ୟ ଦିନକୁ ଦିନ ଏହି ମଦ ଓ ଗଞ୍ଜେଇ ନିଶା ପ୍ରତି ଆଶକ୍ତ ହେଉଥିବା ଦେଖିବାକୁ ମିଳୁଛି । ଏପରିକି କଲେଜ ପଢୁଆ ପିଲା ମାନେ ମଧ୍ୟ ଏହି ନିଶା କବଳରେ କବଳିତ ହୋଇ ପଡୁଥିବା ଏକ ଚିନ୍ତାଜନକ ବିଷୟ । ଗ୍ରାମର ଅନେକ ଘରର ପୁରୁଷ ମାନେ ମଦ ଓ ଗଞ୍ଜେଇ ନିଶା ସେବନ କରି ନିଶାସକ୍ତ ଅବସ୍ଥାରେ ରହୁଥିବା ଯୋଗୁଁ ସେମାନେ ଅଧିକାଂଶ ସମୟରେ ଘରର ମହିଳା ମାନଙ୍କୁ ମାରପିଟ କରୁଥିବା ବେଳେ ପୁରୁଷ ମାନେ କୌଣସି କାମ କରି ପାରୁ ନଥିବା ଯୋଗୁଁ ସେମାନଙ୍କ ଘରେ ଦିନେ ଦିନେ ଚୁଲି ମଧ୍ୟ ଜଳୁ ନାହିଁ । ନିଶା ସେବନ କରିବାକୁ ଟଙ୍କା ନ ପାଇଲେ ନିଶାସକ୍ତ ପୁରୁଷ ମାନେ ଘରେ ଥିବା ଆସବାବପତ୍ର ଏପରିକି ସୁନା ଗହଣା ଆଣି ଅନ୍ୟତ୍ର ବିକ୍ରି କରିଦେଇ ନିଶା ସେବନ କରୁଛନ୍ତି । ଏପରି ହେବାଦ୍ୱାରା ସେମାନଙ୍କ ଘରର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇପଡୁଛି । ତେବେ ଗ୍ରାମର ଅନେକ ଶ୍ରମଜୀବୀ ପୁରୁଷ, ଯୁବକ ଓ ସ୍କୁଲ କଲେଜ ପଢୁଆ କିଶୋର ମାନେ ଦିନକୁ ଦିନ ଏହି ଦେଶୀ ମହୁଲି ମଦ, ବିଦେଶୀ ମଦ ଓ ଗଞ୍ଜେଇ କବଳରେ ପଡି ନିଶାଖୋର ହୋଇପଡୁଥିବା ଦେଖି ସର୍ବଦା ଚିନ୍ତାରେ ବୁଡି ରହୁଥିବା ମା, ଭଉଣୀ ଓ ସ୍ତ୍ରୀ ମାନେ ଏହା ବିରୋଧରେ ଏକଜୁଟ ହୋଇ ରିମୁଳି ପଞ୍ଚାୟତର ସରପଞ୍ଚଙ୍କୁ ରିମୁଳି ଗ୍ରାମରେ ଚାଲିଥିବା ବେଆଇନ ମଦ ଓ ଗଞ୍ଜେଇ କାରବାରକୁ ରୋକିବା ସହିତ ଏହି ସମସ୍ୟାର ମୂଳ କାରଣ ରିମୁଳି ଠାରେ ଥିବା ସରକାରୀ ମହୁଲି ମଦଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ରିମୁଳି ପଂଚାୟତର ସରପଂଚ ଏନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମର ମହିଳା ମାନେ ରିମୁଳି ଫାଣ୍ଡି ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ରିମୁଳି ଫାଣ୍ଡି ତରଫରୁ ଗ୍ରାମର ମହିଳା ମାନଙ୍କୁ ଏ ବିଷୟରେ ଚମ୍ପୁଆ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦିଆଯିବାରୁ ମହିଳା ମାନେ ରିମୁଳି ଫାଣ୍ଡିରୁ ଚମ୍ପୁଆ ଅବକାରୀ ଅଧିକାରୀଙ୍କ ମୋବାଇଲ ନମ୍ବର ପାଇ ତାଙ୍କୁ ଫୋନ ଯୋଗେ ଅଭିଯୋଗ କରିବାରୁ ଚମ୍ପୁଆ ଅବକାରୀ ବିଭାଗ ତରଫରୁ ଗ୍ରାମର ମହିଳା ମାନଙ୍କୁ ଆଜି କାଲି କହି ଦିନ ଗଡ଼ାଇ ଚାଲିବା ସହ ତାଙ୍କ ଅଭିଯୋଗ ଉପରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଗ୍ରାମର ମହିଳା ମାନେ ଏକଜୁଟ ହୋଇ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେଉଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରକୁ ଯାଇ ଏ ନେଇ ଅଭିଯୋଗ କରିବା ପରେ ଚମ୍ପୁଆ ଅବକାରୀ ବିଭାଗକୁ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି ।

ତେବେ ଗ୍ରାମର ମହିଳା ମାନଙ୍କ ଠାରୁ ଅଭିଯୋଗ ପାଇଲା ପରେ ମଧ୍ୟ ଚମ୍ପୁଆ ପୋଲିସ ଓ ଅବକାରୀ ବିଭାଗ ବେଆଇନ ମହୁଲି ମଦ, ବିଦେଶୀ ମଦ ଓ ଗଞ୍ଜେଇ ମଦ କାରବାର କରୁଥିବା ବ୍ୟକ୍ତି ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଉକ୍ତ ବିଭାଗ ମାନଙ୍କ କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଗଣମାଧ୍ୟମରେ ଖବର ପ୍ରକାଶ ପରେ ଅସହାୟ ଭାଇ, ଭଉଣୀଙ୍କୁ ସହାୟତାର ହାତ ବଢ଼ାଇଲେ ସମାଜସେବୀ

ଚମ୍ପୁଆ, ୨୪/୦୫ (ନି.ପ୍ର): ବାପାଙ୍କ ମୃତ୍ୟୁର ୪ ବର୍ଷ ନ ପୂରୁଣୁ ଅନ୍ୟ ପୁରୁଷର ହାତ ଧରି ଚାଲି ଗଲେ ମା'' । ବାପା, ମା ଙ୍କୁ ହରାଇ ଦୁଇ ଭାଇ ଭଉଣୀ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡ଼ିଥିବାବେଳେ ବର୍ତମାନ ପିଲାଙ୍କ ପାଇଁ କକା ହିଁ ସାଜିଛନ୍ତି ଏକ ମାତ୍ର ସାହା ଭରସା । ସୂଚନା ମୁତାବକ, କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ କାଳିକାପ୍ରସାଦ ପଂଚାୟତ ଅନ୍ତର୍ଗତ କୃଷ୍ଣପୁର ଗ୍ରାମର ଗୋବିନ୍ଦ ମୁଣ୍ଡା ଗତ ୪ ବର୍ଷ ତଳେ ମୃତ୍ୟୁ ବରଣ କରିଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ମନ୍ଦାକିନୀ ମୁଣ୍ଡା ଦୁଇ ଶିଶୁଙ୍କୁ ନେଇ ଘର ଚଳାଇ ଆସୁଥିଲେ । କିନ୍ତୁ, ପ୍ରାୟ ୨ ମାସରୁ ଅଧିକ ହେବ ମନ୍ଦାକିନୀ ଅନ୍ୟ ଏକ ପୁରୁଷର ହାତ ଧରି ଚାଲି ଯିବା ପରେ ବାପା ମା''ଙ୍କୁ ହରାଇ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡ଼ିଛନ୍ତି ୨ ଶିଶୁ । ପୁଅ ଆକାଶ ମୁଣ୍ଡା(୯) ଓ ଝିଅ ସୁଲୋଚନା ମୁଣ୍ଡା(୭) । ଫଳରେ ଏହି କୋମଳମତି ଶିଶୁ ୨ ଜଣ ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଏକମାତ୍ର ଭଙ୍ଗା ଦଦରା ଚାଳ ଘରେ ମୁଣ୍ଡ ଗୁଞ୍ଜି ରହିଛନ୍ତି । ତାଙ୍କର ଏପରି ଦୁର୍ଦ୍ଦିନରେ କକା ବଳିଆ ମୁଣ୍ଡା ଏକ ମାତ୍ର ସାହା ଭରସା ସାଜିଛନ୍ତି । କକା ବଳିଆଙ୍କ ପରିବାରରେ ମଧ୍ୟ ତାଙ୍କ ସ୍ତ୍ରୀ ଏବଂ ୨ ପିଲାଙ୍କ ସହିତ ଦୁଇ ଜଣ ବଡ ଭାଇ ଗୁଟକା ମୁଣ୍ଡା ଓ କାଳିଆ ମୁଣ୍ଡା ରହିଛନ୍ତି । ଗୁଟକା ମୁଣ୍ଡା (୬୦)ଙ୍କ ବୟସ ଅଧିକ ହେତୁ କୌଣସି କାମ କରି ପାରୁ ନଥିବା ବେଳେ କାଳିଆ ଦୀର୍ଘଦିନରୁ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଏବେ ବୋଝ ଉପରେ ନଳିତା ବିଡା ପରି ମା' ବାପାଙ୍କୁ ହରାଇ ଥିବା ଦୁଇ ଶିଶୁ ଆକାଶ ଓ ସୁଲୋଚନା ପରିବାରରେ ଯୋଡି ହେବାପରେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବଳିଆ ପାଇଁ ପର ଘରେ ମୂଲ ଲାଗି ଏହି ଆଠ ଜଣିଆ ପରିବାର ପାଇଁ ଆହାର ଯୋଗାଡ଼ କରିବା କଷ୍ଟକର ହୋଇ ପଡିଛି । ଫଳରେ ଆଗକୁ ଏହି ଅସହାୟ ଭାଇ ଭଉଣୀଙ୍କ ଭବିଷ୍ୟତ କଣ ହେବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏହି ଦୁଇ ଭାଇ ଭଉଣୀ ଆହାର ଯୋଜନାରେ ମଧ୍ୟ ସାମିଲ ହୋଇ ନ ଥିବାରୁ ରେସନ କାର୍ଡରେ ପାଂଚ କିଲୋ ଚାଉଳ ମଧ୍ୟ ପାଉ ନାହାନ୍ତି । ବର୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ମା'' ମନ୍ଦାକିନୀଙ୍କ ନାମ ରହିଛି । କିନ୍ତୁ, ସେ ଅନ୍ୟ ପୁରୁଷ ସହିତ ଚାଲି ଯିବାପରେ ପିଲାମାନଙ୍କୁ ଆବାସ ଯୋଜନାରେ ଘର ମିଳିବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି । ପୁଅ ଆକାଶ କୃଷ୍ଣପୁର ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ପାଠ ପଢ଼ିବାକୁ ଇଛା ଥାଇ ବି ସୁଲୋଚନା ସ୍କୁଲରେ ପାଦ ଥାପି ପାରିନାହିଁ । ଦେଖିବାକୁ ଗଲେ ରହିବା, ଖାଇବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ସବୁ ଦୃଷ୍ଟିରୁ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଗତି କରୁଛି । ଏପରି ଏକ ହୃଦୟ ବିଦାରକ ଖବର ବିଗତ ଦିନରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ମାଇଲ ଟ୍ରଷ୍ଟ ର ସଭାପତି ନାରାୟଣ ପ୍ରସାଦ ଦାସ, ଉଦିତ ନାରାୟଣ ଗିରି, ଟୁକୁନା ଗିରିଙ୍କ ସହିତ ମାନବ ପ୍ରେମୀ ସେବା ଟ୍ରଷ୍ଟ ର ସଭାପତି ବିଚିତ୍ରାନନ୍ଦ ଦାସ ଓ ଉପ ସଭାପତି ରାଜକୁମାର ପାତ୍ର ପ୍ରମୁଖ କୃଷ୍ଣପୁର ଗ୍ରାମରେ ପହଂଚି ଭାଇ ଭଉଣୀଙ୍କୁ ନୂତନ ବସ୍ତ୍ର ତଥା ଖାଦ୍ୟ ସାମଗ୍ରୀ ମାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ପାଠପଢା ସହିତ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକର ଯଥାସମ୍ଭବ ସମାଧାନ ସକାଶେ ପ୍ରତିଶ୍ରୁତି ଦେବା ସହ ପରବର୍ତୀ ସମୟରେ ଏହି ଘଟଣାକୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ବିଜୁଳି କାଟ ପାଇଁ ପ୍ରତିକାର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)ତେଣୁ ବିଜୁଳି କାଟ କରିବା ଅନୁଚିତ। ଏହା ବ୍ୟାବସାୟିକ ସାଧୁତା ନୁହେଁ। ଚୁକ୍ତି ମୁତାବକ ସେମାନେ ଉପଭୋକ୍ତାଙ୍କୁ ଉତ୍ତମ ମାନର ବିଜୁଳି ନିରନ୍ତର ଯୋଗାଇବାକୁ ବାଧ୍ୟ। ଓଡ଼ିଶା ବିଜୁଳି ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ। ଜାତୀୟ ଗ୍ରୀଡ଼ ଓ ଅନ୍ୟ ରାଜ୍ୟକୁ ବିଜୁଳି ଦିଆଯାଉଥିବାବେଳେ ଓଡ଼ିଶାବାସୀ କାହିଁକି କଷ୍ଟ ଭୋଗିବେ? ବିଦ୍ୟୁତ ସଂସ୍କାର ପାଇଁ ବିପୁଳ ଅର୍ଥ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଏଥିରେ ଗ୍ରୀଡ଼ ସଂଯୋଗ, ସରବରାହ ଲାଇନର ରକ୍ଷଣାବେକ୍ଷଣ, ନୂଆ ଟ୍ରାନ୍ସଫର୍ମର ବସାଇବା ଏବଂ ପରିବହନ କ୍ଷତିକୁ ହ୍ରାସ କରିବା ଆଦି ଯୋଜନା ରହିଛି। କିନ୍ତୁ ସମ୍ପୃକ୍ତ ବିତରକ କମ୍ପାନୀମାନେ ଉପଭୋକ୍ତାଙ୍କ ସ୍ୱାର୍ଥପ୍ରତି ଆଖିବୁଜି ଦେଇ ମନଇଚ୍ଛା ବେପାର କରୁଛନ୍ତି। ଜଣେ ଖାଉଟି ଠାରୁ ସମ୍ପୃକ୍ତ କମ୍ପାନୀ ବିଭିନ୍ନ ଶୁଳ୍କ ଆକାରରେ ଏବେ ପାଖାପାଖି ୧୦୦ ଟଙ୍କା ଏବଂ ମିଟର ବାବଦରେ ଚଢ଼ା ଭଡ଼ା ଆଦାୟ କରୁଛନ୍ତି। ଉପଭୋକ୍ତାଙ୍କ ଦାବି ସତ୍ତ୍ୱେ ସେମାନଙ୍କୁ ଅନୁମୋଦିତ ନିଜସ୍ୱ ମିଟର ବ୍ୟବହାର ପାଇଁ ସୁଯୋଗ ଦିଆଯାଉନାହିଁ। ଗୋଟିଏ ବିଜୁଳି ମିଟରର ବଜାର ମୂଲ୍ୟ ସର୍ବାଧିକ ୧୫୦୦ ଟଙ୍କା। ଅଥଚ ବିଜୁଳି ବିତରକ ସଂସ୍ଥା ନିଜସ୍ୱ ପୁରୁଣାକାଳିଆ ମିଟର ଦେଇ ବର୍ଷ ବର୍ଷ ଧରି ଗ୍ରାହକମାନଙ୍କ ଠାରୁ ମାସିକ ୪୦ ଟଙ୍କା ଲେଖାଏଁ ଭଡ଼ା ଆଦାୟ କରୁଛନ୍ତି। ଏହା ଖାଉଟିଙ୍କୁ ସିଧା ଶୋଷଣ କହିଲେ ଅତ୍ୟୁକ୍ତି ହେବନାହିଁ। ବିଜୁଳିର ଏହି ହୁଗୁଳା ଶାସନରେ ସରକାର ଓ ନିୟାମକ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ପ୍ରତିକାର ବ୍ୟବସ୍ଥା କରିବା ଏକାନ୍ତ ଜରୁରୀ। ତା'ନହେଲେ ଜନଅସନ୍ତୋଷ ତୀବ୍ର ହେବ। ଲୋକେ ଏହି ଅସୁବିଧା ପାଇଁ କମ୍ପାନୀ ଅପେକ୍ଷା ସରକାରଙ୍କୁ ଅଧିକ ଦୋଷ ଦେବେ। ସରକାର ଏଥିପ୍ରତି ସଚେତନ ରୁହନ୍ତୁ।

ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା, ମୋ: ୯୪୩୭୨୨୬୬୪୭

## ସାମ୍ବାଦିକ ପ୍ରକୋଷ୍ଠରେ ନୀଳମଣି ଜୟନ୍ତୀ

ବାଲେଶ୍ୱର, ୨୪/୦୫ (ନି.ପ୍ର): ବାଲେଶ୍ୱରର ସାମ୍ବାଦିକଙ୍କ ପକ୍ଷରୁ ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପାର୍ଶ୍ୱ ସାମ୍ବାଦିକ ପ୍ରକୋଷ୍ଠରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ସଭାପତିତ୍ୱ କରିବା ସହିତ ଭୂତପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଜୀବନାଦର୍ଶ ଓଶାସନ କ୍ଷେତ୍ରରେ ଓଡ଼ିଶା ପ୍ରତି ତାଙ୍କର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅବିଭକ୍ତ ବାଲେଶ୍ୱର ଜିଲାରୁ ମୁଖ୍ୟମନ୍ତ୍ରୀ ଭାବେ ପ୍ରତିନିଧିତ୍ୱ କରିବା ସହିତ ଜିଲାର ବିକାଶକୁ ସେ ଗୁରୁତ୍ୱ ଦେଇଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ବାଲେଶ୍ୱରର ସାମ୍ବାଦିକ ପ୍ରକୋଷ୍ଠ ପ୍ରତିଷ୍ଠା ହୋଇଥିଲା ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ବ୍ରହ୍ମାନନ୍ଦ ସ୍ୱାଇଁ, ଉବାଚକ ମହାନ୍ତି, ରମଣୀରଂଜନ ଦାସ, ବଂଶୀଧର ଦଳେଇ, ସୁଶାନ୍ତ କୁମାର ଦାସ, ମନୋଜ କୁମାର ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗ ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଉତରାୟଙ୍କୁ ମନେ ପକାଇଥିଲେ। ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସମସ୍ତେ ଦିବଂଗତ ଜନନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# କେନ୍ଦ୍ରର ଅଧ୍ୟାଦେଶ ବିରୋଧରେ ସମର୍ଥନ ଲୋଡ଼ି ଉଦ୍ଧବ ଠାକ୍‌ରେଙ୍କୁ ଭେଟିଲେ ଅରବିନ୍ଦ କେଜ୍ରିୱାଲ୍



ନୂଆଦିଲ୍ଲୀ,୨୪/୦୫ : ଦିଲ୍ଲୀରେ ପ୍ରଶାସନିକ ସେବା ଉପରେ ନିୟନ୍ତ୍ରଣ ଲାଗି କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶ ବିରୋଧରେ 'ଆପ୍'ର ସଂଗ୍ରାମ ପ୍ରତି ସମର୍ଥନ ଲୋଡ଼ିବା ଲାଗି ଆଜି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ 'ଶିବସେନା (ୟୁବିଟି)'ର ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କୁ ମୁମ୍ବାଇସ୍ଥିତ ବାସଭବନରେ ଭେଟିଛନ୍ତି। କେଜ୍ରିୱାଲ୍‌ଙ୍କ ସହିତ ଥିଲେ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, 'ଆପ୍' ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂହ, ରାଘବ ଚଢ଼ା ଓ ଦିଲ୍ଲୀ ମନ୍ତ୍ରୀ ଆତିଶୀ। ଏହାଛଡ଼ା, କେନ୍ଦ୍ର ସରକାରଙ୍କ ଉପରୋକ୍ତ ଅଧ୍ୟାଦେଶ ବିରୋଧରେ ସମର୍ଥନ ପାଇବା ଲାଗି 'ଆପ୍' ମୁଖ୍ୟ କେଜ୍ରିୱାଲ୍ 'ଏନ୍‌ସିପି' ଅଧ୍ୟକ୍ଷ ଶରଦ ପାୱାରଙ୍କୁ ମଧ୍ୟ ଭେଟିବେ। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶ ବିରୋଧରେ ସଂଗ୍ରାମ ପାଇଁ ସମର୍ଥନ ପାଇବାଲାଗି ଦେଶବ୍ୟାପୀ ସମର୍ଥନ ପାଇବା ଅଭିଯାନରେ ମଙ୍ଗଳବାର ଦିନ କେଜ୍ରିୱାଲ୍ ଏବଂ ମାନ୍ କୋଲ୍‌କାତାରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଥିଲେ। ଦିଲ୍ଲୀରେ 'ଗ୍ରୁପ୍-ଏ' ଅଫିସରମାନଙ୍କ ବଦଳି ଓ ନିଯୁକ୍ତି ଉପରେ କର୍ତ୍ତୃତ୍ୱ ହାସଲ କରିବା ଲାଗି ଶୁକ୍ରବାର ଦିନ କେନ୍ଦ୍ର ସରକାର ଅଧ୍ୟାଦେଶ ଘୋଷଣା କରିଛନ୍ତି। ଏହାକୁ 'ଆପ୍' ସୁପ୍ରିମ୍ କୋର୍ଟଙ୍କ ରାୟର ଅବମାନନା ବୋଲି କହିଛି। ଉପରୋକ୍ତ କ୍ଷମତା ନିର୍ବାଚିତ ଦିଲ୍ଲୀ ସରକାରଙ୍କ କ୍ଷମତା ପରିସରଭୁକ୍ତ ବୋଲି ଗତ ସପ୍ତାହରେ ଦେଇଥିବା ରାୟରେ ସୁପ୍ରିମ୍ କୋର୍ଟ କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ନୂଆ ସଂସଦ ଭବନରେ....

ଏହି ସ୍ୱର୍ଣ୍ଣ ରାଜଦଣ୍ଡଟିକୁ ଶୋଭାଯାତ୍ରାରେ 'କନ୍‌ଷ୍ଟିଚ୍ୟୁଏଣ୍ଟ୍ ଆସେମ୍ବ୍ଲି ହଲ୍'କୁ ନିଆଯାଇଥିଲା। ସମାରୋହରେ ସାମିଲ ହେବେ ବିଜେଡ଼ି, ଶିରୋମଣୀ ଅକାଳୀ ଦଳ ଓ ୱାଇଏସଆର କଂଗ୍ରେସ। ନୂଆ ସଂସଦ ଭବନର ଉଦଘାଟନୀ ସମାରୋହରେ ସାମିଲ ହେବ ବିଜୁ ଜନତା ଦଳ । ବିଜେଡି ସାଂସଦ ସସ୍ମିତ୍ ପାତ୍ର ଏହି ସୂଚନା ଦେଇଛନ୍ତି । ଏହା ପୂର୍ବରୁ ଶିରୋମଣୀ ଅକାଳୀ ଦଳ ଓ ଆନ୍ଧ୍ର ପ୍ରଦେଶରେ କ୍ଷମତାରେ ଥିବା ୱାଇଏସଆର କଂଗ୍ରେସ ମଧ୍ୟ ନୂତନ ସଂସଦ ଭବନ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବା ନେଇ ଘୋଷଣା କରିସାରିଛନ୍ତି । ଆଉ ଏପରି ସ୍ଥିତିରେ ଅକାଳୀ ଦଳ ଏବଂ ୱାଇଏସଆର କଂଗ୍ରେସର ସମାରୋହରେ ଯୋଗଦେବା, ବିରୋଧୀଙ୍କ ବୟକଟ୍ ମଧ୍ୟରେ କେନ୍ଦ୍ରକୁ ଆଶ୍ୱସ୍ତି ଆଣିଛି। ସମାରୋହରେ ସାମିଲ୍ ହେବାକୁ ନେଇ ଏସଏସଡି ନେତା ଦଲଜୀତ ସିଂହ ଚୀମା ଏଏନଆଇକୁ କହିଛନ୍ତି ଯେ ''ନୂଆ ସଂସଦ ଭବନ ଉଦଘାଟନ ଦେଶ ପାଇଁ ଗର୍ବର ବିଷୟ, ଏଥିପାଇଁ ଶିରୋମଣୀ ଅକାଳୀ ଦଳ ମେ ୨୮ରେ ଉଦଘାଟନ ସମାରୋହରେ ସାମିଲ୍ ହେବ। ଆମେ ବିରୋଧୀ ଦଳ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗ ସହ ସହମତ ନୁହେଁ।'' ସେହିପରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସଆର କଂଗ୍ରେସ ମଧ୍ୟ ନୂତନ ସଂସଦ ଭବନ ଉଦଘାଟନ ସମାରୋହରେ ଯୋଗଦେବ। ୱାଇଏସଆରସିପିର ସଂସଦୀୟ ଦଳର ମୁଖ୍ୟ ଭିଜୟସାଇ ରେଡ୍ଡୀ ଯୋଗଦେବେ। ଉଲ୍ଲେଖଯୋଗ୍ୟ, ୧୯ ବିରୋଧୀ ଦଳ ନୂଆ ସଂସଦ ଭବନର ଉଦଘାଟନକୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯିବାକୁ ବିରୋଧ କରିଛନ୍ତି ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍ ?ଘାଟନ କରିବା ନେଇ ଦାବି କରିଛନ୍ତି। ଏଥିପାଇଁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ, ଆପ୍, ଶିବସେନା (ଉଦ୍ଧବ ଗୋଷ୍ଠୀ), ତୃଣମୂଳ କଂଗ୍ରେସ ସହ ଅନ୍ୟ ବିରୋଧୀ ଦଳମାନେ ଏହା ଉପରେ ଏକ ମିଳିତ ବୟାନ ଜାରି କରିଛନ୍ତି। ଅବଶ୍ୟ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ଯୁକ୍ତି ରଖିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ରାଜୀବ ଗାନ୍ଧୀ ପୂର୍ବରୁ ସଂସଦ ପରିସରର ଉଦଘାଟନ କରିଥିଲେ। ସୂଚନାଥାଉକି, ନୂତନ ସଂସଦ ଭବନର ଉଦଘାଟନ ୨୮ ମେରେ କରାଯିବ। ଯେଉଁଥିରେ ଏକ ନୂଆ ସମ୍ବିଧାନ ହଲ୍, ସଂସଦ ସଦସ୍ୟଙ୍କ ପାଇଁ ପ୍ରକୋଷ୍ଠ, ପୁସ୍ତକାଳୟ, ସମିତି କକ୍ଷ, ଭୋଜନ କକ୍ଷା ଏବଂ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ରହିବ। ନୂଆ ସଂସଦରେ ଲୋକସଭା ଏବଂ ରାଜ୍ୟସଭା ଉଭୟରେ ମାର୍ଶଲଙ୍କ ନୂଆ ଡ୍ରେସ କୋଡ ହେବ।

### ପ୍ରବଳ ତାତିରେ...

ସୋନପୁରରେ ୪୨.୫, ରାଉରକେଲାରେ ୪୨.୪, ଢେଙ୍କାନାଳରେ ୪୨.୩, ବଲାଙ୍ଗୀରରେ ୪୧.୭, କଟକ ଏବଂ ଚାନ୍ଦବାଲିରେ ୪୧.୬, ବରଗଡ଼ରେ ୪୧.୫, ସୁନ୍ଦଗରଗଡ଼ରେ ୪୧.୪, ଟିଟିଲାଗଡ଼ରେ ୪୧.୨, ବୌଦ୍ଧ, କେନ୍ଦ୍ରାପଡ଼ାରେ ୪୧, ହୀରାକୁଦରେ ୪୦.୯, ବାରିପଦା ଏବଂ ଭବାନୀପାଟଣାରେ ୪୦.୬, ଖୋର୍ଦ୍ଧା ଏବଂ ଯାଜପୁରରେ ୪୦.୫, ଜଗତସିଂହପୁର ଏବଂ ନୟାଗଡ଼ରେ ୪୦.୨ ଏବଂ କେନ୍ଦୁଝରରେ ୪୦.୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

### ବଦଳିଲା ମାଟ୍ରିକ୍ ....

ବୋର୍ଡ ପ୍ରଶ୍ନପତ୍ର ସବୁ ଡିଇଓଙ୍କୁ ପଠାଇବ। ତା'ପରେ ସେଠାରୁ ସ୍କୁଲକୁ ପ୍ରଶ୍ନପତ୍ର ଯିବ। ସ୍କୁଲ ପରୀକ୍ଷା ପରିଚାଳନା କରିବ ଓ ଖାତା ମୂଲ୍ୟାୟନ କରି ପରୀକ୍ଷାଫଳ ପ୍ରକାଶ କରିବ। ସୂଚନାଯୋଗ୍ୟ, ମହାମାରୀ କରୋନା ପାଇଁ ଗତ ଦୁଇ ବର୍ଷ ହେଲା ଦୁଇଟି ଲେଖାଏଁ ସମ୍ମେଟିଭ୍ ପରୀକ୍ଷା କରିଥିଲା। ଏବେ କିନ୍ତୁ କୋଭିଡ୍ ଭୟ ଟଳିଛି। ପିଲାମାନେ ସ୍କୁଲ ଆସୁଛନ୍ତି। ଶ୍ରେଣୀ ଗୃହରେ ପିଲାମାନେ ବସି ପାଠ ପଢୁଛନ୍ତି।ତେଣୁ ପୂର୍ବଭଳି ମାଟ୍ରିକ୍ ପରୀକ୍ଷା କରିବାକୁ ବୋର୍ଡ ନିଷ୍ପତି ନେଇଛି। ଆସନ୍ତା ଜୁଲାଇ ୩ ତାରିଖରୁ ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଆରମ୍ଭ ହେବ। ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ସପ୍ଲିମେଂଟାରୀ ପରୀକ୍ଷା ଚାଲିବ। ଏଥିପାଇଁ ମେ' ୨୬ରୁ ଜୁନ୍ ୧ ତାରିଖ ମଧ୍ୟରେ ଫର୍ମ ଫିଲ୍ ଅପ୍ କରାଯିବ। ବୋର୍ଡ ସଭାପତି ରାମାଶିଷ ହାଜରା ବୁଧବାର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

### ଆଇଏଏସ କୋଚିଂ ....

ତେଣୁ ଏବେ ପ୍ରଶ୍ନ ଉଠିଲାଣି, ରାଜ୍ୟ ଭିତରେ ଦିଆଯାଉଥିବା କୋଚିଂ ଫଳପ୍ରଦ ହେଉନି ନା ଆଶାୟୀଙ୍କ ଭରସା ପାଉନି? କାହିଁକି ବାହାର ମୁହାଁ ହେଉଛନ୍ତି ସିଭିଲ ସର୍ଭିସ ଆଶାୟୀ? ଭିତ୍ତିଭୂମିର ଅଭାବ ନା ଗୁଣାତ୍ମକ ଶିକ୍ଷାର ଅଭାବ? ଏହା ବାଦ ଓଡ଼ିଶା ସରକାର ଦେଉଥିବା ସିଭିଲ ସର୍ଭିସ କୋଚିଂ ଖାଲି ଭେଳିକି କି? ଘରୋଇ କଥା ଛାଡନ୍ତୁ ଖୋଦ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କୋଚିଂ କରୁଥିବା ବେଳେ କିନ୍ତୁ ଜଣେ ବି କ୍ଲିୟର କରିପାରି ନାହାନ୍ତି। ତେଣୁ ଖାଲି ଭିତ୍ତିଭୂମି ନୁହଁ, କ୍ୱାଲିଟି ଟିଚିଂ ଓ ଉତ୍ତମ ବାତାବରଣ ଉପରେ ଧ୍ୟାନ ଦେବାକୁ କହିଛନ୍ତି ଆଶାୟୀ ଛାତ୍ରଛାତ୍ରୀ।

### 'ଫୌଜଦାରୀ ମାମଲା .....

ପଦୋନ୍ନତି ସମୟର ସମସ୍ତ ପ୍ରାପ୍ୟକୁ ହିସାବକୁ ନେଇ ତାଙ୍କ ପେନସନ୍ ଧାର୍ଯ୍ୟ କରାଯିବ ବୋଲି ଡିଭିଜନ୍ ବେଞ୍ଚ ରାୟରେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ହାଇକୋର୍ଟର ଜଣିକିଆ ବିଚାରପତି ଏ ସଂପର୍କିତ ମାମଲାର ଶୁଣାଣି କରି ଫୌଜଦାରୀ ମାମଲା ବିଚାରାଧୀନ ଥିଲେ, ତାହା ସରକାରୀ କର୍ମଚାରୀଙ୍କ ପଦୋନ୍ନତିରେ ବାଧକ ହେବ ନାହିଁ ବୋଲି ରାୟ ଦେଇଥିଲେ। ଆଉ ଏପରି କେତେକ କର୍ମଚାରୀଙ୍କୁ ଆଡ୍‌ହକ୍ ପଦୋନ୍ନତି ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ।

### ଟୋଲ ଆଦାୟକୁ....

ଅଭିଯୋଗ କରିଛନ୍ତି। ପଇସା ନ ଦେଲେ ବସ୍ ଛଡ଼ାଯିବ ନାହିଁ ଟୋଲ ଗେଟ୍ କର୍ମଚାରୀ ବସ୍ ଡ୍ରାଇଭରକୁ କହିଥିଲେ। ପରେ ଏହି କଥାକୁ ନେଇ ଟୋଲ ଗେଟ୍ କର୍ମଚାରୀ ଓ ବସ୍ ଡ୍ରାଇଭର ମଧ୍ୟରେ ବଚସା ହୋଇଥିଲା। ଏହି ବଚସା ଉଗ୍ରରୁପ ନେଇଥିଲା। ଟୋଲ ଗେଟ୍ କର୍ମଚାରୀ ଓ ବସ୍ ଡ୍ରାଇଭରଙ୍କ ଝଗଡ଼ା ଦେଖି ଟୁରିଷ୍ଟମାନେ ମଧ୍ୟ ବସ୍‌ରୁ ଓହ୍ଲାଇ ଆସିଥିଲେ। ସେମାନଙ୍କର ମଧ୍ୟ ଟୋଲ ଗେଟ୍ କର୍ମଚାରୀ ସହିତ ଝଗଡ଼ା ହୋଇଥିଲା। ପରେ ଟୁରିଷ୍ଟ, ଡ୍ରାଇଭର ଓ କର୍ମଚାରୀଙ୍କ ମଧ୍ୟରେ ଠେଙ୍ଗାବାଡ଼ି ମାଡପିଟ୍ ହୋଇଥିଲା। ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା। ପୁଲିସ ଏହି ଘଟଣାରେ ୪ଜଣ ଟୋଲ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ସଂଘର୍ଷରେ ୨ଟି ବସ୍‌ର ସମ୍ମୁଖ ଅଂଶ ଓ କାଚ ଭାଙ୍ଗି ଯାଇଥିଲା। ଗତକାଲି ରାତିରୁ ଛତିଶଗଡର ଟୁରିଷ୍ଟମାନଙ୍କୁ ଆଠଗଡ଼ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଦିଆଯିବା ସହ ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ରହିବାର ସମସ୍ତ ବନ୍ଦୋବସ୍ତ କରାଯାଇଛି। ଆଠଗଡ଼ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ କହିଛନ୍ତି, ଏହା ଏକ ଦୁଃଖଦ ଘଟଣା। ଏହାକୁ ଆମେ ନିନ୍ଦା କରୁଛି। ଘଟଣା ତଦନ୍ତ କରାଯାଉଛି। ଏହି ଘଟଣାରେ ଯେଉଁମାନେ ଦୋଷୀ ସ୍ୟାବସ୍ତ ହେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟୁରିଷ୍ଟମାନଙ୍କର ରହିବାର ବନ୍ଦୋବସ୍ତ କରାଯାଇଛି। ସେମାନଙ୍କୁ ଅଲଗା ବସ୍‌ରେ ପଠାଇବାକୁ ବ୍ୟବସ୍ଥା କରାଯାଉଛି।

### ବିଶ୍ୱନାଥ ଏକାଡେମୀର....

ଆସନ୍ତା ଦିନରେ ୧୦୦ ବର୍ଷ ପୂର୍ତ୍ତୀ ପାଳନ କରି ଅନୁଷ୍ଠାନର ଛାତ୍ରଛାତ୍ରୀ ଗର୍ବ ଅନୁଭବ କରିବା ସହିତ ଶିକ୍ଷାନୁଷ୍ଠାନର ଅଧିକ ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ପୂର୍ବତନ କୃତି ଛାତ୍ର ଗୋବିନ୍ଦ ସେନାପତି, ମନୋଜ ଦାସ ଓ ଅନ୍ୟ କେତେକଙ୍କୁ ସ୍ମରଣ କରିବା ସହିତ ସ୍ୱର୍ଗତ ଗୌରଗୋପାଳ ଦାସଙ୍କୁ ମଧ୍ୟ ସ୍ମୃତିଚାରଣ କରିଥିଲେ । ଏକ ପଲ୍ଲି ଗାଁରେ ସ୍ୱାସ୍ଥ୍ୟ ଓ ଶିକ୍ଷାରେ ପରିବର୍ତ୍ତନ ଆଣି ସ୍ୱର୍ଗତ ବିଶ୍ୱନାଥ ପରିଡା ଅମର ହୋଇଛନ୍ତି । ୫ଟି ଯୋଜନାରେ ବିଦ୍ୟାଳୟର ବିକାଶ ହୋଇଥିବା ବେଳେ ତାଙ୍କ ହାତ ପାଣ୍ଠିରୁ ୧୯ଲକ୍ଷ ଟଙ୍କା ମଂଜୁର କରିଥିବା କହିଥିଲେ । ସମ୍ମାନୀତ ଅତିଥିଭାବେ ସାଂସଦ ପ୍ରତାପ ଷଡଙ୍ଗୀ କହିଲେ ଯେ ମଣିଷ ମଧ୍ୟରେ ଥିବା ପୂର୍ଣ୍ଣତା ହିଁ ଶିକ୍ଷା । ଜ୍ଞାନ, ଜିଜ୍ଞାସା ଇତ୍ୟାଦି ମୌଳିକ ଗୁଣର ପରିପ୍ରକାଶ ଦ୍ୱାରା ଚାରିତ୍ରୀକ, ରାଷ୍ଟ୍ରନିର୍ମାଣ, ସୁ-ଶିକ୍ଷା ଇତ୍ୟାଦି ବୌଧିକ କାର୍ଯ୍ୟ ହୋଇପାରିଥିବା କହିଥିଲେ । ଧୌର୍ଯ୍ୟସହ କାର୍ଯ୍ୟକଲେ ସଫଳତା ମିଳିଥାଏ ବୋଲି କହି ଅନୁଷ୍ଠାନର ବିକାଶ ଲାଗି ତାଙ୍କ ହାତପାଣ୍ଠିରୁ ୫ଲକ୍ଷ ଟଙ୍କା ଦେବା ପ୍ରତିଶୃତି ଦେଇଥିଲେ । ଜୁବୁଲି କମିଟି ସଂପାଦକ ଆଇନ୍‌ଜିବୀ କୁଂଜ ବିହାରୀ ଦାସ କହିଲେ ଯେ ୧୯୨୮ ମସିହାରେ ପ୍ରାଥମିକ ଚିକିତ୍ସା ଲାଗି ସ୍ୱାସ୍ଥ୍ୟକେନ୍ଦ୍ର, ୧୯୩୮ରେ ବିଶ୍ୱନାଥ ଏକାଡେମୀ ଓ ପରେ ପଶୁ ଚିକିତ୍ସାଳୟ, ରାଜସ୍ୱ କାର୍ଯ୍ୟାଳୟ କରି ବିଶ୍ୱନାଥ ପରିଡାଙ୍କ ମହନିୟତା ସମସ୍ତଙ୍କର ଉଦାହରଣ ହେବାକୁ ପରାମର୍ଶ ଦେଇଥିଲେ । ଜଳେଶ୍ୱର, ଭୋଗରାଇ, ବାଲିଆପାଳର ମଧ୍ୟବର୍ତ୍ତି ସ୍ଥାନ ଜମାଳପୁର ହୋଇଥିବାରୁ ସେଠାରେ +୨ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ସେ ନିବେଦନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଦାସ ସାମ୍ପ୍ରତିକ ବିଦ୍ୟାଳୟର ସ୍ଥିତି ସଂପର୍କରେ କହିଥିଲେ । ପୁରାତନ ଛାତ୍ର ସଂଘର ସଦସ୍ୟ ନବୀନ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ବାଲେଶ୍ୱରଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ, ପୁଲିସ୍ ଅଧିକ୍ଷକ ସାଗରିକା ନାଥ ଓ ବହୁ ଅଧିକାରୀ ସଭାରେ ଉପସ୍ଥିତ ଥିଲେ । ଜୁବୁଲି କମିଟିର ସଦସ୍ୟ, ଉପଦେଷ୍ଟା, ଗ୍ରାମବାସୀ, ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ସତ୍ୟେଶ୍ୱର ମହାଦେବ ମନ୍ଦିରରେ ଶିବ-ପାର୍ବତୀ ବିବାହ



ବାଲେଶ୍ୱର, ୨୪/୦୫ (ନି.ପ୍ର): ଶୀତଳ ଷଷ୍ଠି ଅବସରରେ ସହର ଉପକଣ୍ଠ ସତ୍ୟନଗର ସ୍ଥିତ ପଞ୍ଚମୁଖୀ ସତ୍ୟେଶ୍ୱର ଶିବ ମନ୍ଦିର ପରିସରରେ ଶିବ-ପାର୍ବତୀ ବିବାହ ବୁଧୁବାର ସମ୍ପନ୍ନ ହୋଇଯାଇଛି। ପ୍ରଭାତ କୁମାର ଦାସ ବର କର୍ତ୍ତା ଏବଂ ମାନସୀ ଦେ କନ୍ୟା କର୍ତ୍ତା ଭାବେ ଏହି ଶୁଭ ବିବାହରେ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଉପ-ସଭାପତି ରାଜକିଶୋର ବେହେରା, ନରହରି ମହାନ୍ତି ନାରାୟଣ ସାହୁ, ପ୍ରଦୀପ କୁମାର ମହାନ୍ତି, ସମ୍ପାଦକ ପ୍ରଭାତ କୁମାର ଦାସ ସହ ସମ୍ପାଦକ ପ୍ରଦୀ କୁମାର ଧାନ, ଜୟଦେବ ପ୍ରଧା. ହରିହର ରାଉତସାହୁ, କୋଷଧକ୍ଷ ଭଗବାନ ସାହୁ, ସହ କୋଷାଧକ୍ଷ ସୁଶାନ୍ତ ଜେନାଙ୍କ ସମେତ କାର୍ଯ୍ୟକର୍ତ୍ତା ଅଭିମନ୍ୟୁ ବଳ ଓ ଅନ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ପୂଜକ କହ୍ନେଇ ଚରଣ ଅଗସ୍ତି ଏବଂ ଦେବେନ୍ଦ୍ର ନାଥ ଅଗସ୍ତି ବିବାହ କର୍ମକାଣ୍ଡ ସମ୍ପାଦନ କରିଥିଲେ। ଏହି ଅବସରରେ ଆୟୋଜିତ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗତ ୪ବର୍ଷ ଧରି ଏଠାରେ ଶିବ-ପାର୍ବତୀ ବିବାହ ବୈଦିକ ରୀତିନୀତିରେ ଆୟୋଜିତ ହୋଇଆସୁଛି ବୋଲି ଉତ୍ସବ କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଗୁରୁବାର ଦିନ ଡେରାଡୁନ-ଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସକୁ ସବୁଜ ପତାକା ଦେଖାଇବେ

ନୂଆଦିଲ୍ଲୀ,୨୪/୦୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର (୨୫ ମଇ) ଦିନ ସକାଳ ୧୧ ଟା ସମୟରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଡେରାଡୁନରୁ ଦିଲ୍ଲୀ (ଆନନ୍ଦ ବିହାର ଟର୍ମିନାଲ) ପାଇଁ ବନ୍ଦେ ଭାରତ ଏକ୍ସପ୍ରେସକୁ ସବୁଜ ପତାକା ଦେଖାଇବେ । ରେଳ ମନ୍ତ୍ରଣାଳୟ ଅନୁସାରେ ରେଳଗାଡ଼ି ସଂଖ୍ୟା ୨୨୪୫୮/୨୨୪୫୭ ଡେରାଡୁନ-ଆନନ୍ଦବିହାର ଟର୍ମିନାଲ-ଡେରାଡୁନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ନିୟମିତ ସେବା ୨୯ ମଇରୁ ଦୁଇଦିଗରୁ ଆରମ୍ଭ ହେବ ।

## ଜିଲ୍ଲା ମିଶନ ଶକ୍ତି ପକ୍ଷରୁ ଅଭିଜ୍ଞତା କର୍ମଶାଳା




ବାରିପଦା , ୨୪/୦୫ (ନି.ପ୍ର): ଆଜି ସ୍ଥାନୀୟ ମୁର୍ଗାବାଡି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ମିଶନ ଶକ୍ତି ବିଭାଗ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀରୁ ଉଦ୍ୟୋଗୀ ବିଷୟ ବସ୍ତୁ ଉପରେ ଅଭିଜ୍ଞତା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଉଦଘାଟନ କରିଥିବା ବେଳେ ଏହି ଅବସରରେ ଅନୁଭୂତି ଆହୋରଣ ପାଇଁ ଦୁବାଇ ଗସ୍ତରେ ଯାଇ ପ୍ରତ୍ୟାବର୍ତନ କରିଥିବା ମିଶନ ଶକ୍ତି ମହାସଙ୍ଘର ସଭାପତି ବିଷ୍ଣୁପ୍ରିୟା ଦାସ ଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏଭଳି କାର୍ଯ୍ୟକ୍ରମ ଗୋଷ୍ଠୀ ଗୁଡିକର ଉନ୍ନତି ରେ ବେଶ ସହାୟକ ହେବ ବୋଲି କହିଥିଲେ। ବିଷ୍ଣୁ ପ୍ରିୟା ଦାସ ଦୁବାଇ ଗସ୍ତର ଅନୁଭୂତି ବର୍ଣ୍ଣନା କରିଥିଲେ। ଅନୁଷ୍ଠିତ ବୈଠକରେ ଜିଲ୍ଲା ମିଶନ ଶକ୍ତି ମହାସଂଘର ସମ୍ପାଦିକା ସୁଦୀପ୍ତା ବାରିକ, ଏଲଡିଏମ ଶିବ ପ୍ରସାଦ ଚୌଧୁରୀପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ର ୨୬ ଟି ବ୍ଲକର ମିଶନ ଶକ୍ତି ସଦସ୍ୟା ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନପୂର୍ଣ୍ଣା ସିଙ୍କୁ ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ଡି.ପି.ସି. ଭାରତୀ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ମାମଲାରେ ୩ ଗିରଫ

ଜୟପୁର, ୨୪/୦୫ (ନି.ପ୍ର): ଚୋରି ମାମଲାରେ ୩ଜଣ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ଗୋପବନ୍ଧୁ ନଗରର ଅନିଲ ବାଘ (୨୮) ଭୁପତି ସାହିର ପି.ଭି. ସନ୍ତୋଷ ରାଜୁ ଓ ମିଲ ସାହିର ରାଜା ଚୈଧୁରୀ (୪୨) । ପୋଲିସ ସୁଚନା ଅନୁଯାଇ ଜୟପୁର ମୁଖ୍ୟ ରାସ୍ତାରେ ଥିବା ଟେଲିଫୋନ ଭବନରୁ ବ୍ୟାଟେରି, କେବୁଲ ଆଦି ଚୋରି ହୋଇଥିଲା । ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କିର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଗୋପବନ୍ଧୁ ନଗରର ଅନିଲ ବାଘ (୨୮) ଭୁପତି ସାହିର ପି.ଭି. ସନ୍ତୋଷ ରାଜୁ କୁ ଗିରଫ କରିଥିଲା । ୨ ଅଭିଯୁକ୍ତ ଚୋରି କରି ମିଲ ସାହିର ରାଜା ଚୈଧୁରୀ (୪୨) କୁ ବିକ୍ରୟ କରିଥିଲେ । ଏନେଇ ପୋଲିସ ରାଜା କୁ ରାଜା କୁ ମଧ୍ୟ ଗିରଫ କରିଥିଲା । ୩ ଅଭିଯୁକ୍ତଙ୍କୁ ଗିରଫ କରି ଚୋରି ସାମଗ୍ରୀକୁ ଜବତ କରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ତରଫରୁ ସୁଚନା ଦିଆଯାଇଛି ।


## ଦକ୍ଷିଣପୂର୍ବ ରେଳପଥ- ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ତରଫରୁ SR DEE / TRD, ଦକ୍ଷିଣ ପୂର୍ବ ରେଳବାଇ, ଖଡାଗପୁର-୭୨୧୩୦୧ ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରେ । ପୁନର୍ବାର ଆଇଟମ୍ ଗୁଡିକ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ ।

**୧. ଟେଣ୍ଡର ନୋଟିସ ନଂ: TRD-KGP-W-2023-24-01, ତାରିଖ: ୨୪.୦୫.୨୦୨୩** । **କାର୍ଯ୍ୟର ବର୍ଣ୍ଣନା:** ଖରାଗପୁର ଡିଭିଜନ୍ ଅଧୀନରେ ଥିବା ପ୍ରମୁଖ ୟାର୍ଡ ଏବଂ ସାଇଡିଂରେ ସର୍କିଟ ବ୍ରେକରର ବ୍ୟବସ୍ଥା । **ଟେଣ୍ଡର ମୂଲ୍ୟ:** Rs, ଟଙ୍କା ୨, ୧୫,୨୯,୧୯୩ EMD: Rs ୨,୫୭,୭୦୦ **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍। **ଖୋଲିବାର ତାରିଖ:** ୨୭.୦୬.୨୦୨୩ । **ସମାପ୍ତି ସମୟ:** ୧୨ (ବାର) ମାସ । **ଦାଖଲ ତାରିଖ:** ତା.୨୭.୦୬.୨୦୨୩ରିଖରେ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ।

**୨. ଟେଣ୍ଡର ନୋଟିସ୍ ନଂ: TRD-KGP-w-2023-24-02, ତାରିଖ: ୨୪.୦୫.୨୦୨୩** । **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା:** କେଜିପି ଡିଭିଜନ୍ (Phase- II) ଅଧୀନରେ ରଷ୍ଟେଡ କ୍ୟାଣ୍ଟିଲାଇଭର ଆସେମ୍ବ୍ଲିର ସ୍ଥାନାନ୍ତର । **ଟେଣ୍ଡର ମୂଲ୍ୟ:** ଟ. ୫,୨୪,୨୭,୧୪୯ EMD: Rs ୪,୧୨,୧୦୦ **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍। **ଖୋଲିବାର ତାରିଖ:** ୨୭.୦୬.୨୦୨୩ । **ସମାପ୍ତି ଅବଧି:** ୧୨ (ବାର) ମାସ । **ଦାଖଲ ତାରିଖ:** ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୭.୦୬.୨୦୨୩ ର ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ନୋଟ୍ :** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

**PR-197**



## AFFIDAVIT

I Appekhita Curtis w/o Gajendra Curtis of vill. Gahirabandha, po. Hatigarh, ps.Raibania Dist. Balasore declare that in my educational certificates and voter identity card my name is written Appekhita Das. But after my marriage I am known as Appekhita Curtis.By virtue of affidavit I do hereby declare that Appekhita Curtis and Appekhita Das of above noted address is one and same person.

**Appekhita Curtis**

# ପାଲପଡାରେ ବିଶାଳ ରକ୍ତଦାନ ଶିବିର,୬୦ୟୁନିଟ୍ ସଂଗୃହୀତ

ଲଙ୍ଗଳେଶ୍ୱର, ୨୪/୦୫ (ନି.ପ୍ର): ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଆଖି ଆଗରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆଜି ବାଲିଆପାଳ ବ୍ଲକ୍ ନିଖିରା ପଞ୍ଚାୟତ ଅଧିନସ୍ଥ ପାଲପଡ଼ା ଗ୍ରାମରେ ପାଲପଡ଼ା ଚନ୍ଦନ କମିଟି ଆନୁକୂଲ୍ୟରେ ଓଡିଶା-ମୋ ପରିବାର ଓ ଜୀବନବିନ୍ଦୁ ପକ୍ଷରୁ ବିଶାଳ ରକ୍ତଦାନ ଶିବିର ପାଲପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ଭୂମିକନ୍ୟା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ଫିତାକାଟି ଶିବିରକୁ ଉଦଘାଟନ କରି ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଅଦୈତ୍ୟ ଦାସ ଅଧିକାରୀ,ନିଖିରା ପଞ୍ଚାୟତ ସରପଞ୍ଚ ଅଞ୍ଜନ କୁମାର ଗିରି,ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର,ବ୍ଲକ ଛାତ୍ର ବିଜେଡି ସଭାପତି ସୁଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ବାଲେଶ୍ୱର ରକ୍ତ ଭଣ୍ଡାରରର ଡା. ତାରାକାନ୍ତ ନନ୍ଦ,ଜଗନ୍ନାଥ ପଣ୍ଡା, ବିନୋଦ ଦାସ,ସ୍ୱାତୀ ରାଜ ପ୍ରମୁଖ ରକ୍ତସଂଗ୍ରହରେ ସହଯୋଗ କରିଥିଲେ । ଶିବିରରୁ ମୋଟ ୬୦ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ପାଲପଡା ଚନ୍ଦନ କମିଟିର ସଦସ୍ୟ ଗୌରାଙ୍ଗ ଦାସ,ନିର୍ମଳ ଦାସ,ଗୌତମ ଦାସ,ଚନ୍ଦ୍ରକାନ୍ତ ଦାସ,ଗିରିଜା ଦାସ,ପୂର୍ଣ୍ଣଚନ୍ଦ୍ର ଦାସ ଅଧିକାରୀ, ଭଗବାନ ଦାସ ଅଧିକାରୀ,ସୁବ୍ରତ ଦାସ,ମମତା ଦାସ ଅଧିକାରୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



# ଅଂଶୁଘାତରେ ଯୁବଚାଷୀଙ୍କ ମୃତ୍ୟୁ

ବସ୍ତା, ୨୪/୦୫ (ନି.ପ୍ର): ସିଂଲା ଥାନା ଆମ୍ବ କୁଡୁଚି ଗ୍ରାମରେ ଅଘଟଣ। ଟାଣ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ପାଇଁ ଅଂଶୁଘାତ ହୋଇ ଯୁବଚାଷୀ ଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ମୁତାବକ ଆମ୍ବକୁଡୁଚି ଗ୍ରାମର ବଳରାମ ବେହେରା ନାମକ ୩୫ ବର୍ଷୀୟ ଯୁବକ ନିଜ ଚାଷ ଜମିରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରି ଚେତା ଶୂନ୍ୟ ହୋଇ ପଡ଼ିଥିଲେ। ତେବେ ପରିବାର ଲୋକ ବସ୍ତା ମେଡିକାଲ କୁ ନେଇଥିଲେ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିଂଲା ପୁଲିସ ପହଁଚି ଶବ ଜବତ କରି ଶବବ୍ୟବଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିବା ଜଣା ପଡ଼ିଛି। ତେବେ ବଳରାମ ଙ୍କ ଚାରି ବର୍ଷ ତଳେ ବିବାହ ହୋଇଥିଲା, ତାଙ୍କର ଜଣେ ତିନିବର୍ଷର ଶିଶୁ କନ୍ୟା ରହିଛି। ବଳରାମ ଙ୍କ ରୋଜଗାର ରେ ତାଙ୍କ ପରିବାର ପ୍ରତିପୋଷଣ ହେଉଥିଲା। ତୁରନ୍ତ ତାଙ୍କ ପରିବାର ବର୍ଗ କୁ ସମସ୍ତ ପ୍ରକାର ସରକାରୀ ଓ ବେସରକାରୀ ସ୍ତରରେ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ଭଦ୍ରକ ଜିଲ୍ଲା କାରିଗର ସମାବେଶ: ଯୋଗଦେଲେ ହଜାର ହଜାର ମହିଳା କାରିଗର

## ଦାବି ପୂରଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବ ଓଡିଶା ଶିଳ୍ପୀ ମହାସଂଘ

ଭଦ୍ରକ , ୨୪/୦୫ (ନି.ପ୍ର): ଭଦ୍ରକର ଶହୀଦସ୍ମୃତୀ ଭବନଠାରେ ଭଦ୍ରକ ଜିଲ୍ଲା କାରିଗର ସମାବେଶ ଅନୁଷ୍ଠିତ ହୋଇଯାଇଛି । ହଜାର ହଜାର ସଂଖ୍ୟକ କାରିଗର ଯୋଗଦେଇଛନ୍ତି ଏହି ସମାବେଶରେ । ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ରାଜ୍ୟ ସରକାର ମାସିକ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ବୋଲି ଓଡିଶା ଶିଳ୍ପୀ ମହାସଂଘ ଦାବି କରିଛି । ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ରକ୍ଷା କରିବାକୁ ଶିଳ୍ପୀ ମହାସଂଘ ପକ୍ଷରୁ ନିବେଦନ କରାଯାଇଛି । କଳାକାରଙ୍କୁ ମାସିକ ଆର୍ଥିକ ସହୟତା ମିଳୁଥିବାବେଳେ ସରକାରଙ୍କ ଘୋଷଣା ସତ୍ତ୍ୱେ ହସ୍ତଶିଳ୍ପୀ ଓ ବୁଣାକାର ନେତୃବୃନ୍ଦ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ମାସିକ ୧୨୦୦ ଟଙ୍କା ଆର୍ଥିକ ସହାୟତା ସହ ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହ ୨ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ଭୂମିହୀନ କାରିଗରଙ୍କୁ




ଘରଡିହ,ପିଲାଙ୍କୁ ଛାତ୍ରବୃତ୍ତି ଓ ବିନା ସୁଧରେ ଋଣ,ଜୀବନ ବୀମା, ଭୁବନେଶ୍ୱରରେ ସାମୟିକ ରହଣୀ ପାଇଁ କାରିଗର ହଷ୍ଟେଲ , ରାସ୍ତା କଡରେ ଥିବା କଡରେ ଥିବା ଶିଳ୍ପୀ ଓ ବୟନ ଗ୍ରାମ ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା ଓ ଜାତୀୟ ରାଜପଥ କଡରେ କାରିଗର ହାଟ ଆଦିର ବ୍ୟବସ୍ଥା କରିବାକୁ ସମାବେଶରେ ଦାବି ଉତଥାପନ କରାଯାଇଥିଲା । ଏଥିସହ ଗୋପାଳପୁର ବୁଣାକାରଙ୍କୁ ଟସର ଯୋଗାଇବାକୁ ନେଇ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ବିଫଳତାକୁ ନେଇ ମହାସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା । ବୁଣାକାରଙ୍କୁ ରିହାତି ଦରରେ ଟସର, ସୂତା ଓ ରଙ୍ଗ ଏବଂ ରାଜ୍ୟର ପଥର କାରିଗରଙ୍କୁ ଅଳ୍ପ ମୂଲ୍ୟରେ କାରିଗରି ଉପଯୁକ୍ତ ପଥର ଯୋଗାଇବାଦେବାକୁ ମହାସଂଘ ପକ୍ଷୁ ଦାବି କରାଯାଇଥିଲା । ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସଂପାଦକ ପ୍ରିୟରଂଜନ କର ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ ଯୋଗଦେଇ ଉତ୍ସବଟିକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ । କାରିଗରଙ୍କ ଦାବି ପ୍ରତି ରାଜ୍ୟ ସରକାର ସମ୍ବେଦନଶୀଳ ଅଛନ୍ତି । ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପର ଉଚ୍ଚ ପ୍ରଶଂସା କରିଥିଲେ । ଏ ସଂକ୍ରାନ୍ତରେ ସରକାର ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ବିଧାୟକ ଶ୍ରୀ ମଲ୍ଲିକ କହିଥିଲେ । ମୁଖ୍ୟବକ୍ତା ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ,ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲା ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ ଅରୁଣ କୁମାର ମଣ୍ଡଳ , ଓରମାସ୍ ଡିସିଇଓ ଜିତେନ୍ଦ୍ର କୁମାର ବିଶ୍ୱାଳ, ସ୍ଥପତି ଡ, ଜ୍ଞାନେଶ ମିଶ୍ର, ସଂଘର ଉପଦେଷ୍ଟା ଖବରଦାତା ରବିନାରାୟଣ ଖିଲାର,ଜିଲ୍ଲା ସଭାପତି ଆନନ୍ଦ ନାୟକ ବାଲେଶ୍ୱର ଜିଲ୍ଲା ସଭାନେତ୍ରୀ ବାସନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ । ଏହି ସମାବେଶ ରେ ପ୍ରାୟ ୧କ ହଜାର ରୁ ଉର୍ଦ୍ଧ କାରିଗର ଯୋଗଦେଇଥିଲେ । ଜିଲ୍ଲାର ସମସ୍ତ ହସ୍ତଶିଳ୍ପୀଙ୍କୁ ଶିଳ୍ପୀ ମହାସଂଘ ଉଦ୍ୟମ କ୍ରମେ କାରିଗର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ବହୁ ସଂଖ୍ୟକ କାରିଗର ଯୋଗଦେଇଥିବାରୁ ଉପଦେଷ୍ଟା ଶ୍ରୀ ଖିଲାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଦିବଂଗତ ହସ୍ତଶିଳ୍ପୀ ଓ ବୁଣାକରଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

# କାଳବୈଶାଖୀ ପ୍ରଭାବ: ଭାଙ୍ଗିଲା ଘର, ଉପୁଡିଲା ଗଛ



ଖଇରା, ୨୪/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ବୁଧବାର କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ନେଇ ଅଭିଯୋଗ ହୋଇଛି । ଝଡତୋପାନ ପ୍ରଭାବରେ ସାରକୋଣା ପଞ୍ଚାୟତ ଅନ୍ଧାରୀ, ଝିଙ୍କିରିଆ,ଖଡିପଦା, ଭଦଳି ଗ୍ରାମର ଅନେକ ପରିବାର ଛପର ଉଡାଇନେବା ସହ ଘରଦ୍ୱାର ଭାଙ୍ଗି ଦେଇଛି। କ୍ଷତିଗ୍ରସ୍ଥ ପରିବାର ମଧ୍ୟରେ ଜିତେନ୍ଦ୍ର ପାତ୍ର,ବସନ୍ତ ପାତ୍ର,ସନାତନ ପାତ୍ର,ହରେକୃଷ୍ଣ ପାତ୍ର,ବାବୁଲି ପାତ୍ର,ରମାକାନ୍ତ ପାତ୍ର,ଶ୍ୟାମସୁନ୍ଦର ବାରିକ ଙ୍କ ସମେତ ପାଖାପାଖି ୧୩ଜଣଙ୍କ ଘର ନଷ୍ଟ ହୋଇଥିବାର ଜଣାଯାଇଛି। ସରପଞ୍ଚ ସୁଶାନ୍ତ କୁମାର ନାୟକ ପ୍ରଭାବିତ ପରିବାରଙ୍କୁ ଭେଟିବା ପରେ ସାହାଯ୍ୟ ପ୍ରଦାନ ପାଇଁ ତହସିଲଦାରଙ୍କ ନିକଟରେ ଦାବୀ କରିଛନ୍ତି। ସେହିଭଳି ସୋର-କୁପାରୀ ରାସ୍ତାର ଅର୍ଜୁନପୁର ଛକ ନିକଟରେ ରାସ୍ତା ଉପରେ ଅଶ୍ୱସ୍ଥ ଗଛ ଓଲଟି ପଡିବା କାରଣରୁ ଯାତାୟାତ ୧ଘଣ୍ଟା ପାଇଁ ବାଧାପ୍ରାପ୍ତ ହୋଇଛି । ବିଭିନ୍ନ ଗ୍ରାମରେ ବିଦ୍ୟୁତ ତାର ଛିଡିବା ଏବଂ ଖୁଣ୍ଟ ଭାଙ୍ଗି ପଡିବା କାରଣରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଛି ।

# ଏସବିଆଇ ତରଫରୁ ମୃତ ମହିଳାଙ୍କ ପରିବାରକୁ ୨ଲକ୍ଷ ଟଙ୍କା ବୀମାରାଶିର ଚେକ ପ୍ରଦାନ



ବସ୍ତା, ୨୪/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଏସ ବି ଆଇ କାଣ୍ଡଗାଁହାଟ ଶାଖା ପରିସରରେ ମ୍ୟାନେଜର ଏସ କେ ସମିଉଲ୍ଲା ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ମୃତ ମହିଳାଙ୍କ ପରିବାରକୁ ବୀମାରାଶୀ ପ୍ରଦାନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ବାରିପଦା ବ୍ୟାଙ୍କ ର ରିଜୋନାଲ ମ୍ୟାନେଜର ଦେବପ୍ରସାଦ କୋହର ଉପସ୍ଥିତ ହୋଇ ସିଂଲା ପଞ୍ଚାୟତ ଅନ୍ତର୍ଗତ ସୀତାଡିହା ଗ୍ରାମର ହୃଦାନନ୍ଦ ଗାଣ ଙ୍କ ସ୍ତ୍ରୀ ମୃତ କାଞ୍ଚନ ବାଳା ଗାଣ ମୃତ୍ୟୁ ପୂର୍ବରୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ରେ ୩୩୦ ଟଙ୍କାର ଏକ ବୀମା କରିଥିଲେ । ତାଙ୍କ ମୃତ୍ୟୁ ପରେ ନୋମିନି ଥିବା ତାଙ୍କ ପୁଅ ସୁକିର୍ତ୍ତି ଗାଣ ଙ୍କୁ ୨ଲକ୍ଷ ଟଙ୍କାର ବୀମା ରାଶୀ ଚ୍ୟାକ ପ୍ରଦାନ କରିବା ସହିତ ସମସ୍ତ ସାଧାରଣ ଲୋକଙ୍କୁ ଏହି ବୀମା କରିବା ପାଇଁ ଆହ୍ୱାନ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ମ୍ୟାନେଜର ସରୋଜ କୁମାର ତ୍ରିପାଠୀ,ବିବେକାନନ୍ଦ ବେହେରା,ଏରିଆ ମ୍ୟାନେଜର କୁଶ ଚନ୍ଦ୍ର ପାଢୀ ଓ ଉକ୍ତ ବ୍ରାଞ୍ଚ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲେଶ୍ୱର, ୨୪/୦୫ (ନି.ପ୍ର): ରାଜ୍ୟ ଯୁବ କ୍ରୀଡ଼ା ବିଭାଗ ସହାୟତାରେ ତଥା ଜିଲା କ୍ରୀଡ଼ା ବିଭାଗ ଓ ପ୍ରଶାସନର ମିଳିତ ସହଯୋଗରେ ଗତ ୧ ତାରିଖରୁ ଜିଲା ଛାତ୍ରାବାସରେ ଚାଲିଥିବା ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ସହର ଉପକଣ୍ଠ ଭୀମପୁରା ଛାତ୍ରାବାସରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁଚାରୁ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ କ୍ରୀଡ଼ା ପ୍ରତିଭା ବିକାଶରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଧୀପ ଦାସ, ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର ସ୍ୱାଇଁ, ଅବସପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ ଦାସ, ବରିଷ୍ଠ ଖେଳ ଶିକ୍ଷକ ଚିତ୍ତରଂଜନ ପାଶା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାଗ୍ରହଣ ସାଙ୍ଗକୁ ଖେଳକୁଦର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏହି ଉଦଯାପନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ଗ୍ରୀଷ୍ମକାଳୀନ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

# ଜବର ଦଖଲ ପ୍ରକ୍ରିୟା ଆରମ୍ଭ

ଖୋର୍ଦ୍ଧା , ୨୪/୦୫ (ନି.ପ୍ର): ସକାଳ ୮ ସମୟରୁ ଖୋର୍ଦ୍ଧା ପୌରରିଷଦର ନୂଆ ବସଷ୍ଟାଣ୍ଡ ଟ୍ରାଫିକ ଛକଠାରୁ ଟି, ଏଲ, ସି, ରୋଡ ରାସ୍ତା କଡ଼ରେ ଥିବା ଦୋକାନଘର ଓ ରହିବା ଘର୍ ଜବରଦଖଲ ଉଚ୍ଛେଦ ପ୍ରକିୟା ଆରମ୍ଭ ହୋଇଛି ଓ ହବ।ଖୋର୍ଦ୍ଧା ପୌରପରିସଦ ନିର୍ବାହୀ ଅଧିକାରୀଣୀ , ତାଙ୍କ କର୍ମ ଚାରିଗଣ ,ଖୋର୍ଦ୍ଧା ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଦୀପ୍ତି ରଞ୍ଜନ ସେଠୀ ଓ ଆଦର୍ଶ ଥାନା ପୋଲିସ ଫୋର୍ସ ଉପସ୍ଥିତିରେ, ବୁଲ୍ଡ ଡୋଜର ଲଗାଇ ଭଙ୍ଗା ଜାଇ ଥିଲା। ଏହି ଭଙ୍ଗା ସମୟରେ ଖୋର୍ଦ୍ଧା ଜନ ସାଧାରଣ ଉପସ୍ଥିତ ରହି ପ୍ରଶ୍ନ କରିଥିଲେ କେବଳ ଦୀନ ମଜୁରିଆ,ଗରିବ ଦୋକାନ ଘର୍ ଭଙ୍ଗା ହେଉଛି ନା ଏହି ରାସ୍ତାରେ ବଡ଼ ବଡ ବଡିଆ ଘର୍, ଦୋକାନ ଘର ଭଙ୍ଗା ହେବ କି ନାହିଁ। ଏହି ରାସ୍ତାରେ ଦୁଇଟି ମଦ ଦୋକାନ ଅଛି ଗୋଟିଏ ସ୍ଥାନୀୟ ନାମଯାତା ନେତା, ଓ ଅନ୍ୟ ଫେଟି ହିସାବରେ ଜଣେ ପୁରାତନ ମଦ ବେବଶାୟି ଠିକା ଠିପି ଖୋଲା ଓ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଅଛି। ଏହି ରାସ୍ତା କଡ଼କୁ ଲାଗି ମଦ ଦୋକନ ଥିବାରୁ, ତାର ଚଖଣା ପାଇଁ ସରକାରୀ ଜାଗାରେ ବିନା ଫୁଡୁ ଲାଇସେନ୍ସ ବହୁ ଛୋଟ୍ ବଡ଼ ଦୋକାନ ଗଢି ଉଠିଛି। ଉକ୍ତ ରାସ୍ତା ଦେଇ ଡାକ୍ତରଖାନା ଆଦି ଥିବାରୁ ପିଲା ଛୁଆ ଧରି ଦିନ କି, ରାତ୍ରୀରେ ଜାଇ ହେଉନାହିଁ ମଦୁଆଙ୍କ ଗହଳି ଯୋଗୁ। ଏହି ସବୁ ଦୋକାନ କିଛି ସ୍ଥାନୀୟ ନେତା, କୁଜି ନେତା , ଧନୀ ମାନୀ ଙ୍କର ଅଛି । ଏହା କେବେ ମାପ ଚୁପ ହୋଇ ଭଙ୍ଗା ହେବ ବୋଲି ଲୋକଂକ ପ୍ରଶ୍ନ ବାଣରେ ଖୋର୍ଦ୍ଧା ଉପଜିଲ୍ଲାପାଳ, ଓ ପୌର ଅଧିକାରୀ ଜବାବ ରଖୁଥିଲେ ସବୁ ଶୀଘ୍ର ଭଙ୍ଗା ହେବ। କିଛି ଲୋକ କୋର୍ଟ ଷ୍ଟେୟେ ଆଦେଶ ଆଣିଛନ୍ତି ତାହା ଉଠିଲେ ଭଙ୍ଗା ଯିବ। ଏହି ସମୟେ ଖୋର୍ଦ୍ଧା କିଛି ସାମ୍ବାଦିକଭାଇ ଉପସ୍ଥିତ ରହି ଫଟ ଉତଳନ କରୁଥିଲେ ଓ ଖୋର୍ଦ୍ଧା ପ୍ରଶାସନକୁ ପଚାରିଥିଲେ ଖାଲି ଏହି ରାସ୍ତା କଡ ଭଙ୍ଗା ହେବନା ସବୁଠି ଲାଗୁ ହେବ। ଉପ ଜିଲାପାଳ ଉତ୍ତର ରଖୁଥିଲେ ଖୋର୍ଦ୍ଧା ପୌରପରିଷଦ ସବୁ ଯାଗାରେ ଲାଗୁ ରହିବ। ଏହା ଆରମ୍ଭ ମାତ୍ର। ଦେଖିବା ଖୋର୍ଦ୍ଧା ନୂତନ ମହିଳା ଯୁବତୀ ପୌର ଅଧିକାରୀ ଓ ଯୁବ ଉପ ଜିଲ୍ଲା ପାଳ ଦେଇ ଥିବା କଥା, ସତ କି ମିଛ ଭବିଷ୍ୟତ କହିବ।

# ପ୍ରକାଶିତ ସମ୍ବାଦର ପ୍ରଭାବ: ଶେଷରେ ବିଦ୍ୟାଳୟରେ ନାମ ଲେଖାଇଲେ ଲୋଧା ପିଲା

ଉଦଳା, ୨୪/୦୫ (ନି.ପ୍ର): କିଛିଦିନ ପୁର୍ବେ ବହୁ ସଂଖ୍ୟାରେ ଲୋଧା ସମ୍ପ୍ରଦାୟର ପିଲା ବିଦ୍ୟାଳୟ ବାହାରେ ରହିଥିବାର ଖବର ଗଣମାଧମରେ ପ୍ରକାଶ ପାଇଥିଲା । ଏହାପରେ ଉଦଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ତତ୍ପରତା ପ୍ରକାଶ ପାଇବା ସହିତ ଲୋଧା ପିଲା ମାନଙ୍କୁ ପୁଣିଥରେ କିପରି ବିଦ୍ୟାଳୟକୁ ଅଣାଯିବ ସେଥିପାଇଁ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ଜଗବନ୍ଧୁ ନାୟକ ଓ ମିନତୀ ପଣ୍ଡାଙ୍କ ଅଧକ୍ଷତାରେ ଏକ ଟିମ ଗଠନ କରାଯାଇଥିଲା । ଉକ୍ତ ଟିମ କ୍ଷେତ୍ର ପରିଦର୍ଶନ କରିବା ସହ ବିଦ୍ୟାଳୟ ବାହାରେ ଥିବା ଲୋଧା ପିଲାଙ୍କୁ ଚିହ୍ନଟ କରିଥିଲେ । ଏହାପରେ ଚଳିତ ମଇ ୨୩ ତାରିଖ ମଙ୍ଗଳବାରରେ ପ୍ରଥମ ପର୍ଯ୍ୟାୟରେ କିଛି ପିଲାଙ୍କୁ ଅଣାଯାଇ ଉଦଳା ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଯାଇଥିବାର ଜଣାଯାଇଛି । ଏହିପରି ପର୍ଯ୍ୟାୟ କ୍ରମେ ଲୋଧା ପିଲାଙ୍କୁ ଅଣାଯାଇ ନାମ ଲେଖାଯିବାର ବ୍ୟବସ୍ଥା କରାଯାଉଛି ବୋଲି ଉଦଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ କୁହାଯାଇଛି । ନାମ ଲେଖଶଇଥିବା ଏହିସବୁ ପିଲାମାନେ ହଷ୍ଟେଲରେ ରହି ପାଠ ପଢ଼ିବେ ବୋଲି ଜଣାଯାଇଛି । ବହୁ ସଂଖ୍ୟାରେ ପିଲା ହଷ୍ଟେଲରେ ରହି ପାଠ ପଢ଼ିବା ପାଇଁ ଚାହୁଁଛନ୍ତି, ଅଥଚ ହଷ୍ଟେଲ ମାନଙ୍କରେ ସେହିପରିମାଣରେ ସିଟ ନଥିବା ଯୋଗୁଁ ସମସ୍ୟା ମୁଣ୍ଡ ଟେକୁଥିବାର ଜଣାଯାଇଛି । ଏତିକିବେଳେ ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଜନଜାତିର ପିଲାମାନେ ରହୁଥିବା ହଷ୍ଟେଲ ମାନଙ୍କର ସିଟ ସଂଖ୍ୟା ବୃଦ୍ଧି ଘଟାଇବାକୁ ଦାବୀ ହୋଇଛି । ଖୁବ୍ ଶିଘ୍ର ଏବାବଦରେ ଏକ ଦାବୀପତ୍ର ମଂଚ ତରଫରୁ ଉଦଳାସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକଙ୍କୁ ପ୍ରଦାନ କରାଯିବ ବୋଲି ମଂଚର ଟିମ ଲିଡ଼ର ଗଦାଧର ଦାଶ ଜଣାଇଛନ୍ତି ।

# ଓଡିଶା ଗ୍ରାମ୍ୟବ୍ୟାଙ୍କ ସଜନାଗଡ଼ ଶାଖାରେ ଗ୍ରାହକ ହନ୍ତସନ୍ତ: ଲିଙ୍କଫେଲ ଦର୍ଶାଇ କର୍ତ୍ତୃପକ୍ଷ ଚୁପ୍

ନୀଳଗିରି , ୨୪/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଜନାଗଡ଼ ଗ୍ରାମ୍ୟବ୍ୟାଙ୍କ ଶାଖାରେ ଦୀର୍ଘଦିନ ଧରି ଅଚଳାବସ୍ଥା ଦେଖା ଦେଇଛି । ଫଳରେ ଗ୍ରାହକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି । ଉକ୍ତ ବ୍ୟାଙ୍କ ଶାଖାରେ ନିର୍ଭର କରି ଆସୁଥିବା ବୁଢାବୁଢ଼ୀ, ବିକଳାଙ୍ଗ ଓ ସାଧାରଣ ଗ୍ରାହକମାନେ ବାରମ୍ବାର ବ୍ୟାଙ୍କରୁ ଫେରୁଥିବା ବେଳେ ବୁଧବାର ଶାଖା ପରିସରରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା । ସୂଚନା ଅନୁଯାଇ ବିଗତ କିଛିଦିନ ପୂର୍ବରୁ ଶାଖାକାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଓଡିଶା ଗ୍ରାମ୍ୟବ୍ୟାଙ୍କ ର ଗ୍ରାହକ ମାନଙ୍କ ପାଇଁ ମେ ୧୫ତାରିଖ ପର୍ଯ୍ୟନ୍ତ ସଫ୍ଟଓ ୟାର ରେ ଗଡବଡି ଯୋଗୁ ଦେଣ ନେଣ ର ଅସୁବିଧା ରହିବ




ବୋଲି ସୂଚନା ଦିଆଯାଇଥିଲା । ମାତ୍ର ୧୫ତାରିଖ ରୁ ଆଜିପର୍ଯ୍ୟନ୍ତ ୯ଦିନରୁ ଅଧିକଦିନ ବିତିଯାଇଥିଲେ ମଧ ଗ୍ରାହକଙ୍କୁ ଶାଖା ଠିକ ଭାବେ ସେବା ଯୋଗାଇ ଦେଇପାରୁ ନାହିଁ । ଏନେଇ ଶାଖା ପରିଚାଳକଙ୍କୁ ଯୋଗାଯୋଗ କରାଯାଇଥିଲା । ତାଙ୍କ କହିବା କଥା ସାରା ଓଡ଼ିଶାରେ ସମସ୍ତ ଗ୍ରାମ୍ୟବ୍ୟାଙ୍କ ରେ ସଫ୍ଟୱେରେ କାମଚାଲିଥିବା ଯୋଗୁଁ ସର୍ଭର ଡାଉନ ରହୁଛି । ଉପରିସ୍ଥ ଅଧିକାରୀଙ୍କ କହିବା କଥା ଦୁଇଦିନ ପୂର୍ବରୁ ଦୁଇଟି କମ୍ପୁଟର ଅପଲୋଡ଼ କରି ଦିଆଯାଇଛି । ସେମାନେ ଯଦି କାମକରିନପାରିବେ ଆମେ କଣ କରିବା । ତେବେ ପ୍ରଶ୍ନ ଉଠୁଛି ଉଭୟ ଅଧିକାରୀ ପରସ୍ପର ଉପରେ କାଦ ଫିଙ୍ଗାଫିଙ୍ଗି ହେଉଥିବା ବେଳେ ସାଧାରଣ ଗ୍ରାହକ ଯେ ନାହିଁ ନଥିବା ହଇରାଣ ହେଉଛନ୍ତି ଏକଥା କାହାକୁ କହିବେ । କିଏ ଏଥିପାଇଁ ଉତ୍ତରଦାୟି ।

# ରାଷ୍ଟ୍ରପତି ଭଗବାନ ବିର୍ସାମୁଣ୍ଡା ପ୍ରତିମାରେ ମାଲ୍ୟାର୍ପଣ କଲେ

ରାଂଚି,୨୪/୦୫ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଦିନ ରାଂଚି ଏୟାରପୋର୍ଟରୁ ବିରସା ଛକରେ ପହଂଚିଥିଲେ । ସେ ସେଠାରେ ଭଗବାନ ବିର୍ସାଙ୍କ ପ୍ରତିମାରେ ମାଲ୍ୟାର୍ପଣ କରି ତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।
ରାଜ୍ୟପାଳ ସିପି ରାଧାକୃଷ୍ଣନ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଧ୍ୟ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ହାତ ହଲାଇ ଉପସ୍ଥିତ ଜନତାଙ୍କୁ ଅଭିବାଦନ ଜଣାଇଥିଲେ । ଏହା ପରେ ସେ ଅଲବର୍ଟ ଏକା ଛକ ସ୍ଥିତ ପରମବୀର ଚକ୍ର ବିଜେତା ଲାନଓ ନାୟକ ଅଲବର୍ଟ ଏକାଙ୍କ ପ୍ରତିମା ରେ ମାଲ୍ୟାପଣ କରିଥିଲେ ।

# କନ୍ଧମାଳ ସିନ୍ଧିପଙ୍ଖାଲ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ

କନ୍ଧମାଳ , ୨୪/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କୁର୍ତମଗଡ଼ ନିକଟସ୍ଥ ସିନ୍ଧିପଙ୍ଖାଲ ଜଙ୍ଗଲରେ ସୁରକ୍ଷାକର୍ମୀ -ମାଓବାଦୀ ମଧ୍ୟରେ ଗୁଳିବିନିମୟ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛି ପୋଲିସ୍ । ସୂଚନା ପ୍ରକାରେ ଗୁଇନ୍ଦା ସୂଚନା ଆଧାରରେ ସମ୍ପୃକ୍ତ ଅଞ୍ଚଳରେ ଏସ୍‌ଓଜି ଯବାନମାନେ କୁମ୍ବିଂ ଅପରେସନ୍ ଚଳାଇଥିଲେ । ଆଜି ସକାଳ ପ୍ରାୟ ୫ଟା ୪୦ମିନିଟ୍ ସମୟରେ ସିନ୍ଧିପଙ୍ଖାଲ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ । କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳିବିନିମୟ ଘଟିବା ପରେ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି ।

# ଆଳିରେ କପଡ଼ା ଦୋକାନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୨୪/୦୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନୂଆବଜାରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । କ୍ଲଥଷ୍ଟୋରରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର କପଡ଼ା ଜଳି ଯାଇଛି । ସୂଚନା ମିଳିବା ପରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ମିଳିଥିବା ସୂଚନା ଅନୁସାରେ ଆଜି ସକାଳୁ ସକାଳୁ ନୂଆବଜାରରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଦମକଳବାହିନୀକୁ ଖବର ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo